# ଧରିତ୍ରୀ
DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 22/2025 Page 16 ₹ 7.00

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

୫୧ଶ ଭାଗ ୩୫୬ ସଂଖ୍ୟା VOLUME 51 ISSUE 356 ମୂଲ୍ୟ ₹୭/-


# ଦୁବାଇ ଏୟାର ଶୋ'ରେ ତେଜସ୍ ଦୁର୍ଘଟଣାଗ୍ରସ୍ତ: ପାଇଲଟ୍ ମୃତ



ଏୟାର ଶୋ'ରେ ଭାଗ ନେଇଥିବା ତେଜସ୍ ଯୁଦ୍ଧବିମାନ ଦୁବାଇର ଏକ ଏୟାରଫିଲ୍ଡ ଗ୍ରାଉଣ୍ଡରେ ଖସିପଡ଼ିବା ପରେ ଜଳୁଛି।

**ନୂଆଦିଲ୍ଲୀ/ଦୁବାଇ,୨୧।୧୧(ପି.ଟି.)**

ଦୁବାଇ ଏୟାର ଶୋ'ରେ ଭାଗନେଇଥିବା ଭାରତୀୟ ବାୟୁସେନାର ତେଜସ୍ ଯୁଦ୍ଧବିମାନ ଶୁକ୍ରବାର ଅପରାହ୍ଣରେ ସାମରିକ କୌଶଳ ପ୍ରଦର୍ଶନ କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ପାଇଲଟଙ୍କ ମୃତ୍ୟୁ ଘଟିଛି। ମୃତ ପାଇଲଟ୍ ହେଉଛନ୍ତି ବାୟୁସେନା ଉଇଂ କମାଣ୍ଡର ନମାଂଶ ସୟାଲ। ତାଙ୍କ ଘର ହିମାଚଳପ୍ରଦେଶର କାଙ୍ଗ୍ରା ଜିଲାରେ। ତାଙ୍କ ମୃତ୍ୟୁରେ ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଶୋକବ୍ୟକ୍ତ କରିଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ବାୟୁସେନା ପକ୍ଷରୁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣାବେଳର ଦୃଶ୍ୟ ବିଭିନ୍ନ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଛି, ଯେଉଁଥିରେ ଜେଟ୍‌ଟି ସିଧା ତଳକୁ ଖସିବା ପରେ ଭୂମିରେ ମାଡ଼ହୋଇ ଜଳିଯାଉଥିବା ଦେଖାଯାଇଛି। ହିନ୍ଦୁସ୍ଥାନ ଏରୋନଟିକ୍ସ ଲିଃ (ଏଚ୍‌ଏଏଲ୍) ନିର୍ମିତ ତେଜସ୍ ଯୁଦ୍ଧବିମାନ ଶୁକ୍ରବାର ସ୍ଥାନୀୟ ସମୟ ଅପରାହ୍ଣ ୨ଟା ୧୦ ମିନିଟ୍ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନିୟନ୍ତ୍ରଣ ହରାଇବାରୁ ଏହା ଖସିପଡ଼ିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏୟାର ଶୋ' ଦେଖିବା ପାଇଁ ରୁଣ୍ଡ ହୋଇଥିବା ଲୋକେ ଏହି ଘଟଣାରେ ସ୍ତବ୍ଧ ହୋଇଯାଇଥିଲେ।

**ଆଜିର ସମ୍ପାଦକୀୟ**

**ଆଇଆର୍‌ଏସ୍‌ରୁ ଏମ୍‌ଏଲ୍‌ଏ**








ଶାଢ଼ୀ | କୁର୍ତ୍ତା | କୁର୍ତ୍ତା ସେଟ | ବ୍ଲାଉଜ | ଡ୍ରେସମ୍ୟାଟେରିଆଲ

**Opening Shortly** at **Chandrasekharpur, Bhubaneswar, Beside Tanishq, Mob.: 7788011102**

**Bhubaneswar:** 108D, Next to Tanishq Master Canteen, Station Square, Ph: 7788011103 | **Cuttack:** Plot B-1370, Sector 6 Main Road, CDA, Ph: 9090777710, 0671-2950100



**ବାୟୁ ପ୍ରଦୂଷଣ:** ଧୂଆଁ ଧୂଳି ଆସ୍ତରଣରେ ଘୋଡ଼ାଇ ହୋଇଥିବା ଦିଲ୍ଲୀର ରାସ୍ତା କମ୍ ଦୃଶ୍ୟମାନ ହେଉଥିବାବେଳେ ଗାଡ଼ିଗୁଡ଼ିକ ମନ୍ଥର ଗତିରେ ଚାଲୁଛି।

# ଭାରତୀୟ କମ୍ପାନୀ ଉପରେ ଆମେରିକା କଟକଣା

**ନ୍ୟୁୟର୍କ/ୱାଶିଂଟନ,୨୧।୧୧(ପି.ଟି.)**

## ଇରାନୀୟ ପେଟ୍ରୋଲିୟମ୍ ବିକ୍ରିରେ ସମ୍ପୃକ୍ତି ନେଇ କାର୍ଯ୍ୟାନୁଷ୍ଠାନ

ଇରାନର ପେଟ୍ରୋଲିୟମ୍ ଏବଂ ପେଟ୍ରୋଲିୟମ୍ ଉତ୍ପାଦ ବିକ୍ରି ସହ ସମ୍ପୃକ୍ତ ଭାରତୀୟ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ଉପରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ କଟକଣା ଲଗାଇଛି। ଉକ୍ତ ବ୍ୟବସାୟରୁ ଉପାର୍ଜିତ ଅର୍ଥ ଇରାନ ସହ ଜଡ଼ିତ ଆଞ୍ଚଳିକ ଆତଙ୍କବାଦୀମାନଙ୍କ ପାଇଁ ବ୍ୟୟହେବା ସହ ଅସ୍ତ୍ରଶସ୍ତ୍ର କିଣାଯାଉଛି, ଯାହା ଆମେରିକା ପ୍ରତି ପ୍ରତ୍ୟକ୍ଷ ବିପଦ ବୋଲି ୱାଶିଂଟନ ପକ୍ଷରୁ କୁହାଯାଇଛି। ବେଆଇନ ତୈଳ ବିକ୍ରିକରି ଇରାନୀୟ ଶାସକଙ୍କ ଅନିଷ୍ଟକାରୀ କାର୍ଯ୍ୟକଳାପରେ ପାଣ୍ଠି ବିନିଯୋଗ ପାଇଁ ଦାୟୀ ଶିପିଙ୍ଗ୍ ନେଟ୍‌ୱର୍କ ଉପରେ ଆମେରିକା ପରରାଷ୍ଟ୍ର ଏବଂ ଟେଜେରି ବିଭାଗ କଟକଣା ଲଗାଇଛି। ସେହିପରି ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନକୁ ଅସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଥିବା ଏକ ଏୟାରଲାଇନ୍ ଓ ଏହାର ସହଯୋଗୀ ସଂସ୍ଥା ଉପରେ କଟକଣା ଲାଗିଛି।

ଟେଜେରି ବିଭାଗର ବିଦେଶୀ ସମ୍ପତ୍ତି ନିୟନ୍ତ୍ରଣ ସ୍ୱତନ୍ତ୍ର ଜାତୀୟ ତାଲିକାରେ ଭାରତୀୟ ନାଗରିକ ଜୈର ହୁସେନ୍ ଇକ୍‌ବାଲ ହୁସେନ୍ ସୟେଦ, ଜୁଲ୍‌ଫଇକର ହୁସେନ ରିଜଭି ସୟେଦ, ମହାରାଷ୍ଟ୍ରର ଅର୍‌ଏନ୍ ଶିପ୍ ମ୍ୟାନେଜ୍‌ମେଣ୍ଟ ପ୍ରା. ଲିଃ ଏବଂ ପୁଣେର ଟିଆର୍‌୬ ପେଟ୍ରୋ ଇଣ୍ଡିଆ ଏଲ୍‌ଏଲ୍‌ପି ରହିଛି। ସେହିପରି ପରରାଷ୍ଟ୍ର ବିଭାଗର କଟକଣା ତାଲିକାରେ ଭାରତ, ପାନାମା, ସିଚେଲ୍ସ ସମେତ ବିଭିନ୍ନ ଦେଶର ୧୭ଟି ସଂସ୍ଥା , ବ୍ୟକ୍ତିବିଶେଷ ଓ ଜାହାଜ ରହିଛି। ଇରାନରୁ ପେଟ୍ରୋଲିୟମ୍ ଓ ପେଟ୍ରୋକେମିକାଲ ରପ୍ତାନିରେ ସମ୍ପୃକ୍ତ ତଥା ଇରାନକୁ କ୍ଷତିକାରକ କାର୍ଯ୍ୟକଳାପ ଲାଗି ସହାୟତା ଯୋଗାଇବା ନିମନ୍ତେ ଆର୍ଥିକ ଓ ବ୍ୟବସାୟିକ କାର୍ଯ୍ୟରେ ସମ୍ପୃକ୍ତ ୪୧ ସଂସ୍ଥା, ବ୍ୟକ୍ତିବିଶେଷ, ଜାହାଜ, ବିମାନକୁ ଟେଜେରି ବିଭାଗ ତାଲିକାଭୁକ୍ତ କରିଛି। ଇରାନୀୟ ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ୍ ସାମଗ୍ରୀ ପରିବହନରେ ସମ୍ପୃକ୍ତ ସାମୁଦ୍ରିକ ସେବ ପ୍ରଦାନକାରୀ, ପ୍ରତିବନ୍ଧକ ଲାଗିଥିବା ସାମଗ୍ରୀ ପରିବହନ କରୁଥିବା ଜାହାଜ ଏବଂ ପେଟ୍ରୋଲିୟମ୍ ଉତ୍ପାଦ ଟ୍ରେଡର ନେଟ୍‌ୱର୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଆମେରିକା କହିଛି।

## ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ: ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୧।୧୧(ପି.ଟି.)**

କେରଳ, ଉତ୍ତରପ୍ରଦେଶ ଓ ଅନ୍ୟ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପାଇଁ ନିର୍ବାଚନ କମିଶନ(ଇସି)ଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଉକ୍ତ ପିଟିଶନ ଉପରେ ଶୁଣାଣି ପାଇଁ ଶୁକ୍ରବାର ରାଜି ହୋଇଛନ୍ତି। ବିଭିନ୍ନ ରାଜନେତା ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ପିଟିଶନ୍ ଦାଏର କରିଥିଲେ। ଏହି ସମସ୍ତ ସାନି ପିଟିଶନ ଉପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଏସ୍.ଭି.ଏନ୍. ଭଟ୍ଟି ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଇସିଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। କେରଳ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ ଉପସ୍ଥିତ ରହି ରାଜ୍ୟରେ ପୌର ନିର୍ବାଚନ ସହ ଏକସଙ୍ଗେ ଭୋଟର ତାଲିକାର ଏସ୍‌ଆଇଆର୍ ପରିଚାଳନାକୁ ଚ୍ୟାଲେଞ୍ଜ କରିଥିଲେ।

# କାର୍ଯ୍ୟକାରୀ ହେଲା ୪ ଶ୍ରମ ଆଇନ

**ନୂଆଦିଲ୍ଲୀ,୨୧।୧୧(ପି.ଟି.)**

## ସବୁ କର୍ମଚାରୀଙ୍କୁ ମିଳିବ ସାମାଜିକ ସୁରକ୍ଷା




କେନ୍ଦ୍ର ସରକାର ଶ୍ରମ ଆଇନରେ ବ୍ୟାପକ ସଂସ୍କାର ଆଣିଛନ୍ତି। ୨୦୨୦ରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ଉକ୍ତ ୪ ଶ୍ରମ ଆଇନକୁ ଶୁକ୍ରବାରଠାରୁ କାର୍ଯ୍ୟକାରୀ କରାଯାଇଛି। ଏହି ବୃହତ୍ ସଂସ୍କାର ଅନୁଯାୟୀ, ଅସ୍ଥାୟୀ ଓ ପାର୍ଟଟାଇମ୍ ଜବ୍ କରୁଥିବା କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ପରିସରଭୁକ୍ତ କରାଯିବ। ସମସ୍ତ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ, ବୈଧାନିକ ସର୍ବନିମ୍ନ ମଜୁରି ଏବଂ ସବୁ ସେକ୍ଟରରେ ଠିକ୍ ସମୟରେ ବେତନ ପ୍ରଦାନକୁ ବାଧ୍ୟତାମୂଳକ କରାଯିବ। ପୂର୍ବରୁ ଥିବା ୨୯ଟି ଖଣ୍ଡିତ ଆଇନ ସ୍ଥାନରେ ୪ ନୂଆ ଶ୍ରମ ଆଇନ ଯଥା କୋଡ୍ ଅଫ୍ ୱେଜେସ୍ (୨୦୧୯), ଇଣ୍ଡଷ୍ଟ୍ରିଆଲ ରିଲେଶନ୍ସ କୋଡ୍ (୨୦୨୦), କୋଡ୍ ଅନ୍ ସୋସିଆଲ୍ ସିକ୍ୟୁରିଟି(୨୦୨୦) ଏବଂ ଅକ୍ୟୁପେଶନାଲ ସେଫ୍ଟି, ହେଲ୍‌ଥ ଆଣ୍ଡ ୱର୍କିଂ କଣ୍ଡିଶନ୍ସ କୋଡ୍ (୨୦୨୦) ଶୁକ୍ରବାର କାର୍ଯ୍ୟକାରୀ ହୋଇଛି।

ଶ୍ରମ ଆଇନରେ ହୋଇଥିବା ସଂସ୍କାର ମଧ୍ୟରେ ରହିଛି ରାତି ଶିଫ୍ଟରେ କାମ କରୁଥିବା କର୍ମଚାରୀଙ୍କ ସମେତ ମହିଳାମାନଙ୍କ ଅଧିକାର ଓ ସୁରକ୍ଷା ବଢ଼ାଇବା, ୪୦ ବର୍ଷ ବୟସରୁ ଊର୍ଦ୍ଧ୍ୱ କର୍ମଚାରୀମାନଙ୍କୁ ବାର୍ଷିକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ, ବିପଜ୍ଜନକ ପ୍ରକ୍ରିୟା ସହ ଜଡ଼ିତ ସଂସ୍ଥା ସମେତ ସମସ୍ତ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦେଶବ୍ୟାପୀ ଇଏସ୍‌ଆଇସି ସୁବିଧା ଯୋଗାଇଦେବା ଏବଂ ଏକକ ପଞ୍ଜୀକରଣ, ଲାଇସେନ୍ସ ଏବଂ ରିଟର୍ନ ବ୍ୟବସ୍ଥା। ଏହି ସମସ୍ତ ଲେବର କୋଡ୍ ସାର୍ବଜନିକ ସାମାଜିକ ସୁରକ୍ଷା, ସର୍ବନିମ୍ନ ତଥା ଠିକ୍ ସମୟରେ ମଜୁରି ପ୍ରଦାନ, ସୁରକ୍ଷିତ କାର୍ଯ୍ୟସ୍ଥଳ ନିମନ୍ତେ ଦୃଢ଼ ମୂଳଦୁଆ ହେବା ସହ ଆମ ଲୋକମାନଙ୍କର ବିଶେଷକରି ନାରୀଶକ୍ତି ଓ ଯୁବଶକ୍ତିଙ୍କ ପାଇଁ ଲାଭଦାୟକ ଅବସର ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି Xରେ ଏକାଧିକ ପୋଷ୍ଟ ଜରିଆରେ କହିଛନ୍ତି। ଏହା ଭବିଷ୍ୟତ ପାଇଁ ପ୍ରସ୍ତୁତ ବ୍ୟବସ୍ଥା ସୃଷ୍ଟି କରିବ ଯାହା କର୍ମଚାରୀମାନଙ୍କୁ ଅଧିକାରର ସୁରକ୍ଷା କରିବା ସହ ଭାରତର ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼ କରିବ। ଏହି ସଂସ୍କାର ନିଯୁକ୍ତି ସୃଷ୍ଟି ବଢ଼ାଇବା ସହ ଉତ୍ପାଦନ ମଧ୍ୟ ବୃଦ୍ଧି କରିବ। ବିକଶିତ ଭାରତ ଦିଗରେ ଆମ ଯାତ୍ରାକୁ ଏହା ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଶ୍ରମ ଆଇନ ନିଯୁକ୍ତିକୁ ବୈଧାନିକ ମାନ୍ୟତା ପ୍ରଦାନ କରିବା ସହ କର୍ମଚାରୀମାନଙ୍କୁ ସୁରକ୍ଷା ବଢ଼ାଇବ ଏବଂ ଶ୍ରମ ବ୍ୟବସ୍ଥାକୁ ସରଳ, ସୁରକ୍ଷିତ ଓ ବୈଶ୍ୱିକ ସ୍ତରୀୟ କରିବ ବୋଲି ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

ଅତିରିକ୍ତ ବ୍ୟବସ୍ଥାଗତ ସଂସ୍କାରରେ ଏକ ଜାତୀୟ ନ୍ୟୂନତମ ବେତନ ଏବଂ ଲିଙ୍ଗଗତ ସମାନତା କାର୍ଯ୍ୟ ନୀତି ରହିଛି। ଏଥିସହିତ ସହାୟକ ଅନୁପାଳନ ପାଇଁ ଇନ୍ସପେକ୍ଟର-କମ୍-ଫାସିଲିଟେଟର ମଡେଲ୍, ୨ ସଦସ୍ୟ ବିଶିଷ୍ଟ ଟ୍ରିବ୍ୟୁନାଲ ଜରିଆରେ ବିବାଦର ତ୍ୱରିତ୍ ସମାଧାନ, ଜାତୀୟ ପେସାଦାରି ସୁରକ୍ଷା, ସ୍ୱାସ୍ଥ୍ୟ ବୋର୍ଡ ରହିଛି। ସରକାର ସବିଶେଷ ନିୟମାବଳୀ ଏବଂ ଯୋଜନା ପାଇଁ ଏବେ ବିଚାରବିମର୍ଶ ଚଳାଇଛନ୍ତି। ଏହି ଆଇନ ଆତ୍ମନିର୍ଭର ଭାରତ ପାଇଁ ମୂଳଦୁଆ ପକାଇବ ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୨୦୧୫ରେ ସାମାଜିକ ସୁରକ୍ଷା କଭରେଜ୍ ୧୯ ପ୍ରତିଶତ ଥିବାବେଳେ ୨୦୨୫ରେ ଏହା ୬୪ ପ୍ରତିଶତରୁ ଅଧିକ ହୋଇଛି।

## ୨୦ ବର୍ଷ ପରେ ଗୃହ ବିଭାଗ ଛାଡ଼ିଲେ ନୀତୀଶ

**ପାଟନା,୨୧।୧୧**

ବିହାର ମୁଖ୍ୟମନ୍ତ୍ରୀ ଭାବେ ନୀତୀଶ କୁମାର ୧୦ମ ଥର ପାଇଁ ଶପଥ ନେବାର ଦିନକ ପରେ ତାଙ୍କ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରିଛନ୍ତି। ୨୦୦୫ରେ କ୍ଷମତାକୁ ଆସିବା ପରଠାରୁ ଗୃହ ବିଭାଗକୁ ନିଜ ହାତରେ ରଖିଥିବା ନୀତୀଶ ଏଥର ତାହା ଭାଜପାକୁ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କୁ ଉକ୍ତ ବିଭାଗ ମିଳିଛି। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କୁ ରାଜସ୍ୱ ଓ ଜମି ସଂସ୍କାର ବିଭାଗ ମିଳିଥିବାବେଳେ ମଙ୍ଗଳ ପାଣ୍ଡେଙ୍କୁ ସ୍ୱାସ୍ଥ୍ୟ ଓ ଆଇନ ବିଭାଗ ଦିଆଯାଇଛି। ଭାଜପା ରାଜ୍ୟ ସଭାପତି ଥିବା ଦିଲୀପ ଜୟସ୍ୱାଲ ଶିଳ୍ପମନ୍ତ୍ରୀ ହୋଇଥିବାବେଳେ ନିତୀନ ଗବୀନଙ୍କୁ ସଡ଼କ ନିର୍ମାଣ, ସହରାଞ୍ଚଳ ବିକାଶ ଓ ଗୃହନିର୍ମାଣ ବିଭାଗ ମିଳିଛି। ରାମକୃପାଳ ଯାଦବ କୃଷି ବିଭାଗ ପାଇଥିବାବେଳେ ସଞ୍ଜୟ ଟାଇଗର ଶ୍ରମ ସମ୍ବଳ ବିଭାଗ ମନ୍ତ୍ରୀ ଓ ଅରୁଣ ଶଙ୍କର ପ୍ରସାଦ ପର୍ଯ୍ୟଟନ, ସଂସ୍କୃତି ଓ ଯୁବ ବ୍ୟାପାର ମନ୍ତ୍ରୀ ହୋଇଛନ୍ତି।

## କପ୍ ୩୦ ସମିଟ୍ ସ୍ଥଳରେ ଅଗ୍ନିକାଣ୍ଡ: ୨୧ ଆହତ

**ବେଲେମ୍,୨୧।୧୧**

ବ୍ରାଜିଲର ବେଲେମ୍‌ଠାରେ ଜାତିସଂଘର କପ୍‌୩୦ ଜଳବାୟୁ ସମ୍ମିଳନୀ ଚାଲିଥିବା ମୁଖ୍ୟ ସ୍ଥଳ ବ୍ଲୁ ଜୋନ୍‌ରେ ନିଆଁଲାଗି ଅନ୍ୟୂନ ୨୧ ଜଣ ଆହତ ହୋଇଛନ୍ତି। ବ୍ଲୁ ଜୋନ୍‌ରେ ସମସ୍ତ ବୈଠକ, ବୁଝାମଣା ସ୍ଥଳ ସହ ସେଠାରେ ବିଭିନ୍ନ ଦେଶର ମଞ୍ଚ, ମୁଖ୍ୟ ପ୍ଲେନାରୀ ହଲ୍, ମିଡିଆ ସେଣ୍ଟର ଏବଂ ସମସ୍ତ ହାଇପ୍ରୋଫାଇଲ୍ ପ୍ରତିନିଧିଙ୍କ କାର୍ଯ୍ୟାଳୟ ରହିଛି। ସ୍ଥାନୀୟ ସମୟ ଗୁରୁବାର ଅପରାହ୍ନ ୨ଟାରେ ସେଠାରେ ନିଆଁ ଲାଗିଥିଲା। ଯାଞ୍ଚ ପାଇଁ କର୍ତ୍ତୃପକ୍ଷ ଉକ୍ତ ସ୍ଥାନକୁ ବନ୍ଦ କରିଦେଇଥିବାବେଳେ ରାତି ୮ଟା ୪୦ ମିନିଟ୍‌ରେ ପୁନର୍ବାର ଖୋଲିଥିଲା।

# ବାଂଲାଦେଶରେ ଭୂକମ୍ପ: ୬ ମୃତ

## ପଶ୍ଚିମବଙ୍ଗ, ଉତ୍ତରପୂର୍ବାଞ୍ଚଳରେ ଝଟକା

**ଢାକା/କୋଲକାତା,୨୧।୧୧**

ବାଂଲାଦେଶରେ ଶୁକ୍ରବାର ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହେବା ସହ ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଛି। ଭୂକମ୍ପ ଯୋଗୁ ବିଭିନ୍ନ ସ୍ଥାନରେ ନିଆଁ ଲାଗିଯିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ରାଜଧାନୀ ଢାକାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ନାରାୟଣଗଞ୍ଜରେ ଜଣେ ଏବଂ ନରସିଙ୍ଗଡିରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ବିଭିନ୍ନ ସ୍ଥାନରେ ୫୦ ଜଣ ଆହତ ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ସ୍ଥାନୀୟ ସମୟ ପୂର୍ବାହ୍ନ ୧୦ଟା ୩୮ ମିନିଟ ସମୟରେ ଅନୁଭୂତ ହୋଇଥିବା ଭୂକମ୍ପର କେନ୍ଦ୍ରସ୍ଥଳ ନରସିଙ୍ଗଡିର ୧୦ କିଲୋମିଟର ଗଭୀରରେ ବୋଲି ବାଂଲାଦେଶ ପାଣିପାଗ ବିଭାଗ କହିଛି।

ଭୂକମ୍ପ ପ୍ରଭାବରେ ଭାରତର ପଶ୍ଚିମବଙ୍ଗ ଏବଂ ଉତ୍ତରପୂର୍ବାଞ୍ଚଳରେ ଝଟକା ଅନୁଭୂତ ହୋଇଥିଲା। କୋଲକାତା ଏବଂ ଗୁଆହାଟୀରେ ବହୁ ଲୋକ ଭୟରେ ଘରୁ ବାହାରି ଆସିଥିଲେ। ତେବେ ଭାରତରେ ଭୂକମ୍ପଜନିତ କୌଣସି କ୍ଷୟକ୍ଷତି ଘଟିଥିବାର ଖବର ମିଳିନାହିଁ।

# ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ଇଡି ଚଢ଼ାଉ

## କୋଇଲା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ରାଞ୍ଚି,୨୧।୧୧**



କୋଇଲା ମାଫିଆଙ୍କ ଘର ଓ କାର୍ଯ୍ୟାଳୟରେ ଇଡି ଚଢ଼ାଉ ବେଳେ ଜବତ ସୁନା ଅଳଙ୍କାର ଓ ନଗଦ ଟଙ୍କା।

କୋଇଲା ମାଫିଆ ନେଟ୍‌ୱର୍କ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ୪୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରିଛି। ଝାଡ଼ଖଣ୍ଡର ଧାନବାଦ ଜିଲାର ୧୮ଟି ସ୍ଥାନରେ ଶୁକ୍ରବାର ସକାଳେ ଇଡି ଟିମ୍ ବ୍ୟାପକ ଚଢ଼ାଉ କରିଥିଲା। ବିସିସିଏଲ୍ ପାଇଁ ଆଉଟ୍‌ସୋର୍ସିଂ କାର୍ଯ୍ୟ ପରିଚାଳନା କରୁଥିବା ଦେବପ୍ରଭା କମ୍ପାନୀ ପରିସର ସମେତ ଏହାର ମାଲିକ ଏଲ୍.ବି. ସିଂ ଓ ଭାଇ କୁମ୍ଭନାଥ ସିଂଙ୍କ ବାସଭବନରେ ଏକସଙ୍ଗେ ଚଢ଼ାଉ ହୋଇଥିଲା। ସୂଚନା ଅନୁଯାୟୀ, କୋଇଲା ବ୍ୟବସାୟରେ କଳାବଜାର, ଠିକା ପ୍ରଦାନରେ ଅନିୟମିତତା ଏବଂ ବେଆଇନ ଆର୍ଥିକ କାରବାର ଉପରେ ଇଡି ତଦନ୍ତରେ ଗୁରୁତ୍ୱ ଦିଆଯାଇଛି। ବିସିସିଏଲ୍‌ର ବିଭିନ୍ନ ଟେଣ୍ଡରରେ ଅନିୟମିତତା ଓ ପକ୍ଷପାତିତା କରାଯାଇଥିଲା। ଧାନବାଦର ଅନ୍ୟ କୋଇଲା ବ୍ୟବସାୟୀ ଅନିଲ ଗୋୟଲ, ସଞ୍ଜୟ ଖେମକା ବିନୋଦ ମାହାତୋ ଏବଂ ସୁନ୍ନୀ କେଶରୀଙ୍କ ସମେତ ଅନ୍ୟମାନଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। କୋଇଲା ବ୍ୟବସାୟ ସହ ଜଡ଼ିତ ଆର୍ଥିକ କାରବାରର ଦସ୍ତାବିଜ୍ ଓ ରେକର୍ଡକୁ ଇଡି ଟିମ୍ ଯାଞ୍ଚ କରିଥିଲା। ଚଢ଼ାଉ ବେଳେ ବିପୁଳ ଦସ୍ତାବିଜ୍, ଡିଜିଟାଲ ରେକର୍ଡ, କାଗଜପତ୍ର ସମେତ ବହୁ ପରିମାଣର ନଗଦ ଟଙ୍କା ଓ ସୁନା ଅଳଙ୍କାର ଜବତ ହୋଇଛି।

**ଫୁର୍‌ସତ୍**

# ୬୪ ଦିନ ଦେଖିପାରିବେନି ସୂର୍ଯ୍ୟୋଦୟ



**ନ୍ୟୁୟର୍କ**

ଏମିତି ଏକ ସ୍ଥାନ ଅଛି ଯେଉଁଠି ଆଗାମୀ ୬୪ ଦିନ ପାଇଁ ସୂର୍ଯ୍ୟ ଦିଗନ୍ତ ତଳେ ରହିବ। ଅର୍ଥାତ୍ ସୂର୍ଯ୍ୟ ଉଦୟ ଦେଖିପାରିବେନି ଲୋକେ। ଆମେରିକାର ଉତ୍ତରତମ ଅଞ୍ଚଳ ଆଲାସ୍କାର ଉଟକିଆଗଭିକ୍‌ରେ ପୋଲାର ନାଇଟ୍ ହେବ। ଏହାର ଅର୍ଥ ହେଉଛି ଉଟକିଆଗଭିକ୍‌ର ଲୋକମାନେ ୨୨ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ସୂର୍ଯ୍ୟକୁ ଦେଖିପାରିବେ ନାହିଁ। କାରଣ ପୃଥିବୀ ଏହାର ଅକ୍ଷ ଉପରେ ଢଳି ରହିଛି। ଏହି ସ୍ଥାନଟି ଆର୍କଟିକ ସର୍କଲ ଉପରେ ତଥା ଉତ୍ତର ଯୁକ୍ତରାଷ୍ଟ୍ରରେ ଅବସ୍ଥିତ। ଏହି ସହରରେ ପ୍ରତିବର୍ଷ ଏପରି ଘଟିଥାଏ। ପୋଲାର ନାଇଟ୍ ଅର୍ଥ ହେଉଛି ଏହି ସମୟ ମଧ୍ୟରେ ସୂର୍ଯ୍ୟ ଉଦୟ ହେବ ନାହିଁ। ସମଗ୍ର ଦିନ ଅନ୍ଧାର ରହିଥାଏ। ଉଟକିଆଗଭିକ୍, ଯାହା ପୂର୍ବରୁ ବାରୋ ନାମରେ ନାମିତ ଥିଲା। ପୃଥିବୀ ଢଳିବା ଯୋଗୁ ସୂର୍ଯ୍ୟ କିଛିଦିନ ପାଇଁ ଦେଖାଯାଏ ନାହିଁ। ଚଳିତବର୍ଷ ନଭେମ୍ବର ୧୮ ତାରିଖ ଅପରାହ୍ନ ୧ଟା ୩୬ରେ ସୂର୍ଯ୍ୟ ଅସ୍ତ ହୋଇଥିବାବେଳେ ୨୨ ଜାନୁଆରୀ ୨୦୨୬ରେ ପୁନର୍ବାର ଉଦିତ ହେବ। ଏହି ସମୟ ଠିକ୍ ୬୪-୬୫ ଦିନ।

ପୃଥିବୀ ନିଜ ଅକ୍ଷ ଉପରେ ୨୩.୫ ଡିଗ୍ରୀ ଢଳି ରହିଥାଏ। ଶୀତଦିନେ ଉତ୍ତର ମେରୁ ସୂର୍ଯ୍ୟଠାରୁ ଦୂରକୁ ମୁହଁକରି ରହିଥାଏ, ଯାହା ସୂର୍ଯ୍ୟକିରଣକୁ ଆର୍କଟିକ ଅଞ୍ଚଳକୁ ପହଞ୍ଚିବାକୁ ବାଧା ଦିଏ। ଗ୍ରୀଷ୍ମ ଋତୁରେ ଏହାର ବିପରୀତ ଘଟେ; ଯେତେବେଳେ ପୋଲାର ଦିବସ ହୁଏ ନାହିଁ କି ସୂର୍ଯ୍ୟ କେବେ ଅସ୍ତ ହୁଅନ୍ତି ନାହିଁ। ଉଟକିଆଗଭିକ୍‌ରେ ସୂର୍ଯ୍ୟ ଅସ୍ତହୁଏ ନାହିଁ ଏବଂ ମେ'ରୁ ଅଗଷ୍ଟ ପର୍ଯ୍ୟନ୍ତ ଲଗାତର ୮୦-୮୫ ଦିନ ପାଇଁ ଦିବାଲୋକ ରହିଥାଏ।

ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ ବିଶ୍ୱ ଉଷ୍ମତା ଯୋଗୁ ଏଠାରେ ବରଫ ତରଳି ଯାଉଛି, ଯାହା ପୋଲାର ରାତିକୁ ପ୍ରଭାବିତ କରିପାରେ।

# ବଢ଼ିଲାଣି ବିବାହ ଚର୍ଚ୍ଚା



ତାରା ସୁତାରିଆ

**ମୁମ୍ବାଇ**

ପ୍ରଥମ ପ୍ରେମଠାରୁ ଅଲଗା ହେବା ପରେ ବଲିଉଡର ଅଭିନେତ୍ରୀ ତାରା ସୁତାରିଆ ଭାଙ୍ଗି ପଡ଼ିଥିଲେ। ହେଲେ ବ୍ରେକ୍‌ଅପ୍ ପରେ ଜୀବନକୁ ଆସିଲେ ଆଉ ଜଣେ ପରିଚିତ ଅତିଥି। ତାଙ୍କ ସହ ସମ୍ପର୍କ ଯୋଡ଼ି ହେବା ପରେ ସବୁକିଛି ବଦଳିଯାଇଛି। ତାରା ଏବେ ପୁଣିଥରେ ପ୍ରେମରେ ପଡ଼ିଛନ୍ତି। ଧୀରେ ଧୀରେ କଥା ଏବେ ବିବାହରେ ପହଞ୍ଚିଛି। ଖୁବ୍‌ଶୀଘ୍ର ସେ ବିବାହକୁନେଇ ପ୍ରଶଂସକଙ୍କୁ ଖୁସି ଖବର ଜଣାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ନୂଆ ନୂଆ ପ୍ରେମ ପରିପକ୍ୱ ହେବା ପରେ ବିବାହ ପ୍ରସଙ୍ଗ ଉଠିବା କଥା। ହେଲେ ମାତ୍ର କିଛି ମାସର ପ୍ରେମ ସମ୍ପର୍କ ପରେ ତାରା ପ୍ରେମିକ ବୀର ପାହାଡ଼ିଆଙ୍କୁ ସ୍ୱାମୀ ଭାବି ସାରିଛନ୍ତି। ଏବେ ଏକ ଭିଡିଓ ଇଣ୍ଟରନେଟରେ ବେଶ୍ ଭାଇରାଲ ହେଉଛି। କ୍ଲିପ୍ ଦେଖି ଦୁହେଁ ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବେ ବୋଲି କୁହାଯାଉଛି।

ଗତ ଜୁଲାଇରେ ତାରା ଏବଂ ବୀର ସମ୍ପର୍କକୁ ସର୍ବସମ୍ମୁଖରେ ସ୍ୱୀକାର କରିଥିଲେ। ସେବେଠାରୁ ରେଡ କାର୍ପେଟରୁ ଆରମ୍ଭ କରି ବିଦେଶରେ ଛୁଟି ବିତାଇବା ଯାଏ ସବୁକିଛି ଦୁହେଁ ଏକାଠି କରୁଛନ୍ତି। ନିକଟରେ ବୀର ତାରାଙ୍କ ଜନ୍ମଦିନ ପାଳନ ପାଇଁ ମାଳଦ୍ୱୀପ ଯାଇଥିବା ବେଳର ଭିଡିଓ ସାମ୍ନାକୁ ଆସିଛି।

## ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୫
## କ୍ଲାଇମେଟ୍ ଚେଞ୍ଜ୍: ଫାଇଣ୍ଡିଂ ସଲ୍ୟୁଶନ୍ସ

# ନଭେମ୍ବର ୨୩

## ଗ୍ରୀନ୍ ହିରୋ ସମିଟ୍, ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ

DHARITRI YOUTH CONCLAVE 2025 CLIMATE CHANGE: FINDING SOLUTIONS

Green Heroes Summit

DHARITRI CLIMATE FILM FEST

ଭୁବନେଶ୍ୱର,୨୧।୧୧
(ବନ୍ଦନା ସେଠୀ)

ଧରିତ୍ରୀ ଯୁବ ସମ୍ମିଳନୀର ପଞ୍ଚମ ସଂସ୍କରଣ ନଭେମ୍ବର ୨୩ ଏବଂ ୨୪ ଦୁଇଦିନ ଧରି ଭୁବନେଶ୍ୱରରେ ଆୟୋଜିତ ହେବ। ନଭେମ୍ବର ୨୩ରେ ସମ୍ମିଳନୀର ପ୍ରଥମ ପର୍ବ 'ଗ୍ରୀନ୍ ହିରୋ ସମିଟ୍' ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରେ ପରିବେଶ ସଂରକ୍ଷଣ ଉପରେ କାର୍ଯ୍ୟ କରୁଥିବା ୨୦୦ରୁ ଊର୍ଦ୍ଧ୍ୱ ଗ୍ରୀନ୍ ହିରୋମାନେ ଏକତ୍ରିତ ହୋଇ ପରିବେଶ ସମ୍ପର୍କିତ ସେମାନଙ୍କର ଅଭିଜ୍ଞତାକୁ ବାଣ୍ଟିବେ। ଏହି ଅବସରରେ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ ଆୟୋଜନ ହେବ। ଏଥିରେ ପରିବେଶ ଆଧାରିତ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ୧୫ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ସେଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଚଳଚ୍ଚିତ୍ରକୁ ସମ୍ମିଳନୀର ଦ୍ୱିତୀୟ ଦିବସ ଅର୍ଥାତ୍ ନଭେମ୍ବର ୨୪ରେ ପୁରସ୍କୃତ କରାଯିବ। ଚଳଚ୍ଚିତ୍ର ଚୟନ କରିବା ପାଇଁ ଚଳଚ୍ଚିତ୍ର ନିର୍ମାତା ସୁଶାନ୍ତ ମିଶ୍ର ଏବଂ ସ୍ନେହାଶିଷ ଦାସ ଜୁରି ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବେ। ଏସମ୍ପର୍କରେ ସ୍ନେହାଶିଷ କହିଛନ୍ତି, ଚଳିତବର୍ଷ ଫିଲ୍ମ ଫେଷ୍ଟିଭାଲକୁ ଆସିଥିବା ଚଳଚ୍ଚିତ୍ରଗୁଡିକ ପରିବେଶର ବିଭିନ୍ନ ଦିଗ ଯଥା ଜଳବାୟୁ ପରିବର୍ତ୍ତନ, ଗଛ କାଟିବା, ଚାରା ରୋପଣ, ବାୟୁ ପ୍ରଦୂଷଣ, ଶିଳ୍ପ ଆବର୍ଜନା ଆଦି ଉପରେ ଆଧାରିତ ହୋଇଛି।

# 'ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟର କଳ୍ପନା କରିଛନ୍ତି ପ୍ରଧାନମନ୍ତ୍ରୀ'

## ବିହାରରେ ସଫଳତା ପରେ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୧।୧୧(ସୁନିତ୍ ମିଶ୍ର)



ଭୁବନେଶ୍ୱର ବିମାନବନ୍ଦରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶୁକ୍ରବାର ସମର୍ଥକ ଓ ଶୁଭେଚ୍ଛୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଉଛନ୍ତି।

ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ମେଣ୍ଟର ଐତିହାସିକ ବିଜୟ ପରେ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱରର ବିମାନବନ୍ଦରରେ ଉଚ୍ଛ୍ୱସିତ ଓ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଜନସାଧାରଣ, ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ସମର୍ଥକମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର କହିଛନ୍ତି, ବିହାରରେ ଏନ୍‌ଡିଏ ମେଣ୍ଟର ଅଭୂତପୂର୍ବ ବିଜୟ ପାଇଁ ସେଠାର ଜନସାଧାରଣଙ୍କୁ ଧନ୍ୟବାଦ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସାଙ୍ଗଠନିକ ଦକ୍ଷତା, ବିହାରର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱ ପାଇଁ ଜନସାଧାରଣ ତାଙ୍କୁ ପୁଣିଥରେ ଆଶୀର୍ବାଦ କରିଛନ୍ତି। ପ୍ରଧାନମନ୍ତ୍ରୀ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟର କଳ୍ପନା କରିଛନ୍ତି। କାରଣ ପୂର୍ବ ଭାରତର ବିକାଶ ନ ହେଲେ ଭାରତର ବିକାଶ ହେବନାହିଁ। ବିହାରରେ ପୁଣି ଥରେ ଏନ୍‌ଡିଏ ସରକାର କରି ସେବା କରିବା ଲାଗି ସୁଯୋଗ ପାଇବା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ବଡ଼ ସ୍ୱୀକୃତି। ବର୍ତ୍ତମାନ ଦେଶରେ ଏକ କଲ୍ୟାଣକାରୀ ଶାସନ ପ୍ରଣାଳୀ ଚଲାଇଥିବାରୁ ପ୍ରଧାନମନ୍ତ୍ରୀ ଲୋକଙ୍କର ଆସ୍ଥାଭାଜନ ହୋଇପାରିଛନ୍ତି। କଂଗ୍ରେସର ଦେଶକୁ ବିଭାଜନ କରିବାର ଯେଉଁ ନକାରାତ୍ମକ ରାଜନୀତି ଅଛି, ଏହାକୁ ଲୋକମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ଅପରପକ୍ଷରେ ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବହୁତ ବଡ ବ୍ୟବଧାନରେ ବିଜୟ ହୋଇଥିବାରୁ ସେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତର ଏକ ରଙ୍ଗିନ ପରିବେଶ ସୃଷ୍ଟି ହୋଇଥିଲା। କଳାକାରମାନେ ପାରମ୍ପରିକ ପୋଷାକରେ ସଜ୍ଜିତହୋଇ ଘଣ୍ଟ, ଶଙ୍ଖ ଓ ମୃଦଙ୍ଗର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ କରି କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି। ଫୁଲମାଳ, ଉଲ୍ଲାସପୂର୍ଣ୍ଣ ଜୟଧ୍ୱନି ଏବଂ ପଟୁଆରରେ ବିମାନବନ୍ଦର ଅଞ୍ଚଳ ଦୁଲୁକି ଉଠିଥିଲା। ଏହା ବ୍ୟତୀତ ଧର୍ମେନ୍ଦ୍ର ବିମାନବନ୍ଦରରୁ ସିଧାସଳଖ ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନକରିବା ସହ ଆଶୀର୍ବାଦ ନେଇଛନ୍ତି।

# ୟୁନିଫର୍ମ ସେବା ନିଯୁକ୍ତି ପାଇଁ ନୂଆ ଆୟୋଗ

## ସ୍ୱଳ୍ପ ଆୟକାରୀଙ୍କ ଜମି, ଘର କଥା ବୁଝିବ ସାଧାରଣ ପ୍ରଶାସନ ବିଭାଗ

### ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ

ଭୁବନେଶ୍ୱର,୨୧।୧୧
(ରବିନାରାୟଣ ଜେନା)



ଲୋକସେବା ଭବନରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା ଏବଂ ଅନ୍ୟମାନେ।

ରାଜ୍ୟରେ ପୋଲିସ ସମେତ ବିଭିନ୍ନ ୟୁନିଫର୍ମ ସେବା ନିଯୁକ୍ତିରେ ଦେଖାଦେଇଥିବା ଅନିୟମିତତାକୁ ଦୃଢ଼ହସ୍ତରେ ଦମନ କରିବାପାଇଁ ସରକାର ନୂଆ ଆୟୋଗ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ଗଠନ ଲାଗି ଅନୁମୋଦନ ମିଳିଛି।

ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ବର୍ତ୍ତମାନ ଓଡ଼ିଶା ପୋଲିସ୍ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବାରେ ନିଯୁକ୍ତି ବିଭିନ୍ନ ବୋର୍ଡ ମାଧ୍ୟମରେ ପରିଚାଳିତ ହେଉଛି। ଏଥିଯୋଗୁ ନିଯୁକ୍ତି ପରୀକ୍ଷାରେ ଅଯଥାରେ ବିଳମ୍ବ ଓ ଅନିୟମିତତା ଦେଖାଦେଉଛି। ଆଗାମୀ ଦିନରେ ନିଯୁକ୍ତି ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଲାଗି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନାମରେ ଏକ ସ୍ୱତନ୍ତ୍ର ନିଯୁକ୍ତି ସଂସ୍ଥା ଗଠନ କରାଯିବ। ଗୃହ, ଅବକାରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ପୋଲିସ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ। ଏହି ଆୟୋଗ ଗଠନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ପ୍ରକ୍ରିୟା ମାଧ୍ୟମରେ ଓଡ଼ିଶାର ସମସ୍ତ ୟୁନିଫର୍ମ ସେବାରେ ସମୟୋଚିତ, ସ୍ୱଚ୍ଛ, ଦକ୍ଷ ଏବଂ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ନିଶ୍ଚିତ ହୋଇପାରିବ।

ମୁଖ୍ୟଶାସନ ସଚିବ କହିଛନ୍ତି, ରାଜ୍ୟ କ୍ୟାବିନେଟର ନିଷ୍ପତ୍ତିକ୍ରମେ ନିମ୍ନ ଆୟ ଗୋଷ୍ଠୀ ଗୃହ ନିର୍ମାଣ ଯୋଜନା ଅଧୀନରେ ପୂର୍ବତନ ଶ୍ରମ ନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ପୂର୍ବରୁ ବାସଗୃହ ପାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଆବଣ୍ଟିତ ଜମିର ସମସ୍ତ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟକଳାପ ଏବଂ ଏହା ସହିତ ଜଡ଼ିତ ସମସ୍ତ ଆନୁଷଙ୍ଗିକ ବିଷୟ କଥା ଏଣିକି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ବିଚାର କରିବ। ତେଣୁ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟକଳାପ ନିର୍ବାହ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଉକ୍ତ ଲିଜ୍ ଜମି ସମ୍ପର୍କିତ ସମସ୍ତ ରେକର୍ଡ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ହସ୍ତାନ୍ତର କରିବାକୁ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି।

# ବଢ଼ିଲା ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି

ଭୁବନେଶ୍ୱର,୨୧।୧୧ (ରବିନାରାୟଣ ଜେନା)

### ଛାତ୍ରୀଙ୍କୁ ୧୭ହଜାର, ଛାତ୍ରଙ୍କୁ ୧୬ହଜାର

ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ସରକାର ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଲୋକସେବାଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାର ବୃଦ୍ଧି କରାଯାଇଛି।

ଏ ସଂକ୍ରାନ୍ତରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ରାଜ୍ୟରେ ଖାଦ୍ୟ ସାମଗ୍ରୀ ଏବଂ ଦୈନିକ ବ୍ୟବହାର କରାଯାଇଥିବା ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧିକୁ ଲକ୍ଷ୍ୟକରି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ, ଛାତ୍ରମାନଙ୍କ ପାଇଁ ଏହି ରାଶି ୧୦,୫୦୦ରୁ ୧୬ହଜାରକୁ ବୃଦ୍ଧି କରାଯାଇଥିବାବେଳେ ଛାତ୍ରୀମାନଙ୍କ କ୍ଷେତ୍ରରେ ୧୧ହଜାରରୁ ୧୭,୦୦୦ ଟଙ୍କା(ସର୍ବାଧିକ ୧୦ ମାସ ପାଇଁ) ବୃଦ୍ଧି କରାଯାଇଛି। ଏହି ଛାତ୍ରବୃତ୍ତି ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କୁ ମିଳିବ।

ମାତ୍ର ଅନ୍ୱେଷା ଛାତ୍ରାବାସରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ପ୍ରାକ୍- ମାଟ୍ରିକ ଛାତ୍ରବୃତ୍ତି ବାବଦକୁ ବାର୍ଷିକ ୧୧,୦୦୦ ଟଙ୍କା ପରିବର୍ତ୍ତେ ୧୭,୦୦୦ ଟଙ୍କା ପାଇବେ। ସେହିପରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରଦାନ କରାଯାଇଥିବା ମେସ୍ ପରିଚାଳନା ଖର୍ଚ୍ଚ ଯଥା ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାରକୁ ମଧ୍ୟ ବୃଦ୍ଧି କରାଯାଇଛି। ଏହି ଯୋଜନା ମାଧ୍ୟମରେ ପ୍ରତି

ଛାତ୍ର ବାର୍ଷିକ ୧୧ହଜାରରୁ ୧୬,୦୦୦ ଟଙ୍କା ପାଇବାକୁ ରହିଥିବାବେଳେ ଛାତ୍ରୀମାନେ ୧୭,୦୦୦ ଟଙ୍କା ବାର୍ଷିକ(୧୦ମାସ ପାଇଁ) ପାଇବେ। ଏହି ଛାତ୍ରବୃତ୍ତି ସଂଶୋଧନ ଦ୍ୱାରା ବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ବର୍ଗର ଅନ୍ତେବାସୀ ଛାତ୍ରୀଛାତ୍ରମାନେ ଉନ୍ନତମାନର ଓ ପୁଷ୍ଟିକର ଖାଦ୍ୟ ପାଇପାରିବେ। ଏହି ବର୍ଦ୍ଧିତ ଛାତ୍ରବୃତ୍ତି ୨୦୨୫-୨୬ ଶିକ୍ଷାବର୍ଷର ଡିସେମ୍ବର ମାସ ପହିଲାଠାରୁ ଲାଗୁ କରାଯିବ ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି।

# ଅର୍ଥସେବା ନିୟମରେ ସଂଶୋଧନ

ଭୁବନେଶ୍ୱର,୨୧।୧୧ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଅର୍ଥ ସେବା (ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମ-୨୦୧୯ର ନିୟମ ୧୭ର ସଂଶୋଧନ କରାଯାଇଛି। ରାଜ୍ୟ କ୍ୟାବିନେଟ ବୈଠକ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରିଛି। ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି,ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଶାସନିକ ଆବଶ୍ୟକତା ଆଧାରରେ ଏହି ବର୍ଗର ଅଧିକାରୀଙ୍କ ପାଇଁ ସମୟକ୍ରମେ ନିଯୁକ୍ତି ପ୍ରଶିକ୍ଷଣର ଅବଧି ନିର୍ଦ୍ଧାରଣ କରିବା। ବର୍ତ୍ତମାନ ଏହି ନିୟମ ଅନୁଯାୟୀ, ସିଧାସଳଖ ନିଯୁକ୍ତି ପାଇଥିବା ଅଧିକାରୀଙ୍କ ଲାଗି ଇଣ୍ଡକ୍ସନ ତାଲିମ ଲାଗି ଥିବା ୧ବର୍ଷ ଏକ ପଦୋନ୍ନତିପ୍ରାପ୍ତ ଅଧିକାରୀଙ୍କ ପାଇଁ ସଂସ୍ଥାଗତ ପ୍ରଶିକ୍ଷଣ ଥିବା ୪ମାସକୁ ପରିବର୍ତ୍ତନ କରି ଆବଶ୍ୟକତା ଅନୁଯାୟୀ ପ୍ରଶିକ୍ଷଣ ଅବଧି ନିର୍ଦ୍ଧାରଣ କରିବାକୁ ସରକାରଙ୍କୁ ସକ୍ଷମ କରିବ। ମୁଖ୍ୟଶାସନ ସଚିବ କହିଥିଲେ, ୧୯୯୩ରୁ ୧୯୯୬ ମଧ୍ୟରେ ବିଭିନ୍ନ ପୋଲିସ୍ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ୬,୪୯୫ ପୋଲିସ୍ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରହଣୀୟ ଖାସ ଖୋରାକି ଭତ୍ତା ବାବଦକୁ ୬୪.୯୪ ଲକ୍ଷ ଟଙ୍କାକୁ ହିସାବରୁ ବାଦ୍ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । କାରଣ ଉକ୍ତ ପୋଲିସ୍ କର୍ମଚାରୀଙ୍କ ମଧ୍ୟରୁ ସମସ୍ତେ ମୃତ କିମ୍ବା ଅବସରପ୍ରାପ୍ତ ହୋଇଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି।

**କ୍ୟାବିନେଟ ନିଷ୍ପତ୍ତି**

# ଓଡ଼ିଶା ହେବ ବିଶ୍ୱ ସାମର୍ଥ୍ୟ କେନ୍ଦ୍ର

### ନିଯୁକ୍ତ ହେବେ ୫୦ହଜାର ଯୁବବର୍ଗ

ଭୁବନେଶ୍ୱର,୨୧।୧୧
(ରବିନାରାୟଣ ଜେନା)

ଓଡ଼ିଶାକୁ ବିଶ୍ୱ ସାମର୍ଥ୍ୟ କେନ୍ଦ୍ର ଭାବେ ପ୍ରତିପାଦିତ କରିବା ପାଇଁ ଶୁକ୍ରବାର ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ, ବିଶ୍ୱରେ ଓଡ଼ିଶାର ବ୍ୟବସାୟିକ ସ୍ଥିତିକୁ ସୁଦୃଢ଼ କରିବା ଲାଗି ରାଜ୍ୟ କ୍ୟାବିନେଟ ଓଡ଼ିଶା ବୈଶ୍ୱିକ ସାମର୍ଥ୍ୟ କେନ୍ଦ୍ର (ଜିସିସି) ନୀତି ୨୦୨୫କୁ ଅନୁମୋଦନ ଦେଇଛନ୍ତି। ଏହି ନୀତିର ଉଦ୍ଦେଶ୍ୟ ହେଉଛି ଅଗ୍ରଣୀ ବହୁରାଷ୍ଟ୍ରୀୟ ନିଗମ (ଏମ୍.ଏନ୍.ସି.) ଗୁଡ଼ିକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି, କୁଶଳୀ ପ୍ରତିଭା ଏବଂ ପ୍ରଗତିଶୀଳ ପ୍ରୋତ୍ସାହନ ପ୍ରଦାନ କରି ଓଡ଼ିଶାରେ ସେମାନଙ୍କର ଜିସିସି ପ୍ରତିଷ୍ଠା ଏବଂ ସମ୍ପ୍ରସାରଣ କରିବ। ସେ କହିଛନ୍ତି ଯେ, ବିକଶିତ ଓଡ଼ିଶା-୨୦୩୬ ଏବଂ ୨୦୪୭କୁ ଦୃଷ୍ଟିରେ ରଖି ଦୀର୍ଘକାଳୀନ ରୋଡ୍‌ମ୍ୟାପ ସହିତ ଯୋଡ଼ି ଏହି ନୀତିରେ ୧୦୦୦ କୋଟି ଟଙ୍କା ନିବେଶ ଲକ୍ଷ୍ୟ ରଖାଯାଇଛି। ଏହାସହିତ ନିବେଶକୁ ସୁଗମ କରିବା, ଅତି କମ୍‌ରେ ୫ଟି ଅତ୍ୟାଧୁନିକ ଜିସିସି ହବ୍ ପ୍ରତିଷ୍ଠା କରିବା, ଭୁବନେଶ୍ୱର କଟକ-ପୁରୀ-ପାରାଦୀପ ଏବଂ ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର ଅର୍ଥନୈତିକ ଅଞ୍ଚଳ ଆରମ୍ଭ କରିବା ଏବଂ ସାରା ରାଜ୍ୟରେ ୫୦,୦୦୦ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ପରିକଳ୍ପନା କରାଯାଇଛି। ଏହି ନୀତି କେବଳ ଭୁବନେଶ୍ୱରରେ ନୁହେଁ ବରଂ ରାଜ୍ୟର ଉଦୀୟମାନ ଟାୟାର-୨ ସହରରେ ନିବେଶକୁ ପ୍ରୋତ୍ସାହିତ କରି ସନ୍ତୁଳିତ ଆଞ୍ଚଳିକ ବିକାଶକୁ ମଧ୍ୟ ପ୍ରୋତ୍ସାହିତ କରିବ। ଓଡ଼ିଶା ଜିସିସି ନୀତି ବ୍ୟାପକ ପ୍ରୋତ୍ସାହନ ପ୍ରଦାନ କରି ରାଜ୍ୟକୁ ବିଶ୍ୱ ସାମର୍ଥ୍ୟ କେନ୍ଦ୍ର ପାଇଁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିବା ଲାଗି ପରିକଳ୍ପନା କରାଯାଇଛି। ସେ କହିଛନ୍ତି, ଓଡ଼ିଶା ଜିସିସି ନୀତି ୨୦୨୫ ବୈଶ୍ୱିକ ପୁଞ୍ଜିନିବେଶ ପାଇଁ ଏକ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବ; ଯାହା ରାଜ୍ୟକୁ ବୈଶ୍ୱିକ ସାମର୍ଥ୍ୟ କେନ୍ଦ୍ରଗୁଡ଼ିକର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ କରିବା ସହିତ ନବସୃଜନକୁ ତ୍ୱରାନ୍ୱିତ କରିବ। ନିଯୁକ୍ତି ସୃଷ୍ଟି କରିବା ଏବଂ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ତଥା ବୈଷୟିକ ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

### ଜଳ ସଂଶୋଧନ ଆଇନ-୨୦୨୪କୁ ଅନୁମୋଦନ

ମୁଖ୍ୟଶାସନ ସଚିବ କହିଛନ୍ତି, ରାଜ୍ୟରେ ସ୍ଥାୟୀ ବିକାଶ, ବ୍ୟବସାୟ କରିବାର ସୁଗମତା ଏବଂ ପରିବେଶଗତ ଶାସନକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ । ଏହାକୁ ନେଇ ରାଜ୍ୟ କ୍ୟାବିନେଟ ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ-୨୦୨୪କୁ ଅନୁମୋଦନ ଦେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଦୃଢ଼ ପରିବେଶ ସୁରକ୍ଷା ସୁନିଶ୍ଚିତ କରିବା ସହିତ ନିୟାମକ ଢାଞ୍ଚାକୁ ସୁଗମ କରିବ। ସେହିପରି ପରିବେଶଗତ ଶାସନକୁ ଉନ୍ନତ କରିବା ସହ ନିୟାମକ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ପ୍ରମୁଖ ପରିବର୍ତ୍ତନ ଆଣିବ।

ସେ କହିଛନ୍ତି, ରାଜ୍ୟଗୁଡ଼ିକରେ ପରିବେଶଗତ ଆଇନଗୁଡ଼ିକୁ ସମାନ ଭାବେ ପ୍ରୟୋଗ କରିବାକୁ ସୁନିଶ୍ଚିତ କରିବ ତଥା ଚିରନ୍ତନ ଶିଳ୍ପ ବିକାଶ ପାଇଁ ଜାତୀୟ ମାନଦଣ୍ଡ ସହିତ ଓଡ଼ିଶା ସରକାରଙ୍କ ସମନ୍ୱୟ ରକ୍ଷା କରିବ। ଏହା ପ୍ରଭାବଶାଳୀ ପ୍ରଦୂଷଣ ତଦାରଖ ଏବଂ ଜଳ ସମ୍ପଦର ସୁରକ୍ଷା ଉପରେ ଧ୍ୟାନଦେଇ ପରିବେଶଗତ ଶାସନକୁ ମଧ୍ୟ ସୁଦୃଢ଼ କରିବ।

KIIT
KALINGA INSTITUTE OF MEDICAL SCIENCES (KIMS)
KIIT Deemed to be University
College & Hospital | Bhubaneswar, Odisha

KIMS NATIONAL CONCLAVE 25
Future of Medical Care and progress

22ND NOV 2025 | 9:00 AM -5:00 PM | KIIT CONVENTION CENTRE (CAMPUS-6)

Welcomes

Speakers

- Dr. Rajiv Bahl, Director General, ICMR
- Lt. Gen. (Dr.) Velu Nair, Head & Chief Consultant - Haemato-Oncology & Bone Marrow Transplant Apollo Cancer Center
- Prof (Dr.) KR Balakrishnan, Chairman, Cardiac Sciences, Director, Institute of Heart & Lung Transplant MGM Health Care, Chennai
- Dr. Sunil Shroff, Founder & Managing Trustee Mohan Foundation
- Dr. Abhijit Chowdhury, Professor and Chair of Hepatology, Indian Institute of Liver and Digestive Sciences
- Prof. V. Kamakoti, Director, IIT Madras
- Dr. K. Srinath Reddy, Founder President Public Health Foundation of India
- Prof. Alok Dhawan, Director Centre for Biomedical Research

Chairpersons

- Prof. (Dr.) S. K. Acharya, Pro-Chancellor, KIIT-DU
- Dr. Sanghamitra Pati, Addl. Director General, ICMR
- Prof. (Dr.) Y. K. Chawla, Chairman of Academics & Professor Emeritus, KIIT-DU
- Dr. Ashutosh Biswas, Executive Director, AIIMS Bhubaneswar
- Prof. A. C. Anand, Professor Emeritus, KIIT-DU
- Prof. Madhabananda Kar, Executive Director & CEO AIIMS, Darbhanga & AIIMS, Bhopal
- Prof. Umakanta Satapathy, Addl. DMET, Govt. of Odisha
- Prof. Lucy Das, Dean & Principal, SCB Medical College & Hospital
- Dr. Nirupama Chayani, Ex-Prof. & HOD Microbiology, SCBMCH
- Prof. Digambar Behera, President NAMS, Ex-Director, PGIMER Chandigarh
- Dr. Bijay Mohapatra, Special Secretary (M.S), Govt. of Odisha
- Prof. (Dr.) Saranjit Singh, Vice-Chancellor, KIIT-DU
- Prof. Romaratan Sahoo, Addl. DMET, Govt. of Odisha
- Prof. Braja Kishore Dash, Prof. & HOD, FMT, PRM MCH, Baripada
- Prof. Sachidananda Mohanty, Executive Director, AIIMS Awantipora
- Prof. Arakshita Swain, Dean & Principal SUM Medical College & Hospital
- Prof. Mrutyunjay Suar, Professor & Director General R&D KIIT-DU

Kushabhadra Campus (KIIT Campus-5) Patia, Bhubaneswar-751024, Odisha | info@kims.ac.in | 0674 7111000 | https://kims.kiit.ac.in
Follow us: @kimsbbs @kimsbbsr @kimsbbsr KIMS PBM Hospital

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ସମୟ: ସକାଳ ୮ଟା। –ବିଧାନସଭା ପାର୍ଶ୍ୱ ଗେଟ୍ ନଂ ୧ ଗେଟ୍‌ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସମୟ: ୯ଟା ୩୦। – ସାଧାରଣ ସଭା, ସ୍ଥାନ: ସୂଚନାଭବନ, ସମୟ : ସନ୍ଧ୍ୟା ୬ଟା।
- ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଡାକ୍ତରଖାନା ପାଖ, ସମୟ: ସକାଳ ୯ଟା।
- କିମ୍ସ ପକ୍ଷରୁ ଜାତୀୟ ସମ୍ମିଳନୀ, ସ୍ଥାନ: କିଟ୍ କନଭେନଶନ ସେଣ୍ଟର(କ୍ୟାମ୍ପସ–୬), ସମୟ: ସକାଳ ୯ଟା।
- ୧୦ମ ନାଟକ ମହୋତ୍ସବ–୨୦୨୫ ଉପଲକ୍ଷେ ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭୁବନେଶ୍ୱର କଳାକେନ୍ଦ୍ର, ଭୁବନେଶ୍ୱର କ୍ଲବ ପଛ, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ର ସରକାରଙ୍କ ଶ୍ରମ କୋଡ୍ ଲାଗୁ ବିରୋଧରେ ପ୍ରତିବାଦ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ୧୦ଟା ୩୦।
- ସିପିଆଇ ଭୁବନେଶ୍ୱର ଜୋନ ଜେନେରାଲବଡ଼ି ବୈଠକ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା ନ୍ୟୁ ଏଡେଡ୍ ରିଟାୟାର୍ଡ ଟିଚର୍ସ ଆଣ୍ଡ ଏମ୍ପ୍ଲୟିଜ୍ ଓ୍ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ଗିରିଦୁର୍ଗା ମନ୍ଦିର ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ନୃତ୍ୟସୁଧା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ଉତ୍ସବ–୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ନୋଡାଲ ଉଚ୍ଚ ବିଦ୍ୟାଳୟ ନୂଆପାଟଣାରେ ବାର୍ଷିକ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ନୂଆପାଟଣା, ତିଗିରିଆ, ସମୟ: ସକାଳ ୭ ଟା।
- ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ୧୯ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତିସଭା, ସ୍ଥାନ: ରାମକୃଷ୍ଣ କୁଟୀର ପ୍ରାଙ୍ଗଣ, ବଙ୍ଗାଳି ସାହି, ସମୟ: ପୂର୍ବାହ୍ନ ୧୦ଟା ୧୫।
- କଟକ ଜିଲାସ୍ତରୀୟ ୧୭ ବର୍ଷରୁ କମ ବାଳିକାବାଳକ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦଯାପନୀ ଉତ୍ସବ, ସ୍ଥାନ: ପାଞ୍ଚଗାଁ ମିନି ଷ୍ଟାଡିୟମ, ତିଗିରିଆ, ସମୟ: ଅପରାହ୍ନ ୩ ଟା।
- ଚାନ୍ଦିନୀଚୌକ ଶ୍ରୀ ଭାରତୀ ସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା ୩୦।
- ୨୯ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗ୍ରାଣ୍ଡ ଅଡିଟୋରିୟମ, ମହତାବ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଫାର୍ମାସୀ ସପ୍ତାହ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚା ଘର ଠାରୁ ବଳଗଣ୍ଡି ଛକ, ସମୟ: ସକାଳ ୮ଟା।
- ଜାତୀୟ ଗୋ ଚାମ୍ପିଅନସିପର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ବିରୋଧରେ ପ୍ରତିବାଦ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ସୁସ୍ଥ ନାରୀ ସଶକ୍ତ ରାଷ୍ଟ୍ର ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ: ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ପୁରୀବାସୀଙ୍କ ସହଜ ମନ୍ଦିର ପ୍ରବେଶ ଦାବିରେ ଦୀପଦାନ କାର୍ଯ୍ୟକ୍ରମ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୪ଟା ୩୦।

## ଖୋର୍ଦ୍ଧା

- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୁମାରବସ୍ତ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ବଟ ଓ ଅଶ୍ୱତଥ୍ ବୃକ୍ଷର ବିବାହ ଉତ୍ସବ, ସ୍ଥାନ: କଚେରୀ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାଘ୍ର ଗଣନାର ତୃତୀୟ ଦିନ, ସ୍ଥାନ: କୁଲଡିହା ଅଭୟାରଣ୍ୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସାଙ୍ଗଠନିକ ବୈଠକ, ସ୍ଥାନ: ଭଞ୍ଜମଣ୍ଡପ, ନୂଆବଜାର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଉଟସୋର୍ସିଂ କର୍ମଚାରୀଙ୍କ ପକ୍ଷରୁ ପ୍ରେସମିଟ୍, ସ୍ଥାନ: ଜଗନ୍ନାଥ କଲ୍ୟାଣ ମଣ୍ଡପ, ଶୋଭାରାମପୁର, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ବାଲେଶ୍ୱର ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଗୋହିରାଟିକିରି, ଦୋବଲ, ଧାମନଗର, ସମୟ: ସକାଳ ୮ଟା।
- ଏକତା ପଦଯାତ୍ରା ଓ ସାଧାରଣ ସଭା, ସ୍ଥାନ: ଦୋବଲ କାଳୀପଡ଼ିଆ, ସମୟ: ସକାଳ ୮ଟା।
- ବିଶିଷ୍ଟ ଶ୍ରମିକ ସଙ୍ଗଠକ ନାରାୟଣ ଚନ୍ଦ୍ର ରାଉତଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ମାନସିକ ମେଳା,ଭଜନ,ନାମ ସଂକୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ହାଟଡିହୀ, ସମୟ: ସକାଳ ୭ଟା ଏବଂ ସନ୍ଧ୍ୟା ୬ଟା।
- କାର୍ତ୍ତିକେଶ୍ୱର ଠାକୁରଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଧାନଗର ପାଟଣା,ହାଟଡିହୀ, ସମୟ:ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଏକତା ପଦଯାତ୍ରା,ସ୍ଥାନ:ବିର୍ସାମୁଣ୍ଡା ପାର୍କ, ରାଇରଙ୍ଗପୁର,ସମୟ: ସକାଳ ୭ଟା।
- ବହୁଭାଷୀ ନାଟକ ମହୋତ୍ସବ,ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ରଙ୍ଗୋଲି ପ୍ରତିଯୋଗିତା,ସ୍ଥାନ: ଆଦର୍ଶ ବିଦ୍ୟାଳୟ, ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- ଅଗ୍ନି ନିରାପତ୍ତା ଓ ନିରାକରଣ ନେଇ ପରିବହନ ବିଭାଗ ପକ୍ଷରୁ ତାଲିମ ଶିବିର,ସ୍ଥାନ:ଉଦଳା ବସ୍‌ଷ୍ଟାଣ୍ଡ,ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ମହାନଗର ମହୋତ୍ସବ ଲୋଗ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱତନ୍ତ୍ର ସର୍କିଟ ହାଉସ, ସମୟ: ସକାଳ ୭ ଟା ୩୦।
- ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ, ସ୍ଥାନ: ମଣ୍ଡଳ କାରାଗାର, ସମୟ: ସକାଳ ୯ ଟା।
- ନାଟକ ମଞ୍ଚସ୍ଥ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ସନ୍ଧ୍ୟା ୬ ଟା ୩୦।

## ଗଞ୍ଜାମ

- ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା, ସ୍ଥାନ: ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ସକାଳ ୮ ଟା।

## କନ୍ଧମାଳ

- ବ୍ଲକ୍‌ସ୍ତରୀୟ କୁନି ବୈଜ୍ଞାନିକ ପ୍ରଦର୍ଶନ ଓ ବିଜ୍ଞାନ ମେଳା, ସ୍ଥାନ: ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ ସମୟ: ସକାଳ ୮ଟା ୩୦।

## ଅନୁଗୋଳ

- କ୍ରୀଡ଼ା ସମାରୋହର ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଇଡ଼ା ପଞ୍ଚାୟତର ଗ୍ରାମବାସୀଙ୍କୁ ବିଧାୟକଙ୍କ ଭେଟିବା କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ବ୍ଲକ ଅଇଡ଼ା ପଞ୍ଚାୟତ, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ବଗଡା ସ୍ପୋର୍ଟସ କ୍ଲବ ଓ ତ୍ରୀପୁରା କ୍ଲବ ପକ୍ଷରୁ ଦିବାରାତ୍ର ଭଲିବଲ ପ୍ରତିଯୋଗିତା, ସ୍ଥାନ: ଅରଡାସାହି, ବଗଡା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାତ୍ସୋବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣାର ପର୍ଦାଫାଶ ପାଇଁ ସିଭିଲ ସୋସାଇଟି ପକ୍ଷରୁ ଦାବିପତ୍ର, ସ୍ଥାନ: ଯାଜପୁର ରୋଡ ଥାନା, ସମୟ: ସକାଳ ୯ଟା।

## ନୟାଗଡ଼

- ମା' ବ୍ରାହ୍ମଣୀ ଦେବୀଙ୍କ ୨ୟ ବାର୍ଷିକ ବିଶ୍ୱଶାନ୍ତି ମହଯଜ୍ଞ, ସ୍ଥାନ: ଦଶପଲ୍ଲା ସାତପାଟଣା, ୱାର୍ଡ ନଂ. ୧୬ , ସମୟ: ସକାଳ ୭ଟା।

## ରାୟଗଡ଼ା

- ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୭ଟା ୩୦।
- ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି, ଶାସ୍ତ୍ରୀ ନଗର, ରାୟଗଡ଼ା, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ, ସ୍ଥାନ: ନବରଙ୍ଗପୁର ଲକ୍ଷ୍ମଣ ନାୟକ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୮ଟା୩୦।
- ଜିଲାସ୍ତରୀୟ ସରଗି ଫୁଲ, ସ୍ଥାନ: ପାପଡ଼ାହାଣ୍ଡି ଏସ୍‌ଏସ୍‌ଡି ଦଳେଇଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡେଇ ସମ୍ପର୍କିତ ବୈଠକ, ସ୍ଥାନ: ଉମରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ, ସ୍ଥାନ: ଜୟପୁର ପୁରୁଣା ସରକାରୀ ଡାକ୍ତରଖାନା ସମ୍ମୁଖ, ସମୟ: ସକାଳ ୭ଟା ୩୦, ସ୍ଥାନ: ଜିଲା କଂଗ୍ରେସ ଭବନ, ସମୟ: ସମୟ ପୂର୍ବାହ୍ନ ୧୦ଟା। ।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ : ମେଡିକାଲ କଲେଜ ଛକ, କୋରାପୁଟ, ସମୟ: ସକାଳ ୯ ଟା।

## ମାଲକାନଗିରି

- ଜିଲା ପ୍ରଶାସନ ତରଫରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ, ସ୍ଥାନ: ମାଲକାନଗିରି ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୯ଟା।

## ସମ୍ବଲପୁର

- ମାନେଶ୍ୱର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପ୍ରଦର୍ଶନୀ, ସ୍ଥାନ : ପୁରୁଣା ବଲାରଙ୍ଗା ସରକାରୀ ଉଚ୍ଚବିଦ୍ୟାଳୟ, ସମୟ : ସକାଳ ୯ଟା।
- ବ୍ରାଇଟ ଫ୍ୟୁଚର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ନକ୍ସାପାଲି ସ୍ଥିତ ସ୍କୁଲ ପଡିଆ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଧନୁଯାତ୍ରା–୨୦୨୬ର କଳାକାରଙ୍କ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ମନୋହର ହାଟ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟାରୁ ରାତି ୧୦ଟା।

## ବଲାଙ୍ଗୀର

- ସମାଜବାଦୀ ଜନ ପରିଷଦର ଦୁଇଦିନିଆ ରାଷ୍ଟ୍ରୀୟ ସମ୍ମେଳନର ଉଦ୍‌ଘାଟନ, ସ୍ଥାନ: ମହାବୀର ଧର୍ମଶାଳା, ଟିଟିଲାଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଜଣାଣ, ପୁସ୍ତକ ଉନ୍ମୋଚନ ସଭା, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ବ୍ରାହ୍ମଣପଡା, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା।

## ରାଉରକେଲା

- ଗୀତା ପାରାୟଣ ଦିବସ, ସ୍ଥାନ: ରେଲୱେ କଲୋନି, କାଳୀ ମନ୍ଦିର, ସମୟ: ସକାଳ ୬ଟା।
- ଶ୍ରୀ ସତ୍ୟସାଇ ସେବା ସମିତି ରାଉରକେଲା ପକ୍ଷରୁ ଜନ୍ମ ଶତବାର୍ଷିକୀରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଆପୋଲୋ ହସ୍ପିଟାଲ, ସମୟ: ସକାଳ ୯ଟା।
- ନିର୍ମଳ ମୁଣ୍ଡା ଖୁଟକାଟି ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୧୩ କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମଣ ନାୟକ ଜନ୍ମବାର୍ଷିକୀ ପାଳନ, ସ୍ଥାନ: ସେକ୍ଟର–୧୬ ଶ୍ରମିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୋଚନାଚକ୍ର, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ସଂକୀର୍ତ୍ତନ ପରିଷଦ ରାଜ୍ୟ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଖଜୁରଟିକ୍ରା ପାତ୍ର କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ଅପରାହ୍ନ ୩ଟା ।
- ପୁସ୍ତକ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ସନ୍ଧ୍ୟା ୫ଟା ।

## କଳାହାଣ୍ଡି

- ଲକ୍ଷ୍ମୀବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ସପ୍ତମ ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ,ସମୟ–ଅପରାହ୍ନ ୩।
- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ମାରାଥନ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀଙ୍କ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା।

## ବୌଦ୍ଧ

- ପଞ୍ଚମ ରାଜ୍ୟସ୍ତରୀୟ ମା' ଭୈରବୀ ମହୋତ୍ସବ, ପଲ୍ଲିଶ୍ରୀ ଓ ବାଣିଜ୍ୟ ମେଳାର ପଞ୍ଚମ ଦିବସ, ସ୍ଥାନ: ମିନି ଷ୍ଟାଡିୟମ, ପୁରୁଣାକଟକ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ, ସ୍ଥାନ: ଦେବଗଡ଼ ପୋଲିସ ପଡିଆ, ସମୟ: ସକାଳ ୮ଟା।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ଏକତା ଦିବସ ଅବସରରେ ଏକତା ପଦଯାତ୍ରା, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଭାଗବତ ସପ୍ତାହ ପାରାୟଣ ଦ୍ୱିତୀୟ ଦିବସ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିର ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: କମିରା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଶନି ମନ୍ଦିରରେ ମହା ଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ୩ୟ ଫୁଟ୍‌ବଲ ମହାକୁମ୍ଭ ପଞ୍ଚମ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରର ପରିସ୍ଥିତିରେ ପରିବର୍ତ୍ତନ ହେବାର ସୂଚନା ପାଇପାରିବେ ନାହିଁ। ଉପସ୍ଥିତ ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବାକୁ ପାରସ୍ପରିକ ସହଯୋଗ ରହିବ। ଯାତ୍ରା ସମୟରେ ଜଣେ ବନ୍ଧୁଙ୍କ ଉପସ୍ଥିତିରୁ ଝଗଡ଼ା ଲାଗିପାରେ।

**ବୃଷ** – ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ଆଜି ଆପଣଙ୍କର କୌଣସି କାମ ଅଟକି ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ଓ ବ୍ୟବସାୟ ଭଲରେ ଚାଲିଲେ ମଧ୍ୟ ପରିବହନରେ ସମସ୍ୟାର ଆଶଙ୍କା ରହିଛି। ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ମାନସିକ ଦୁଶ୍ଚିନ୍ତାକୁ ବୃଦ୍ଧି କରିପାରେ।

**ମିଥୁନ** – ନୂତନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ନହେବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ପରିବାରରେ ପାରସ୍ପରିକ ସୁସମ୍ପର୍କ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଆନୁଷ୍ଠାନିକ କିମ୍ବା ସାମାଜିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** – ବନ୍ଧୁମାନେ ସହାନୁଭୂତି ପ୍ରଦର୍ଶନ କରି ଆପଣଙ୍କ ବିଷାଦିତ ମନକୁ ଆହ୍ଲାଦିତ କରିବାରେ ସହାୟକ ହେବେ। ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। କର୍ମକ୍ଷେତ୍ରରେ ବିବାଦୀୟ ଘଟଣାର ଆଲୋଚନା ଅମୀମାଂସିତ ରହିବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନା ଠିକ୍‌ଭାବେ ସମ୍ପୂର୍ଣ୍ଣ ହୋଇ ନ ପାରେ।

**ସିଂହ** – ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କରିପାରିବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ଯେକୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ବନ୍ଧୁ ମେଳରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି।

**କନ୍ୟା** – ବନ୍ଧୁଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ଈର୍ଷାରେ ଜଳୁଥିବା ଆତ୍ମୀୟଙ୍କ ଅସହଯୋଗ ଏବଂ ଅସମ୍ମାନ ଯୋଗୁ ମନସ୍ତାପ କରିବେ। ଟଙ୍କା ନେଣଦେଣକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହୁଥିବାରୁ ମାନସିକ ସ୍ତରରେ ଅଶାନ୍ତି ଲାଗିରହିବ।

**ତୁଳା** – ପଡ଼ୋଶୀଙ୍କ ମାଧ୍ୟମରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବାର ଅନୁକୂଳ ପରିବେଶ ସୃଷ୍ଟି ହେବ। ପିଲାଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ଯାତ୍ରା ସମୟରେ ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ଉପଶମ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** – ଦୀର୍ଘଦିନ ହେଲା ଯାହା ପାଉ ନ ଥିଲେ ଆଜି ତାହା ଲାଭ କରିବେ। ହାତକୁ ନେଇଥିବା କାମ ଯଥା ସମୟରେ ସମ୍ପନ୍ନ ହେବାରେ ଅସୁବିଧା ରହିବ ନାହିଁ। ଯେକୌଣସି କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ କାର୍ଯ୍ୟ ସାଧିତ ହେବ। ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** – ଦୀର୍ଘଦିନରୁ ଅଟକିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ବନ୍ଧୁଙ୍କ ସହାୟତାରେ ଅର୍ଥଲାଭ, ବନ୍ଧୁମିଳନ, ନୂତନ ସ୍ଥାନ ଭ୍ରମଣ ସୁଯୋଗ ପାଇବେ। ପ୍ରଶାସନିକ କ୍ଷେତ୍ରରେ ଅପ୍ରିୟ ସତ୍ୟ କହିବାରୁ ସମସ୍ୟା ଉପୁଜିପାରେ। ପୁରାତନ ରୋଗପୀଡ଼ା ଜନିତ ଆକସ୍ମିକ ଯନ୍ତ୍ରଣା ଅନୁଭବ କରିପାରନ୍ତି।

**ମକର** – ମାନସିକ ଦୁଶ୍ଚିନ୍ତା କାରଣରୁ ଟେନସନ ଲାଗି ରହିଥିଲେ ମଧ୍ୟ ସହକର୍ମୀଙ୍କ ସହାନୁଭୂତି ଯୋଗୁ ଆଶ୍ୱସ୍ତି ଲାଭ କରିବେ। ବାଣିଜ୍ୟ, ପରିବହନ, ପ୍ଲଟିଂ କାରବାର ଏବଂ ମାଲିମକଦ୍ଦମାରେ ସୁଫଳ ପାଇବେ। ସ୍ୱାସ୍ଥ୍ୟହାନି ସାଙ୍ଗକୁ ଆର୍ଥିକ ଅନଟନଜନିତ କରଜ କରିବାକୁ ବାଧ ହେବେ। ସଙ୍ଗୀତ ତଥା ଚଳଚ୍ଚିତ୍ର କ୍ଷେତ୍ରରୁ ସମସ୍ୟାମୁକ୍ତ ହେବେ।

**କୁମ୍ଭ** – ପରିସ୍ଥିତି ପ୍ରତି ନଜର ଦେଇ କାମ କରି ଚାଲିଲେ କୌଣସି କାମ ଅଟକି ରହିବ ନାହିଁ। ପୁରଣା ବିକ୍ରୟ କରି ନୂତନ ଜିନିଷ କ୍ରୟ ପାଇଁ ମନ ବଳାଇପାରନ୍ତି। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଯଥା କଳହର ସୂତ୍ରପାତ ହୋଇପାରେ। ବନ୍ଧୁଙ୍କ ଆହ୍ୱାନରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାର ସୁଯୋଗ ଲାଭକରିବେ।

**ମୀନ** – ଶାରୀରିକ ଅସୁସ୍ଥତା ନଥିଲେ ମଧ୍ୟ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ବନ୍ଧୁ ଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି ।

ଆଜି ନଭେମ୍ବର ୨୨ ତାରିଖ, ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଦିବସ, ମାର୍ଗଶୀର ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା, ଶନିବାର। ରାଶିନକ୍ଷତ୍ର–ଜ୍ୟେଷ୍ଠା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୩୦ ଗତେ ଘ.୦୮।୪୭ ମଧ୍ୟେ, ଘ.୧୧।୫୪ ଗତେ ଘ.୧୨/୫୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୮।୪୭ ମି. ଗତେ ଘ.୧୦।୧୦ ମି. ମଧ୍ୟେ ରାହୁ କାଳ ।

## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଢମଣା,**
**ବୁଲି ବୁଲି କରି ଆସି ସେଇ ଅଗଣା।**

ସରଳ ବା ନିଷ୍କପଟ ଲୋକ ଅଭିମାନ କରେ, ମାତ୍ର ବେଇମାନି କରେ ନାହିଁ। ସେ ସବୁଠି ସବୁବେଳେ ଅନୁରକ୍ତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖୁ ଆଉ ରାଇ,**
**ପେଷିଲେ ରସ ପାଇ।**

ଆଖୁକୁ ପେଡିଲେ ଆଖୁରସ ବାହାରିଥାଏ। ରାଇ ଏକପ୍ରକାର ସୋରିଷ କୁ ବୁଝେଇଥାଏ। ଘଣାରେ ପେଷି ଏଥିରୁ ତେଲ ବାହାର କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମାଛ ଉତ୍ପାଦନରେ ଶ୍ରେଷ୍ଠ ରାଜ୍ୟ ହେବ ଓଡ଼ିଶା: ମନ୍ତ୍ରୀ

- ପୁରୀରେ ମାଛ ବଜାର, ଗଞ୍ଜାମରେ ଶୁଖୁଆ ବଜାର, ଅନୁଗୋଳ ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର, କେନ୍ଦ୍ରାପଡ଼ା ତାଳଚୁଆରେ ବିଏଫ୍‌ଓ କାର୍ଯ୍ୟାଳୟ ଉଦ୍‌ଘାଟିତ
- ମହାନଦୀ ମହାସୀର ମାଛର ସୁରକ୍ଷା ଓ ସ୍ୱତନ୍ତ୍ର ଗବେଷଣା ପାଇଁ ଏମ୍‌ଓୟୁ




ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଅନ୍ୟ ଅତିଥିମାନେ ଜଣେ ମାଛ ଚାଷୀଙ୍କୁ ସବ୍‌ସିଡି ବାବଦ ଚେକ୍ ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୨୧।୧୧(ସୁସ୍ମିତା ସାହୁ)**

୨୦୨୪–୨୫ ବର୍ଷରେ ୧୧.୯୨ ଲକ୍ଷ ମେଟ୍ରିକ ଟନ୍ ମାଛ ଉତ୍ପାଦନ ସହ ଓଡ଼ିଶା ସର୍ବ ଭାରତୀୟସ୍ତରରେ ୪ର୍ଥ ସ୍ଥାନରେ ପହଞ୍ଚିଛି। ମତ୍ସ୍ୟଚାଷ ପାଇଁ ରାଜ୍ୟରେ ବିପୁଳ ସମ୍ଭାବନା ରହିଛି। ଏ କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ହେବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଓୟୁଏଟି କୃଷି ଶିକ୍ଷା ସଦନଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ମଲ୍ଲିକ କହିଲେ, ରାଜ୍ୟରେ ୧୬ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ, ଉଦ୍ୟୋଗୀ, ଏଥିସହ ସମ୍ପୃକ୍ତ ଯୁବଗୋଷ୍ଠୀଙ୍କ ସହ ମତ୍ସ୍ୟକ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଅଗ୍ରାଧିକାର ଦେଉଛନ୍ତି। ରାଜ୍ୟରେ ୫୭୪.୭ କିମି ସୁଦୀର୍ଘ ଉପକୂଳ, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର, ୭.୧୨ ଲକ୍ଷ ହେକ୍ଟର ମଧୁରଜଳ କ୍ଷେତ୍ର (ନଦୀ, ଜଳଭଣ୍ଡାର ଓ ପୋଖରୀ ଇତ୍ୟାଦି) ରହିଛି। ଏହାର ସୁଦୁପଯୋଗ କରି ଆଗକୁ ବଢ଼ିବାକୁ ପଡ଼ିବ। ଶ୍ରେଷ୍ଠ ହେବାକୁ ହେଲେ ଆମ ସମସ୍ତଙ୍କୁ ପ୍ରଥମେ ଆତ୍ମନିର୍ଭର ହେବାକୁ ପଡିବ। ସେଥିପାଇଁ ଉଦ୍ୟମ କରିବାକୁ ମନ୍ତ୍ରୀ ସମସ୍ତ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ମନ୍ତ୍ରୀ ଆଭାସୀ ମାଧ୍ୟମରେ ପୁରୀ ତାଳବଣିଆ (ତଳ ମହଲା)ଠାରେ ସ୍ୱାସ୍ଥ୍ୟକର ମାଛ ବଜାର, ଗଞ୍ଜାମ ହୁମ୍ମାଠାରେ ସ୍ୱାସ୍ଥ୍ୟକର ଶୁଖୁଆ ବଜାର (ଉଭୟ ଖୁଚୁରା ଏବଂ ହୋଲସେଲ ବଜାର), ଅନୁଗୋଳର ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର, କେନ୍ଦ୍ରାପଡ଼ା ତାଳଚୁଆରେ ବିଏଫ୍‌ଓ କାର୍ଯ୍ୟାଳୟ ଆଦି ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଏବଂ କଟକ ଖପୁରିଆରେ ମତ୍ସ୍ୟ ନିର୍ଦ୍ଦେଶାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ 'ଓଡ଼ିଶା ମତ୍ସ୍ୟ ୱେବ୍ ପୋର୍ଟାଲ', ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ବାର୍ଷିକ କାର୍ଯ୍ୟାବଳୀ ବିବରଣୀ ଏବଂ ମତ୍ସ୍ୟ କ୍ଷେତ୍ର ମାର୍ଗଦର୍ଶିକା ଉନ୍ମୋଚନ କରିଥିଲେ। ଓଡ଼ିଶା ମାଛର ମାନ୍ୟତା ପାଇଥିବା 'ମହାନଦୀ ମହାସୀର' ମାଛର ସୁରକ୍ଷା, ସଂରକ୍ଷଣ ଓ ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଗବେଷଣା କରିବାକୁ ରାଜ୍ୟ ସରକାର ଓ ସିଫା ମଧ୍ୟରେ ଏକ ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିବା ୧୦ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ସବ୍‌ସିଡି ପ୍ରଦାନ କରଯାଇଥିଲା। କଇଁଛଙ୍କ ସୁରକ୍ଷା ପାଇଁ ଟେଡ ବିତରଣ କରାଯାଇଥିବା ବେଳେ ସଚେତନତା ସୃଷ୍ଟି ପାଇଁ ମନ୍ତ୍ରୀ ସଚେତନତା ରଥର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଯୋଗଦେଇ କହିଲେ, ମତ୍ସ୍ୟ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ମାଛ ବିହନ, ମାଛ ଖାଦ୍ୟ, ୱିଡ (ମାଛ ଉତ୍ପାଦନ ବୃଦ୍ଧିରେ ପ୍ରତିରୋଧକ)ର ସୁପରିଚାଳନା ସହ ରପ୍ତାନିକୁ ଅଗ୍ରାଧିକାର ଦେବାକୁ କହିଥିଲେ। ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଭିତ୍ତିଭୂମି ବିକାଶ ଓ ଗବେଷଣା ଉପରେ ଗୁରୁତ୍ୱ ଦେଇଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ ପ୍ରାରମ୍ଭିକ ଅଭିଭାଷଣ ଓ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ(ବୈଷୟିକ) ସୁବ୍ରତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସିଫା ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ସାହୁ, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ଏମ୍‌ପେଡାର ଉପ ନିର୍ଦ୍ଦେଶକ ଆଚମନ ଲହରୀ ପ୍ରମୁଖ ଉପସ୍ଥିତ ଥିଲେ।




# ପୃଥକ୍ ଦୁର୍ଘଟଣାରେ ୪ ମୃତ

**ବୁଗୁଡ଼ା/ ବେଲଗୁଣ୍ଠା/ ପାତ୍ରପୁର,୨୧।୧୧ (କାଳିଚରଣ ଦାଶ/ କୃଷ୍ଣ ମୋହନ ପଟ୍ଟନାୟକ/ ଉମା ଚରଣ ନେପାକ)**

ଗଞ୍ଜାମ ଜିଲାରେ ଶୁକ୍ରବାର ଗୋଟିଏ ଦିନରେ ପୃଥକ୍ ଦୁର୍ଘଟଣାରେ ୪ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ୧୨ବର୍ଷରୁ କମ୍ ୨ଜଣ ପିଲା, ଜଣେ ଯୁବକ ଓ ଜଣେ ବୃଦ୍ଧ ଅଛନ୍ତି। ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଳମ୍ବ–ଅନ୍ତରପଡା ରାସ୍ତାରେ ଅପରାହ୍ନରେ ଏକ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅଟୋରେ ବସିଥିବା ବାଲିପଦର ଗ୍ରାମର ଏ. ପ୍ରଦୋଷ ପାତ୍ରଙ୍କ ଝିଅ ତନ୍ମେଶା ପାତ୍ର (୯) ଓ ବାଇକ୍ ଚାଳକ ସୁନାକେରା ଗ୍ରାମର ଅଜିତ ମଲ୍ଲିକ(୨୪)। ତନ୍ମେଶା ପରିବାର ଲୋକଙ୍କ ସହ ଅଟୋରେ ବସି ଶାଙ୍କୁଲାଇ ପୀଠକୁ ଭୋଜି ଖାଇବାକୁ ଯାଉଥିଲେ। ବାଟରେ ସାମ୍ନାପଟୁ ଦ୍ରୁତଗତିରେ ବାଇକ୍‌ରେ ଆସୁଥିବା ଅଜିତ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଏଥିରେ ଅଟୋରେ ଥିବା ତନ୍ମେଶା ଓ ବାଇକ୍ ଚାଳକ ଅଜିତ ଗୁରୁତର ହୋଇପଡ଼ିଥିଲା। ଉଭୟଙ୍କୁ ଆସିକା ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି ବେଲଗୁଣ୍ଠା–ବାଲିପଦରରୋଡ ବିଜୟ ଲକ୍ଷ୍ମୀ ଶରଣପୁର ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜିଲିବା ଗ୍ରାମର ନରସିଂହ ନାଇକ। ଦୁଇ ଯୁବକ ବାଇକ (ଓଡି ୩୨ ଏଲ ୧୪୮୦)ରେ ତାଳସାକର ଯାଉଥିବା ବେଳେ ବିଜୟ ଲକ୍ଷ୍ମୀ ଶରଣପୁର ଛକ ନିକଟରେ ନରସିଂହଙ୍କୁ ଧକ୍କା ଦେଇଥିଲେ। ତାଙ୍କୁ ଉଦ୍ଧାର କରି ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପାତ୍ରପୁର ବ୍ଲକ ଜରଡା ଥାନା କେଲୁଆ ନିକଟ କେନାଲ ପାର୍ଶ୍ୱରେ ଟ୍ରାକ୍ଟର ଧକ୍କାରେ କେଲୁଆ ଗ୍ରାମର କ୍ଷୀରସିନ୍ଧୁ ସାହୁଙ୍କ ୧୨ ବର୍ଷର ପୁଅ ସମୁ ସାହୁଙ୍କ ମୃତ୍ୟୁ ଘଟିଛି। ସମୁ ସନ୍ଧ୍ୟାରେ କେନାଲକୁ ଗାଧୋଇବା ପାଇଁ ଯାଉଥିବା ବେଳେ ଟ୍ରାକ୍ଟର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପାତ୍ରପୁର ମେଡକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିଲେ ମଧ୍ୟ ସେଠାରେ ମୃତ୍ୟୁ ହୋଇଛି।

# ଆରଟିଓ ଅଫିସ୍ ଆଗରୁ ଦଲାଲଙ୍କ ଘର ଉଚ୍ଛେଦ ପାଇଁ ଚିଠି

## ବାରମ୍ବାର ଭାଙ୍ଗିଲେ କରୁଛନ୍ତି ଘର

**ଭୁବନେଶ୍ୱର, ୨୧।୧୧ (ତ୍ରିନାଥ ମହାନ୍ତି)**

ଆର୍‌ଟିଓ ଅଫିସ୍ ଆଗରେ ଦଲାଲଙ୍କ ରାଜ ଦେଖିବାକୁ ମିଳିଛି। ଉପରୁ ଚାପ ପଡିଲେ ପୋଲିସ ଆକ୍ସନ ନେଉଛି। ଦୁଇଦିନ ତଳେ ଶହୀଦନଗର ଥାନା ପୋଲିସ ୯ଜଣ ଦଲାଲଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ସେମାନଙ୍କୁ ନିୟୋଜିତ କରିଥିବା ୩ଜଣଙ୍କୁ ଗିରଫ କରିଥିଲା। ହେଲେ ଏବେ ଆର୍‌ଟିଓକୁ ଦଲାଲମୁକ୍ତ କରିବାକୁ ଯୋଜନା ହୋଇଛି। ଆରଟିଓ–୧ ଅଫିସ୍ ଚାରିପଟେ ବସୁଥିବା ଦଲାଲଙ୍କ ବେଆଇନ ଘରକୁ ଭାଙ୍ଗିବାକୁ ଆର୍‌ଟିଓ ପକ୍ଷରୁ ବିଏମ୍‌ସି ଏବଂ ବିଡିଏକୁ ଚିଠି ଲେଖାଯାଇଛି। ଏଥିସହ ଆର୍‌ଟିଓ ଅଫିସ ଚାରିପଟେ ବୁଲୁଥିବା ଦଲାଲଙ୍କୁ ଚିହ୍ନଟ କରି ଗିରଫ କରିବାକୁ ଆର୍‌ଟିଓ ମାନସ ରଞ୍ଜନ ମିଶ୍ର କମିଶନରେଟ ପୋଲିସକୁ ଜଣାଇଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ମାନସ କହିଛନ୍ତି, ଆରଟିଓ ଅଫିସ ଭିତର ଓ ବାହାରକୁ ଦଲାଲ ମୁକ୍ତ ପାଇଁ ଆମେ ଲାଗି ପଡିଛୁ। ଆଉ ପୂର୍ବଭଳି ଦଲାଲମାନେ ଅଫିସ ଭିତରକୁ ପଶି ପାରୁନାହାନ୍ତି। ଲୋକଙ୍କ ପାଇଁ ଅନ୍‌ଲାଇନ୍‌ରେ ସବୁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେମାନେ ନିଜେ ନ କରାଇ ଦଲାଲ ମାଧ୍ୟମରେ ଅଧିକ ଟଙ୍କା ଦେଇ କରୁଛନ୍ତି। ଦଲାଲମାନେ ମଧ୍ୟ ସେମାନଙ୍କୁ ବିଭିନ୍ନ ସମୟରେ ଲାଇସେନ୍ସ କରାଇଦେବା ଆଳରେ ଟଙ୍କା ଲୁଟି ନେଉଛନ୍ତି। ଏହାକୁ ନଜରରେ ରଖି ପୋଲିସ ଏବଂ ଆର୍‌ଟିଓ ତତ୍ପରତା ଦେଖାଇଛନ୍ତି। ପୋଲିସ ଦଲାଲମାନଙ୍କୁ ଗିରଫ କରୁଥିବାବେଳେ ଆରଟିଓ ଦଲାଲମାନଙ୍କ ଏହି ଅସ୍ଥାୟୀ ଘରକୁ ଭାଙ୍ଗି ଦେବାକୁ ଚିଠି ଲେଖିଛନ୍ତି।

# ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ମୁହୂର୍ତ୍ତରେ ଓଡ଼ିଶା: ଉପମୁଖ୍ୟମନ୍ତ୍ରୀ

## ଉଦ୍‌ଘାଟନହେଲା ୨ ଦିନିଆ ସିଏସ୍‌ଆର୍,ସଷ୍ଟେନବିଲିଟି କନ୍‌କ୍ଲେଭ

**ଭୁବନେଶ୍ୱର, ୨୧।୧୧(ସୁନିତ୍ ମିଶ୍ର)**

ଓଡ଼ିଶା ରାଜ୍ୟ କନ୍‌ଭେନସନ ହଲ୍‌ଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ୨ ଦିନିଆ ସିଏସ୍‌ଆର୍ ଏବଂ ସଷ୍ଟେନବିଲିଟି କନ୍‌କ୍ଲେଭ ୨୦୨୫ ଉଦ୍‌ଘାଟିତ ହୋଇଛି। ଏହି ସମ୍ମିଳନୀ ସିଏସ୍‌ଆର୍–ନିଧିକୃତ ନବସୃଜନ ପ୍ରଦର୍ଶନ କରିବ, ବିଭିନ୍ନ କ୍ଷେତ୍ରୀୟ ସହଯୋଗକୁ ପ୍ରୋତ୍ସାହିତ କରିବା ସହ ବୁଝାମଣାପତ୍ର ସ୍ୱାକ୍ଷରକୁ ସହଜ କରିବ। ଏହା ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ସହ ମିଳିତ ଭାବେ ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତାଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେଶନ୍ କ୍ଲଷ୍ଟରର ଏକ ପ୍ରୟାସ। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି 'ପ୍ରଯୁକ୍ତିବିଦ୍ୟା, ଶକ୍ତି ଏବଂ ସିଏସ୍‌ଆର୍ ଅଭିବୃଦ୍ଧି ମାଧ୍ୟମରେ ଅନ୍ତର୍ଭୁକ୍ତ ଅଭିବୃଦ୍ଧି'। ଅଂଶୀଦାର, ନୀତି ନିର୍ଦ୍ଧାରକ ଏବଂ ଷ୍ଟାର୍ଟଅପ୍ ମାଲିକମାନଙ୍କୁ ସମ୍ବୋଧିତକରି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ଓଡ଼ିଶା ବର୍ତ୍ତମାନ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନର ଏକ ମୁହୂର୍ତ୍ତରେ ଅଛି। ଆମେ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅନ୍ତର୍ଭୁକ୍ତ ଓଡ଼ିଶାକୁ ଶକ୍ତି ପ୍ରଦାନ କରୁଛୁ। ସିଏସ୍‌ଆର୍ ନେତୃତ୍ୱାଧୀନ ନବସୃଜନ ସୁଲଭ, ଅନୁକୂଳନଯୋଗ୍ୟ ଏବଂ ଭାରତୀୟ ବାସ୍ତବତା ପାଇଁ ଡିଜାଇନ ପ୍ରଦାନ କରିବ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଏହି ସମ୍ମିଳନୀର ଲକ୍ଷ୍ୟ ସାମାଜିକ ପରିବର୍ତ୍ତନକୁ ଉତ୍ସାହିତ କରିବା, ସହଭାଗିତାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସାମାଜିକ ପ୍ରଭାବ କାର୍ଯ୍ୟକ୍ରମଗୁଡ଼ିକର ଦୃଢ଼ ତଦାରଖକୁ ପ୍ରୋତ୍ସାହିତ କରିବ।

# ରତ୍ନଭଣ୍ଡାର ଗଣତିମଣତି କଥାରେ ରାଜନୀତି କରୁଛନ୍ତି ସରକାର: ବିଜେଡି

**ଭୁବନେଶ୍ୱର, ୨୧।୧୧ (ସୁନିତ୍ ମିଶ୍ର)**

ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟ ଉପରେ ବିଜେଡି ପ୍ରତିକ୍ରିୟା ରଖିଛି। ପର୍ଯ୍ୟାୟକ୍ରମେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତି ମଣତି ହେବ ବୋଲି ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ଏଥିରୁ ବୁଝାପଡୁଛି ସରକାର କେବଳ ଏହି କଥାରେ ରାଜନୀତି କରୁଛନ୍ତି, ଗଣତିମଣତି କରିବା ପାଇଁ ରାଜ୍ୟ ଭାଜପା ସରକାରଙ୍କ ଆନ୍ତରିକତା ନାହିଁ ବୋଲି ବିଜେଡି କହିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ଭାଜପା ପକ୍ଷରୁ ରତ୍ନଭଣ୍ଡାରକୁ ନେଇ ଅନେକ ମିଥ୍ୟା ପ୍ରଚାରକରି ଏହାର ଗଣତିମଣତି ପାଇଁ ସ୍ୱର ଉଠାଇଥିଲା। ଭାଜପା ତା'ର ସଙ୍କଳ୍ପପତ୍ରରେ କ୍ଷମତାକୁ ଆସିଲେ ଗଣତିମଣତିର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ଗଣତି ମଣତିକୁ ଉପରେ ଭାଜପା ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଗଣତି ମଣତି ଉପରେ ବର୍ତ୍ତମାନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟରୁ କେବେ ଏହା କରାଯିବ, ସେନେଇ କୌଣସି ସ୍ୱଷ୍ଟତା ନାହିଁ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାରମ୍ବାର ତାରିଖ ଘୁଞ୍ଚାଇ ଚାଲିଛନ୍ତି। ଆଇନମନ୍ତ୍ରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଭିତରେ କୌଣସି ତାଳମେଳ ନାହିଁ। ନିର୍ବାଚନ ସମୟରେ ରତ୍ନଭଣ୍ଡାରକୁ ନେଇ ଭାଜପା ଦ୍ୱାରା କରାଯାଇଥିବା ମିଛ ପ୍ରଚାର ସବୁ ଧରାପଡ଼ିଯିବା ଭୟରେ ଭାଜପା ସରକାର ଗଣତି ମଣତିକୁ ଜାଣିଶୁଣି ଘୁଞ୍ଚାଉଛନ୍ତି ବୋଲି ଲେନିନ୍ କହିଛନ୍ତି।

# ଲୁଣ ଭାବି ଥିମେଟ୍ ଖାଇ ୩ ଶିଶୁ ଗୁରୁତର

**ନୀଳଗିରି,୨୧।୧୧(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ଶାଳବଣୀ ଗ୍ରାମର ରାଜାସାହିରେ ୩ଜଣ ଶିଶୁ ଖେଳୁଥିବା ବେଳେ ଥିମେଟ୍‌କୁ ଲୁଣ ଭାବି ଖାଇଦେବାରୁ ଗୁରୁତର ହୋଇପଡିଛନ୍ତି। ସେମାନଙ୍କ ପରିବାର ଲୋକେ ବିଲକୁ ଧାନ କାଟିବା ପାଇଁ ଯାଇଥିବା ବେଳେ ପିଲାମାନେ ଘରୁ ପିଆଜ ଆଣି ଥିମେଟ୍ ସହ ଗୋଳେଇ ଖାଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଗ୍ରାମର ବାବୁଲା ସିଂଙ୍କ ପୁଅ ଯୁବରାଜ (୮), ଅକ୍ଷୟ ସିଂଙ୍କ ଝିଅ ଇନ୍ଦୁରେଖା (୫), ରମେଶ ସିଂଙ୍କ ପୁଅ ଘନଶ୍ୟାମ (୪) ଗୁରୁବାର ଅପରାହ୍ନରେ ସାଙ୍ଗ ହୋଇ ବୋହୂବୋହୂକା ଖେଳୁଥିଲେ। ଛୋଟ ଛୋଟ ସଢେଇରେ ମାଟି ରଖି ଭାତ ତରକାରୀ ପ୍ରସ୍ତୁତ କରି ଖାଇଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ଶିଶୁମାନଙ୍କ ସ୍ୱାସ୍ଥ୍ୟବସ୍ଥା ବିଗୁଡୁଥିବା ଦେଖି ସେମାନଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାତିରେ ସ୍ଥିତି ସଙ୍କଟାପନ୍ନ ହେବାରୁ ଯୁବରାଜଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପରେ ଘନଶ୍ୟାମ ଓ ଇନ୍ଦୁରେଖାଙ୍କ ଅବସ୍ଥା ସଙ୍କଟାପନ ହେବାରୁ ସେମାନଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଘନଶ୍ୟାମ ଆଇସିୟୁରେ ଥିବା ଜଣାପଡିଛି।

# ଫୁଲ ତୋଳିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

## ଗାଁରେ ଉତ୍ତେଜନା

**ନୀଳଗିରି,୨୧।୧୧(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ସାନଅତା ଗ୍ରାମରେ ଜଣେ ଯୁବକ ଅନ୍ୟଜଣଙ୍କ ବାଡ଼ିକୁ ଫୁଲ ତୋଳିବାକୁ ଯାଇଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଘରମାଲିକ ଫୁଲ ଚୋରି ରୋକିବାକୁ ବାଡ଼ରେ ବିଦ୍ୟୁତ୍ ସଂଯୋଗ କରିଥିବାରୁ ଏଭଳି ଅଘଟଣ ଘଟିଛି। ଏହାକୁ ନେଇ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ଲାଗି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ମୃତକଙ୍କ ମା' ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୮/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତର ତଥ୍ୟ ଅନୁସାରେ ମାମଲା ହେବ ବୋଲି ପୋଲିସ କହିଛି।

ଶୁକ୍ରବାର ସକାଳେ ତାପସ ଦାସ (୩୫) ଠାକୁରଙ୍କ ପାଇଁ ଫୁଲ ତୋଳିବାକୁ ଦିଲୀପ କୁମାର ରାଉତଙ୍କ ବାଡ଼ିକୁ ଯାଇଥିଲେ। ମାତ୍ର ଫୁଲ ଗଛ ଚାରି ପାଖେ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବା ତାପସ ଜାଣିପାରି ନଥିଲେ। ଫୁଲ ତୋଳିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକମାନେ ମୃତଦେହ ପଡିଥିବା ତାପସଙ୍କ ପରିବାରକୁ ଅବଗତ କରିଥିଲେ। ପରିବାର ଲୋକେ ପହଞ୍ଚି ନୀଳଗିରି ପୋଲିସକୁ ଜଣାଇଥିଲେ।










> ପ୍ରତ୍ୟେକ ଧର୍ମ ମନୁଷ୍ୟ ଜାତିକୁ ସାହାଯ୍ୟ କରିଛି। ପ୍ରତ୍ୟେକ ଧର୍ମ ମଧ କେତେକ ସଂଖ୍ୟକ ଆତ୍ମାକୁ ଉଦ୍ଧାର କରିଛନ୍ତି। କିନ୍ତୁ କୌଣସି ଧର୍ମ ଏ ପର୍ଯ୍ୟନ୍ତ ମନୁଷ୍ୟ ଜାତିକୁ ସାମଗ୍ରିକ ଭାବେ ଆଧାତ୍ମିକ ଭାବାପନ୍ନ କରି ପାରିନାହାନ୍ତି। ସେଥିପାଇଁ ପରମ୍ପରା ବା ପ୍ରଥାର ଆବଶ୍ୟକତା ନାହିଁ। ଆଧାତ୍ମିକ-ବିବର୍ତ୍ତନ ପାଇଁ ଏକ ନିରନ୍ତର ଓ ସର୍ବବ୍ୟାପୀ ପ୍ରୟାସର ଆବଶ୍ୟକତା ରହିଛି। –ଶ୍ରୀଅରବିନ୍ଦ

# ଆଇଆର୍‌ଏସ୍‌ରୁ ଏମ୍‌ଏଲ୍‌ଏ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବେକଜନିତ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଦ୍ୱିତୀୟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତିରେ ଉଇକେଟକିପର ରିଷଭ ପନ୍ତ ଦଳର ନେତୃତ୍ୱ ଭାର ସମ୍ଭାଳିବେ। ସେ ପୂର୍ବରୁ ଟି୨୦ ଫର୍ମାଟରେ ଭାରତୀୟ ଦଳର ନେତୃତ୍ୱ ନେଇସାରିଛନ୍ତି। ତେବେ ତାଙ୍କର ନିଷ୍ପତ୍ତି ନିର୍ଦ୍ଧାରଣ କ୍ଷମତା ଉପରେ ସମସ୍ତଙ୍କ ନଜର ରହିବ। ପ୍ରଥମ ମ୍ୟାଚ୍‌ରେ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୩୦ ରନରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସରେ ୯୩/୭ ସ୍କୋର କରିଥିଲା। ଅଧିନାୟକ ବଭୁମା ୨୫ ରନରେ ଅପରାଜିତ ଥିଲେ। ତୃତୀୟ ଦିନ ପନ୍ତ ସ୍ପିନରଙ୍କ ବଦଳରେ ମହମ୍ମଦ ସିରାଜ ଓ ଯଶପ୍ରୀତ ବୁମରାଙ୍କୁ ବୋଲିଂ ଦେଇଥିଲେ। ଯାହା ଫଳରେ ବଭୁମାଙ୍କ ଅପରାଜିତ ୫୫ ରନ ବଳରେ ଭ୍ରମଣକାରୀ ଦଳ ତା'ର ଅନ୍ତିମ ୩ ଉଇକେଟରେ ୬୦ ରନ ଯୋଡ଼ିଥିଲା, ଯାହାକି ଶେଷରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଏଣୁ ପନ୍ତଙ୍କ ବ୍ୟାଟିଂ ଭଳି ନିଷ୍ପତ୍ତି ନିର୍ଦ୍ଧାରଣ ମଧ୍ୟ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଗିଲ୍‌ଙ୍କ ଅନୁପସ୍ଥିତିରେ ସାଇ ସୁଦର୍ଶନଙ୍କର ଖେଳିବାର ବିଶେଷ ସମ୍ଭାବନା ରହିଛି। କିନ୍ତୁ ୱାଶିଂଟନ ସୁନ୍ଦର ନଂ-୩ ପୋଜିସନରେ ବ୍ୟାଟିଂ କରିପାରନ୍ତି। ଏହାବାଦ୍ ଦଳରେ ୭ ବାମହାତୀ ବ୍ୟାଟର ରହିଥିବାରୁ ସାଇମନ ହାର୍ମର ପୁଣି ଥରେ ଘାତକ ସାବ୍ୟସ୍ତ ହୋଇପାରନ୍ତି। ସେ ଗତ ମ୍ୟାଚ୍‌ର ଉଭୟ ଇନିଂସରେ ୪ ଲେଖାଏ ଉଇକେଟ ନେଇଥିଲେ।

ବିସିସିଆଇ କ୍ୟୁରେଟର ତାପଶ ଚାଟାର୍ଜୀ ଓ ଆଶିଷ ଭୌମିକ ପିଚ୍‌ରୁ ଘାସ ହଟାଇ ଦେଇଛନ୍ତି। ଏଣୁ ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣଙ୍କୁ ବାଦ୍ ଦିଆଯାଇ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରାଯାଇପାରେ। ତାଙ୍କ ବୋଲିଂଠାରୁ ଦଳକୁ ଜଣେ ଡାହାଣ ହାତୀ ବ୍ୟାଟରଙ୍କର ଆବଶ୍ୟକତା ରହିଛି। ଅନେକ ବର୍ଷ ପରେ ଭାରତ ଏକ ଘରୋଇ ଟେଷ୍ଟ ମ୍ୟାଚ୍‌ରେ ଅଣ୍ଡରଡଗ୍ସ ଦଳ ଭାବେ ଖେଳିବାକୁ ଯାଉଛି। ଦୀର୍ଘ ବର୍ଷ ଧରି ଘରୋଇ ଟେଷ୍ଟ ମ୍ୟାଚ୍‌ରେ ଫେଭରାଇଟ୍ ରହି ଆସିଥିବା ଭାରତ ଗତ ୬ ଘରୋଇ ଟେଷ୍ଟରେ ୪ ଥର ପରାଜୟ ବରଣ କରିଛି। ବଳକା ଦୁଇ ଟେଷ୍ଟରେ ଭାରତ ଦୁର୍ବଳ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି। ଘରୋଇ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳର ଏଭଳି ରେକର୍ଡ ଯୋଗୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଚାରିଆଡୁ ସମାଲୋଚନା କରାଯାଉଛି। ଗୁଆହାଟୀ ଟେଷ୍ଟରେ ପରାଜିତ ହେଲେ ଗମ୍ଭୀରଙ୍କୁ ତାଙ୍କ ପଦବୀ ବଞ୍ଚାଇବା କଷ୍ଟକର ହୋଇପାରେ।


ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର ପିଚ୍ ନିରୀକ୍ଷଣ କରୁଛନ୍ତି।

**ସମୟ: ସକାଳ ୯ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍‌ଷ୍ଟାର**

## ଟିମ୍ ଇଣ୍ଡିଆରୁ ଛାଡ଼ ପାଇଲେ ଗିଲ୍

ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଶୁକ୍ରବାର ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତୀୟ ଦଳରୁ ରିଲିଜ୍ କରାଯାଇଛି। କୋଲକାତା ଟେଷ୍ଟରେ ବେକଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା ଗିଲ୍‌ଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦିଆଯାଇଛି। ସେ ଦଳ ସହିତ ୧୯ ତାରିଖରେ ଗୁଆହାଟୀରେ ପହଞ୍ଚିଥିଲେ। ହେଲେ ସେ ଖେଳିବା ପାଇଁ ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି। ଏଣୁ ସେ ଇଞ୍ଜୁରି ଆସେସ୍‌ମେଣ୍ଟ ପାଇଁ ମୁମ୍ବାଇ ଯିବେ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 22/2025 Page 16 ₹ 7.00

୫୧ଶ ଭାଗ ୩୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 356 ମୂଲ୍ୟ ₹୭/-




ଥାଇଲାଣ୍ଡର ନନ୍ଥାବୁରିଠାରେ ଅନୁଷ୍ଠିତ ମିସ୍ ୟୁନିଭର୍ସ ୨୦୨୫ ପ୍ରତିଯୋଗିତାରେ ମେକ୍ସିକୋର ଫାତିମା ବଶ୍ ଟାଇଟଲ ବିଜୟୀ ହେବା ପରେ ଗତବର୍ଷର ମିସ୍ ୟୁନିଭର୍ସ ଭିକ୍ଟୋରିଆ ଜାଏର ଥେଲଭିଗ୍ ତାଙ୍କୁ ମୁକୁଟ ପିନ୍ଧାଉଛନ୍ତି।

## ମେକ୍ସିକୋର ଫାତିମା ବଶ୍ ମିସ୍ ୟୁନିଭର୍ସ

ନୂଆଦିଲ୍ଲୀ,୨୧।୧୧

ମିସ୍ ୟୁନିଭର୍ସ ପ୍ରତିଯୋଗିତା ବେଳେ ଏକଦା ଅପମାନିତ ହୋଇଥିବା ମିସ୍ ମେକ୍ସିକୋ ଫାତିମା ବଶ୍ ଶେଷରେ ଚଳିତ ବର୍ଷର ମିସ୍ ୟୁନିଭର୍ସ ଟାଇଟଲ୍ ବିଜୟିନୀ ହୋଇଛନ୍ତି। ଫାତିମା ପ୍ରମୋଶନାଲ କଣ୍ଟେଣ୍ଟ ପୋଷ୍ଟ କରିବାରେ ବିଫଳ ହୋଇଥିବାରୁ ମିସ୍ ୟୁନିଭର୍ସ ଥାଇଲାଣ୍ଡର ନିର୍ଦ୍ଦେଶକ ନୱାତ୍ ଇତ୍ସାରାଗ୍ରିସିଲ୍ ଗତ ୬ ତାରିଖରେ ଅନ୍ୟ ପ୍ରତିଯୋଗୀମାନଙ୍କ ଆଗରେ ତାଙ୍କୁ ତିରସ୍କାର କରିଥିଲେ। ଫାତିମାଙ୍କ ବୁଦ୍ଧିକୁ ନେଇ ସେ ପ୍ରଶ୍ନ କରିବା ସହ ମୂର୍ଖ ବୋଲି କହିଥିଲେ। ଫାତିମା ପ୍ରତିବାଦ କରିବାରୁ ନୱାତ୍ ସିକ୍ୟୁରିଟି ଡାକିବା ସହ ତାଙ୍କୁ ସମର୍ଥନ କରୁଥିବା ଅନ୍ୟମାନଙ୍କୁ ଅଯୋଗ୍ୟ ଘୋଷିତ କରିବାକୁ ଧମକ ଦେଇଥିଲେ। ଫାତିମା ପ୍ରକୋଷ୍ଠ ଛାଡ଼ିବା ପରେ ଅନ୍ୟ ପ୍ରତିଯୋଗୀମାନେ ତାଙ୍କ ସହ ଚାଲିଯାଇଥିଲେ। ନୱାତ୍‌ଙ୍କ ଏଭଳି କାର୍ଯ୍ୟକୁ ମିସ୍ ୟୁନିଭର୍ସ ଆୟୋଜକ ନିନ୍ଦା କରିବା ପରେ ସେ କ୍ଷମା ମାଗିଥିଲେ।

ମେକ୍ସିକୋର ଫାତିମା ବଶ୍ ଶୁକ୍ରବାର ଚଳିତବର୍ଷର ମିସ୍ ୟୁନିଭର୍ସ ଘୋଷିତ ହୋଇଛନ୍ତି। ଗତବର୍ଷର ବିଜେତା ଡେନ୍‌ମାର୍କର ଭିକ୍ଟୋରିଆ ଜାଏର୍ ଥିଲ୍‌ଭିଗ୍ ☞ପୃଷ୍ଠା–୬

# ଖଣି ଚୋରି ରୋକିବାକୁ ନୂଆ ନିୟମ

**ଖଣିଜ ସମ୍ପଦ ସମୃଦ୍ଧ ଓଡ଼ିଶାରେ ଖଣି ଉପରେ ସମସ୍ତଙ୍କ ନଜର ରହିଥାଏ। ଅତୀତରେ ଖଣି ଉତ୍ତୋଳନକୁ ନେଇ ବହୁ କେଲେଙ୍କାରୀ ସୃଷ୍ଟି ହୋଇଛି। ମୁଷ୍ଟିମେୟ ଶିଳ୍ପପତି ଏକାଧିକ ଖଣି ହାତେଇ ପ୍ରଚୁର ଅର୍ଥ ଅର୍ଜନ କରିଥିବା ବିଷୟ ଜଣାଶୁଣା। ତେଣୁ ଖଣି ହାତେଇବାରେ ଅନିୟମିତତା ଓ ଚୋରି ରୋକିବା ଲାଗି ରାଜ୍ୟ ସରକାର ଏବେ ତତ୍ପରତା ଦେଖାଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଜଣେ ବ୍ୟକ୍ତି ବା ସଂସ୍ଥା ଗୋଟିଏ ଜିଲାରେ ଅତି ବେଶିରେ ୩ଟି ଓ ରାଜ୍ୟରେ ୫ଟି ଲଘୁଖଣି ନେଇ ପାରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ବୈଠକରେ ମଧ୍ୟ ଅନ୍ୟ ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।**

### ଜଣଙ୍କୁ ଜିଲାରେ ୩ ଖଣି

### ୧୨ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମୋହର

ଭୁବନେଶ୍ୱର, ୨୧।୧୧ (ରବିନାରାୟଣ ଜେନା)

ରାଜ୍ୟରେ ଖଣିଜ ପଦାର୍ଥ ଚୋରିକୁ ରୋକିବା, ଲିଜ୍‌କୁ ସୁବ୍ୟବସ୍ଥିତ କରିବା ସହିତ ନିଯୁକ୍ତିରେ ସଂସ୍କାର ଆଣିବା ପାଇଁ ଏକକ ପରୀକ୍ଷା ନୀତି ଅବଲମ୍ବନ କରିବା ଭଳି ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ମୋହର ମାରିଛି। ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ବେଆଇନ ଖଣି ଖନନକୁ ରୋକିବା ସହିତ ଲିଜ୍‌ରେ ସଂସ୍କାର, ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ଲାଗି ସରକାର ସ୍ୱତନ୍ତ୍ର ନିୟମାବଳୀ କାର୍ଯ୍ୟକାରୀ କରିବାକୁ କ୍ୟାବିନେଟରେ ନିଷ୍ପତ୍ତି ନେଇଛନ୍ତି। ପୁରୁଣା ନିୟମାବଳୀ–୨୦୦୭କୁ ଉଚ୍ଛେଦ କରି ଓଡ଼ିଶା ଖଣିଜ ପଦାର୍ଥ ନିୟମାବଳୀ–୨୦୨୫କୁ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି। ଏହି ନିୟମାବଳୀରେ ବେଆଇନ ଖଣି ଖନନକୁ ରୋକିବା ସହିତ ସମଗ୍ର ରାଜ୍ୟରେ ଖଣିଜ ପଦାର୍ଥର ଆଇନଗତ ବାଣିଜ୍ୟ, ସଂରକ୍ଷଣ ଏବଂ ପରିବହନକୁ ନିୟନ୍ତ୍ରଣ କରାଯାଇ ପାରିବ। ସଂଶୋଧିତ ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ନିୟନ୍ତ୍ରଣ) ଆଇନ, ୧୯୫୭ ସହିତ ସମନ୍ୱୟ ରକ୍ଷା କରି ଏକ ବ୍ୟାପକ ଆଇନଗତ ଢାଞ୍ଚା ଆଣିବାକୁ ସରକାର ☞ପୃଷ୍ଠା–୬

# କଟକରେ ଡବଲ ମର୍ଡର

### ବାପା, ସାବତ ମା'ଙ୍କ ତଣ୍ଟି କାଟି ହତ୍ୟାକଲେ ପୁଅ

କଟକ,୨୧।୧୧(କାର୍ତ୍ତିକ ସାହୁ)

କଟକ ଦରଘାବଜାର ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଘଟିଛି ଡବଲ ମର୍ଡର। ଟଙ୍କା କାରବାରକୁ ନେଇ ଜଣେ ଯୁବକ ତାଙ୍କ ବାପା ଓ ସାବତ ମା'ଙ୍କୁ ଛୁରିରେ ତଣ୍ଟିକାଟି ହତ୍ୟା କରିଛନ୍ତି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ ସୁତାହାଟ ଫାଣ୍ଡି ନିକଟ ପୋଲିସ କଲୋନିରେ ଏହି ଘଟଣା ଘଟିଛି। ମୃତକଦ୍ୱୟ ହେଲେ ଦୀପକ ଦାସ (୫୭) ଓ ତାଙ୍କ ସ୍ତ୍ରୀ ଲିତାରାଣୀ ଦାସ। ଦୀପକ ଚୌଦ୍ୱାର ଜେଲ୍‌ର ହସ୍ତତନ୍ତ ବିଭାଗର କର୍ମଚାରୀ ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ଦୀପକଙ୍କ ପୁଅ ଆଲୋକ ଦାସ(୩୭) ଶୁକ୍ରବାର ରାତିରେ ଟଙ୍କା କାରବାରକୁ ନେଇ ନିଜ ବାପାଙ୍କ ସହ ପାଟିତୁଣ୍ଡ କରିଥିଲେ। ଆଲୋକ ବିବାହିତ। ସେ ୧୦ ଲକ୍ଷ ଟଙ୍କା ଅନ୍ୟଠାରୁ ଉଧାର ଆଣି ବାପା ଦୀପକଙ୍କୁ ଦେଇଥିଲେ। ଉକ୍ତ ଟଙ୍କା ଫେରସ୍ତ ପାଇଁ ଉଧାର ଦେଇଥିବା ବ୍ୟକ୍ତି ଆଲୋକଙ୍କୁ ବାରମ୍ବାର ମାଗିଥିଲେ। ଫଳରେ ଆଲୋକ ଉକ୍ତ ଟଙ୍କା ଦେବାପାଇଁ ଦୀପକଙ୍କୁ କହିଥିଲେ। ମାତ୍ର ଟଙ୍କା ଦେବାକୁ ଦୀପକ ମନା କରିଦେଇଥିଲେ। ଏହାପରେ ପିପିଲିରେ ଥିବା ପୈତୃକ ସମ୍ପତ୍ତି ବିକ୍ରି କରିବା ପାଇଁ ଆଲୋକ ଦୀପକଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଦୀପକ ଏବଂ ସାବତ ☞ପୃଷ୍ଠା–୬

# ୧ ଡଲାର= ୮୯.୬୧ ଟଙ୍କା

ମୁମ୍ବାଇ,୨୧।୧୧(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ପ୍ରଥମ ଥର ପାଇଁ ୮୯ ମାର୍କ ଅତିକ୍ରମ କରି ୮୯.୬୧ରେ ପହଞ୍ଚିଛି। ଅର୍ଥାତ୍ ୧ ଡଲାର ମୂଲ୍ୟ ଶୁକ୍ରବାର ୮୯ ଟଙ୍କା ୬୧ ପଇସାରେ ପହଞ୍ଚିଥିଲା। ଗୋଟିଏ ଦିନରେ ଟଙ୍କା ମୂଲ୍ୟ ୯୩ ପଇସା ଖସିଛି, ଯାହାକି ୩ ମାସ ମଧ୍ୟରେ ସର୍ବାଧିକ ଅବନତି।



ଘରୋଇ ବଜାରରେ ଅସ୍ଥିରତା ଯୋଗୁ ଭାରତୀୟ ମୁଦ୍ରା ମୂଲ୍ୟ ଅତ୍ୟଧିକ ହ୍ରାସ ପାଇଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଆର୍ଥିକ ବଜାରରେ ନକାରାତ୍ମକତା ଯୋଗୁ ନିବେଶକ ଆଶଙ୍କା ମଧ୍ୟରେ ରହୁଥିବାବେଳେ ପ୍ରସ୍ତାବିତ ଭାରତ–ଆମେରିକା ବାଣିଜ୍ୟ ଚୁକ୍ତିନାମା ଉପରେ ସ୍ୱଷ୍ଟତାର ଅଭାବ ଏବଂ ବିଶ୍ୱସ୍ତରୀୟ ଆଇଟି ଷ୍ଟକ୍ ସର୍ବାଧିକ ବିକ୍ରିହେବା ଟଙ୍କା ମୂଲ୍ୟ ଦ୍ରୁତ ହ୍ରାସ ପାଇବାର କାରଣ। ଶୁକ୍ରବାର ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ୍ ମାର୍କେଟରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଆରମ୍ଭରେ ୮୮.୬୭ ଥିବାବେଳେ ପରେ ଏହା ସର୍ବନିମ୍ନ ୮୯.୬୫କୁ ହ୍ରାସ ପାଇ କାରବାର ଶେଷ ବେଳକୁ ସାମୟିକ ଭାବେ ୮୯.୬୧ରେ ସ୍ଥିର ରହିଥିଲା। ପୂର୍ବଦିନ ତୁଳନାରେ ଟଙ୍କା ମୂଲ୍ୟ ୯୩ ପାଇସା କମ୍‌ରେ କାରବାର ବନ୍ଦ ହୋଇଛି। ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୨୦ ପଇସା ହ୍ରାସ ପାଇ ୮୮.୬୮ ପଇସା ରହିଥିଲା। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୩୦ରେ ଟଙ୍କା ମୂଲ୍ୟ ୮୮.୮୫କୁ ହ୍ରାସ ପାଇଥିଲା ବେଳେ ଅକ୍ଟୋବର ୧୪ରେ ଏହା ୮୮.୮୧ ରହିଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ସଞ୍ଜୟ ମାଲହୋତ୍ରା ଗୁରୁବାର କହିଥିଲେ, କେନ୍ଦ୍ରୀୟ ବ୍ୟାଙ୍କ ଟଙ୍କା ପାଇଁ କୌଣସି ସ୍ତରକୁ ଟାର୍ଗେଟ କରେନାହିଁ। ସମ୍ପ୍ରତି ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ମୁଖ୍ୟତଃ ବାଣିଜ୍ୟ ଅନିଶ୍ଚିତତା ଏବଂ ଆମେରିକା ପ୍ରଶାସନ ଲଗାଇଥିବା ଟାରିଫ୍ ଯୋଗୁ ହେଉଛି। ଡଲାର ଚାହିଦା ବଢ଼ିଲେ ଟଙ୍କା ମୂଲ୍ୟ ହ୍ରାସ ପାଇଥାଏ।

# ପର୍ଯ୍ୟାୟକ୍ରମେ ହେବ ରତ୍ନଅଳଙ୍କାର ଗଣତି

ପୁରୀ,୨୧।୧୧(ଅଜିତ୍ କୁମାର ମହାନ୍ତି)

### ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

- ସେବାୟତଙ୍କ ମାସିକ ଭତ୍ତା, କନ୍ୟା ବିବାହ ରାଶି ବୃଦ୍ଧି
- ଧାଡ଼ିଦର୍ଶନ ପାଇଁ ର୍‍ୟାମ୍ପ୍ ବ୍ୟବସ୍ଥାର ପୁନଃ ତର୍ଜମା ହେବ

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟମଣ୍ଡପରେ ଧାଡ଼ି ଦର୍ଶନ, ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ, ସେବାୟତଙ୍କ ଭତ୍ତା, ମହାପ୍ରଭୁଙ୍କ ଜମିଜମା ସୁରକ୍ଷା, ଗୁଣ୍ଡିଚା ମନ୍ଦିର ଖୋଲାଯିବା ଏବଂ ଏମାର ମଠ ରୁପାଇଟା ଆଦି



ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟତଃ ଆଲୋଚନା କରାଯାଇଛି। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ନେଇ ସ୍ୱତନ୍ତ୍ର ନୂଆ ଏସ୍‌ଓପି ଆସିବ। ନାଟମଣ୍ଡପରେ ଧାଡ଼ି ଦର୍ଶନ ପାଇଁ ର୍‍ୟାମ୍ପ ବ୍ୟବସ୍ଥାର ପୁନଃ ତର୍ଜମା କରାଯିବ। ସେବାୟତଙ୍କ ଭତ୍ତା ମାସିକ ୫ହଜାର ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ସେମାନଙ୍କ କନ୍ୟା ବିବାହ ରାଶି ମଧ୍ୟ ବଢ଼ିଛି। ସେହିପରି ଖୁବ୍‌ଶୀଘ୍ର ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲାଯିବ ଏବଂ ଏମାର ମଠ ରୁପାଇଟା ମହାପ୍ରଭୁଙ୍କ ଅଧୀନକୁ ଅଣାଯିବ ବୋଲି ବୈଠକରେ ସ୍ଥିର ☞ପୃଷ୍ଠା–୬

# ବାତ୍ୟା ଭୟ: ଆଜି ଲଘୁଚାପ, ୨୪ରେ ଅବପାତ

ଭୁବନେଶ୍ୱର,୨୧।୧୧(ବନ୍ଦନା ସେଠୀ)

ଓଡ଼ିଶାକୁ ପୁଣି ବାତ୍ୟା ଭୟ ଦେଖାଦେଇଛି। ମାସ ଶେଷ ଆଡ଼କୁ ବାତ୍ୟା ଓ ବର୍ଷା ହେବା ନେଇ ବିଭିନ୍ନ ପାଣିପାଗ ମଡେଲ ସୂଚନା ଦେବା ପରେ ବିଶେଷକରି ରାଜ୍ୟର ଚାଷୀକୁଳ ଛାନିଆ ହୋଇପଡ଼ିଛନ୍ତି। ବିଲରେ ପାଚିଲା ଧାନ ଠିଆ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ପୁଣି ବାତ୍ୟା ହେଲେ ସବୁଗଲା ବୋଲି ଚାଷୀମାନେ କହିଛନ୍ତି। ଏଯାଏ ଭାରତୀୟ ପାଣିପାଗ ବିଭାଗ କିମ୍ବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବାତ୍ୟା ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ବର୍ଷା ହେବା ନେଇ ସ୍ପଷ୍ଟ କରାଯାଇଛି।

ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଘୂର୍ଣ୍ଣିବଳୟଟି ଷ୍ଟ୍ରେଟ୍ ଅଫ୍ ମଲକ୍କା (ଇଣ୍ଡୋନେସିଆ ଦେଇ ଆଣ୍ଡାମାନ ସାଗରକୁ ସଂଯୋଗ କରୁଥିବା ଜଳପଥ)ରେ ସମୁଦ୍ରପତ୍ତନଠାରୁ ୫.୮ କିମି ବିସ୍ତୀର୍ଣ୍ଣ ଅଞ୍ଚଳରେ ରହିଛି। ଏହା ପ୍ରଭାବରେ ଶନିବାର ଆଡ଼କୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମଶଃ ଏହା ପଶ୍ଚିମ–ଉତ୍ତର ପଶ୍ଚିମ ଦିଗରେ ଗତିକରି ଅଧିକ ଘନୀଭୂତ ହେବ। ୨୪ ତାରିଖ ସୋମବାର ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଅବପାତର ରୂପ ନେଇପାରେ। ପରବର୍ତ୍ତୀ ୪୮ଘଣ୍ଟାରେ ଅର୍ଥାତ୍ ୨୬ତାରିଖ ବେଳକୁ ଦକ୍ଷିଣ–ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ତେବେ ଆଗାମୀ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ଶୁଖିଲା ପାଗ ଜାରି ରହିବ। ଲଘୁଚାପ ସୃଷ୍ଟି ହେବା ପରେ ବର୍ଷା ଓ ବାତ୍ୟାର ରୂପରେଖ ସ୍ପଷ୍ଟ ହେବ ବୋଲି ଡ. ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାଟି ତାମିଲନାଡୁ ଓ ଆନ୍ଧ୍ର ଉପକୂଳ ମୁହାଁ ହେବ ବୋଲି କେତେକ ପାଣିପାଗ ମଡେଲ ଦର୍ଶାଉଥିବାବେଳେ ଆଉ କିଛି ମଡେଲ ବାତ୍ୟାର ଗତିପଥ ଓଡ଼ିଶା ପାଖ ଦେଇ ପଶ୍ଚିମବଙ୍ଗ ଓ ବାଂଲାଦେଶ ଆଡକୁ ରହିଛି। ବାତ୍ୟା ଓଡ଼ିଶାକୁ ନ ଛୁଇଁଲେ ବି ଏହା ପ୍ରଭାବରେ ଓଡ଼ିଶା ଉପକୂଳରେ ପ୍ରବଳ ବର୍ଷା ହେବା ନେଇ ଆକଳନ କରାଯାଇଛି। ପାଣିପାଗର ଏଭଳି ଆକଳନ ଚାଷୀଙ୍କ ମନରେ ଫସଲ ଅମଳକୁ ନେଇ ଚିନ୍ତା ବଢ଼ିଛି। ଏପରିସ୍ଥିତିରେ ଭାରତୀୟ ଜଳ ବ୍ୟବସ୍ଥାପନା ଅନୁଷ୍ଠାନ (ଆଇସିଏଆର–ଆଇଆଇଡବ୍ଲ୍ୟୁଏମ) ପକ୍ଷରୁ ଓଡ଼ିଶା ପାଇଁ ନଭେମ୍ବର ଦ୍ୱିତୀୟ ପକ୍ଷ (ନଭେମ୍ବର ୩୦ ଯାଏ)ର ପାଣିପାଗ ଆଧାରିତ କୃଷି ପରାମର୍ଶ ଜାରି କରାଯାଇଛି। ଏହି ସମୟରେ ଅମଳ ହେଉଥିବା ଧାନ, କଳା ଚଣା, ବାଦାମ, ଭେଣ୍ଡି, ବାଇଗଣ ଓ ଆଖୁକୁ ଦୃଷ୍ଟିରେ ରଖି ଆବଶ୍ୟକ ମୁତାବକ ସତର୍କତା ଜାରି କରାଯାଇଛି।




# ପାକ୍ସ ସମ୍ପାଦକଙ୍କୁ ଗିରଫ କଲା ଭିଜିଲାନ୍ସ

## ଚାଷୀଙ୍କ ୪୦.୭୧ ଲକ୍ଷର ଋଣ ଟଙ୍କା ହଡ଼ପ

ଭୁବନେଶ୍ୱର/ଦେବଗଡ଼ ୨୧।୧୧ (ସତ୍ୟଜିତ ରାଉତ/ ଶଶାଙ୍କ ଶେଖର ଖଣ୍ଡଙ୍କର)


ଗିରଫ ପାକ୍ସ କାଦୋପଡ଼ା ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ

ଦେବଗଡ଼ ଜିଲ୍ଲା କାଦୋପଡ଼ା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରୁ ଚାଷୀଙ୍କ ଋଣ ପରିଶୋଧ ଟଙ୍କା ହଡ଼ପ ଘଟଣାରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମିତିରୁ ୪୦ ଲକ୍ଷ ୭୧ ହଜାର ୬୪୪ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପାକ୍ସ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁଙ୍କୁ ଶୁକ୍ରବାର ଗିରଫ କରିଛି। ଏ ସମ୍ପର୍କରେ ରାଉରକେଲା ଭିଜିଲାନ୍ସ ଥାନାରେ ମାମଲା (ନଂ.୧୨/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ସୁରେଶଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୨୧-୨୦୨୨ ଆର୍ଥିକ ବର୍ଷରେ ସ୍ଥାନୀୟ ଚାଷୀମାନେ ଋଣ ନେଇଥିଲେ। ଉକ୍ତ ଚାଷୀମାନେ ୨୦୨୪ ମସିହାରେ ଋଣ ପରିଶୋଧ କରିଥିଲେ। ହେଲେ ସୁରେଶ ନିଜ କ୍ଷମତାର ଅପବ୍ୟବହାର କରି ସମବାୟ ସମିତିର ହିସାବ ଖାତାରେ ତଞ୍ଚକତା କରି ଚାଷୀଙ୍କ ଟଙ୍କା ନେଇଯାଉଥିଲେ। ଅଭିଯୁକ୍ତ ସୁରେଶ ସମିତିରୁ ଋଣ ନେଇଥିବା ସ୍ଥାନୀୟ ଚାଷୀମାନଙ୍କଠାରୁ ନଗଦ ଟଙ୍କା ଆକାରରେ ଋଣ ଫେରସ୍ତ ରାଶି ଗ୍ରହଣ କରୁଥିଲେ। ହେଲେ ସେହି ନେଣଦେଣକୁ ସମବାୟ ସମିତିର ମୂଳ ହିସାବ ଖାତା (ଡେ ବୁକ୍)ରେ ସେ ଉଲ୍ଲେଖ କରୁ ନ ଥିଲେ। ଏପରିକି ଏଥିପାଇଁ ଚାଷୀମାନଙ୍କୁ ଋଣ ଫେରସ୍ତର ରସିଦ୍ ମଧ୍ୟ ଦେଉଥିଲେ। ହେଲେ ଚାଷୀଙ୍କ ଉକ୍ତ ଟଙ୍କାକୁ ସେ ନିଜେ ଚଳୁ କରିଥିବା ଅଡିଟ୍ ବେଳେ ଜଣାପଡ଼ିଥିଲା। ଏନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ଗୁପ୍ତ ଭାବରେ ତଦନ୍ତ କରୁଥିଲା। ଠୋସ୍ ପ୍ରମାଣ ପାଇବା ପରେ ଭିଜିଲାନ୍ସ ଗୁରୁବାର ମାମଲା ରୁଜୁ କରିଥିଲା। ତେବେ ସୁରେଶଙ୍କ ଏଭଳି କାରନାମା ସମବାୟ ସମିତିର ଆର୍ଥିକ ସ୍ଥିତି ଓ ସ୍ଥାନୀୟ ଚାଷୀ ସମ୍ପ୍ରଦାୟକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ୨୦ଲକ୍ଷ ଠକେଇ ଏସ୍ଏସ୍‌ବି ଯବାନ ଗିରଫ

ଭୁବନେଶ୍ୱର,୨୧।୧୧ (ସତ୍ୟଜିତ ରାଉତ)


ଗିରଫ ଏସ୍ଏସ୍‌ବି ଯବାନ ସଚିତ୍ର ସେନାପତି

■ପୂର୍ବ ସରକାରରେ 'ସିଏମ୍‌ଓ'ରେ ଡ୍ୟୁଟି କରୁଥିଲେ
■ ଠକେଇ ଜାଲରେ ଫସିଛନ୍ତି ଅନେକେ, ବଢ଼ିପାରେ ଅଭିଯୋଗ

ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଜମି ଦେବା ଆଳରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଶହୀଦନଗର ଥାନା ପୋଲିସ ଶୁକ୍ରବାର କମିଶନରେଟ୍ ପୋଲିସର ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ (ଏସ୍ଏସ୍‌ବି)ର ଜଣେ ଯବାନଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ୪୨ ମୌଜା ଅଞ୍ଚଳ ବେଣ୍ଟକାର ଥାନା ଅଧୀନ ଧୂଳେଶ୍ୱର ଗ୍ରାମର ସଚିତ୍ର ସେନାପତି ଓରଫ ମିଟୁ (୪୨)। ତାଙ୍କଠାରୁ ଠକେଇ ସମ୍ବନ୍ଧୀୟ ଦସ୍ତାବିଜ ଜବତ ହୋଇଛି। କୋର୍ଟଚାଲାଣ ପରେ ସଚିତ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠା ଦିଆଯାଇଛି। ତେବେ ସଚିତ୍ର ଏଭଳି ଅନେକ ଲୋକଙ୍କୁ ଠକେଇ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ସଚିତ୍ରଙ୍କ ବିରୋଧରେ ଅଭିଯୋଗ ସଂଖ୍ୟା ବଢ଼ିପାରେ ବୋଲି ପୋଲିସ ଆଶଙ୍କା କରୁଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ପୁରୁଷ ଚନ୍ଦ୍ର ବାହୁବଳେନ୍ଦ୍ରଙ୍କୁ ସଚିତ୍ର ଠକେଇ ଜାଲରେ ଫସାଇଥିଲେ। ସଚିତ୍ର ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ରେ ଡ୍ୟୁଟି କରୁଥିଲେ। ୨୦୨୨ ନଭେମ୍ବରରେ ପୁରୁଷଙ୍କୁ ସଚିତ୍ର ତ୍ରିଶୁଳିଆ ଅଞ୍ଚଳରେ ପ୍ଲଟ୍ କିଣାଇ ଦେବେ ବୋଲି କହି ମିଛ ପ୍ରତିଶ୍ରୁତି ଦେଇ ୨୦ ଲକ୍ଷ ଟଙ୍କା ନେଇଥିଲେ। ପୁରୁଷ ତାଙ୍କ ସଞ୍ଚୟ ଏବଂ ବ୍ୟକ୍ତିଗତ ଋଣରୁ ଟଙ୍କା ବ୍ୟବସ୍ଥା କରି ଦୁଇଟି କିସ୍ତିରେ ସଚିତ୍ରଙ୍କୁ ନଗଦ ଆକାରରେ ଟଙ୍କା ଦେଇଥିଲେ। ତେବେ ଟଙ୍କା ପାଇବା ପରେ ସଚିତ୍ର ଧରାଛୁଆଁ ଦେଉ ନ ଥିଲେ। ଠକେଇର ଶିକାର ହୋଇଥିବା ଜାଣି ପୁରୁଷ ବେଣ୍ଟକାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ହସ୍ତକ୍ଷେପ ପରେ ସଚିତ୍ର ଟଙ୍କା ଫେରାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଏନେଇ ବେଣ୍ଟକାର ଥାନାରେ ୩ଟି ଷ୍ଟେଶନ ଡାଏରୀ ମଧ୍ୟ ଏଣ୍ଟ୍ରି କରାଯାଇଥିଲା। ଟଙ୍କା ଫେରସ୍ତ କରିବା ପାଇଁ ସଚିତ୍ର ୧୦ ଲକ୍ଷ ଟଙ୍କାର ଦୁଇଟି ଏସ୍‌ବିଆଇ ଚେକ୍ ଦେଇଥିଲେ। ହେଲେ ହେଲେ ଉକ୍ତ ଆକାଉଣ୍ଟଗୁଡ଼ିକରେ ପର୍ଯ୍ୟାପ୍ତ ଟଙ୍କା ନ ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଏନେଇ ପୁରୁଷ ଶହୀଦନଗର ଥାନାରେ ଏତଲା ଦେଇଥିଲେ। ଶହୀଦନଗର ପୋଲିସ ନଭେମ୍ବର ୧୧ରେ ମାମଲା (ନଂ.୫୩୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ସଚିତ୍ର ସିଏମ୍‌ଓ ଅଫିସରେ ଡ୍ୟୁଟି କରୁଥିବାରୁ ଲୋକମାନେ ଭୟରେ ତାଙ୍କ ବିରୋଧରେ ଅଭିଯୋଗ କରୁ ନ ଥିଲେ ବୋଲି ଜଣାପଡ଼ିଛି। ଏପରିକି ସଚିତ୍ର ୨ ବର୍ଷ ଧରି ଡ୍ୟୁଟି ଯାଉ ନ ଥିଲେ। ତେଣୁ ତାଙ୍କୁ କିଛିମାସ ତଳେ ପୋଲିସ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ସଚିତ୍ରଙ୍କ ଠକେଇ ଇତିହାସ ସମ୍ପର୍କରେ ଅଧିକ ଯାଞ୍ଚ ଚାଲିଥିବା ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

# ୨୦ ଦାଦନ ଶ୍ରମିକ ଉଦ୍ଧାର

## ସର୍ଦ୍ଦାର କୋର୍ଟ ଚାଲାଣ


ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଦାଦନ ଶ୍ରମିକମାନେ।

ବେଲପଡ଼ା, ୨୧।୧୧ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ପୋଲିସ ୨୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ବେଆଇନ ଦାଦନ ଶ୍ରମିକଙ୍କୁ ଚାଲାଣରେ ସମ୍ପୃକ୍ତ ଥିବା ଭରୁଆପାଲି ଗ୍ରାମର ଦାଦନ ସର୍ଦ୍ଦାର ଦିଲ୍ଲୀପ କେତକୀଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ପୋଲିସ ଟିମ୍ ଭୁଟୁଙ୍ଗପଡା ଛକଠାରୁ ବେଆଇନ ଶ୍ରମିକ ଚାଲାଣ ଖବରପାଇ ୪ ଶିଶୁଙ୍କ ସମେତ ୨୦ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଦାଦନ ଶ୍ରମିକମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ସିଙ୍ଗବାହାଲି ଗାଁର ମଣ୍ଟୁ କୁମୁରିଆ, ମିଲୁ ତମଲିଆ, ବଲାଙ୍ଗୀର ଦୁଷ୍ଟୁରା ଥାନା ଜାମୁଟ ଗାଁର ଲକ୍ଷଣ ଚିନ୍ଦା, ସନ୍ତୋଷିନୀ ଚିନ୍ଦା, ନୀଳାଞ୍ଚଳ ତାମଲିଆ, ବନବାସ ତାମଲିଆ, କଳ୍ପନା ତାମଲିଆ, ଫକୀର ବାରିକ, ମମତା ବାରିକ ଓ ଗୁଡଭେଲା ଅଞ୍ଚଳର ଡୋଲା କୁମୁରିଆ, ପ୍ରସନ୍ନ କୁମୁରିଆ, ନୀଳ କୁମୁରିଆ, ଲକ୍ଷ୍ମୀ ସମରଥ, ବନତା ତମଲିଆ, ହେମ ଚିନ୍ଦା, ଟିକେମଣି କୁମୁରିଆ। ଏମାନଙ୍କୁ ସମ୍ପୃକ୍ତ ସର୍ଦ୍ଦାର ଦିଲ୍ଲୀପ ତେଲଙ୍ଗାନା ରାଜ୍ୟର ସିକନ୍ଦରାବାଦକୁ କଣ୍ଟାବାଞ୍ଜିରୁ ଟ୍ରେନ୍ ଯୋଗେ ଚାଲାଣ କରିବାର ଥିଲା। ପୋଲିସକୁ ଦାନନ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ସର୍ଦ୍ଦାର ଓ ଦାଦନ ଶ୍ରମିକଙ୍କୁ ଥାନାକୁ ଆଣିଥିଲେ। ଥାନାରେ ଏକ ମାମଲା (ନଂ. ୩୪୨/୨୦୨୫) ରୁଜୁ କରାଯାଇଛି। ଶ୍ରମିକମାନଙ୍କୁ ନିଜ ଗାଁକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

# ମା'ଙ୍କ ବେକ କାଟି ହତ୍ୟା

ସୁନାବେଡ଼ା/ସେମିଳିଗୁଡ଼ା,୨୧।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ଅଧୀନ ଉପରସାହିରେ ଜଣେ ମହିଳାଙ୍କ ବେକ କାଟି ତାଙ୍କ ପୁଅ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଭାନୁ ଖରା। ପୋଲିସ ମୃତକଙ୍କ ପୁଅ ବଳରାମ ଖରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ମୁତାବକ ଗୁରୁବାର ବିଳମ୍ବିତ ରାତିରେ ଭାନୁ ଓ ବଳରାମଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଳରାମ ଏକ ଧାରୁଆ ଅସ୍ତ୍ରରେ ଭାନୁଙ୍କ ବେକ କାଟି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଭାନୁଙ୍କ ଭଣଜା ରାମଚନ୍ଦ୍ର ଖରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସେମିଳିଗୁଡ଼ା ଥାନାଧିକାରୀ ଅନିତା କୁଜୁର ପୋଲିସ ଓ କୋରାପୁଟ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏନେଇ ପୋଲିସ କେସ୍ ନଂ. ୧୪୭/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଭାନୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି।

# ମୁଖ୍ୟ ଶାସନ ସଚିବଙ୍କୁ ଏନ୍ଏଚ୍ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର, ୨୧।୧୧ (ତ୍ରିନାଥ ମହାନ୍ତି)

**ଘରୋଇ କଲେଜରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା**

■୨ସପ୍ତାହ ମଧ୍ୟରେ ଆକ୍ସନ ଟେକେନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଜାତୀୟ ମାନବିକ ଅଧିକାର ଆୟୋଗ(ଏନ୍ଏଚ୍ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ମାମଲାରେ ଆୟୋଗ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଭୁବନେଶ୍ୱର ଡିସିପିଙ୍କୁ ମଧ୍ୟ ଏହି ଆକ୍ସନ୍ ଟେକେନ ରିପୋର୍ଟ ମଗାଯାଇଛି।

ଗତ ଫେବୃୟାରୀ ୧୬ରେ ଘରୋଇ କଲେଜରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଥିଲେ। ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁ ବ୍ଲାକ୍‌ମେଲିଂ କରିବା ସହ ବିଭିନ୍ନ ପ୍ରକାର ଧମକ ଦେଉଥିଲେ, ଯେଉଁଥିପାଇଁ ମାନସିକ ଚାପରେ ରହି ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହେବା ସହ କ୍ୟାମ୍ପସରେ ଉତ୍ତେଜନା ଲାଗି ରହିଥିଲା। ମୃତା ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ଧାରଣା ଏବଂ ବିକ୍ଷୋଭ କରାଯାଇଥିଲା। ଶେଷରେ ପୋଲିସ ସମ୍ପୃକ୍ତ ପୁରୁଷ ବନ୍ଧୁକୁ ଗିରଫ କରିଥିଲା। ହେଲେ ଏହି ମାମଲାରେ ମୃତା ଛାତ୍ରୀ ନ୍ୟାୟ ପାଇବାରେ ବଞ୍ଚିତ ହୋଇଥିଲେ। ସବୁ ଦିଗକୁ ବିଚାର କରି ଆୟୋଗ ଡିସିପି ଓ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି।

## Business

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ




ସମ୍ବଲପୁର,୨୧।୧୧(ବି.ଶଙ୍କର)

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା ଏମ୍ଏସ୍ଏମ୍ଇ ଋଣ ଆଉଟ ରିଚ୍ କାର୍ଯ୍ୟକ୍ରମ ସୁନ୍ଦରଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଞ୍ଚଳର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ବ୍ୟାଙ୍କର ସମ୍ବଲପୁର ଅଞ୍ଚଳ ଆଞ୍ଚଳିକ ମୁଖ୍ୟ ଦିବ୍ୟେନ୍ଦୁ କୁମାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ଉଦ୍ୟୋଗଗୁଡିକର ଅଭିବୃଦ୍ଧି ପାଇଁ ଋଣ ପ୍ରବାହ ଉପରେ ଗୁରୁତ୍ୱାରୋପ କରି ବ୍ୟାଙ୍କର ବିଭିନ୍ନ ଏମ୍ଏସ୍ଏମ୍ଇ ଯୋଜନା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ ସବ୍ୟସାଚୀ ମିଶ୍ର ଅଂଶଗ୍ରହଣ କରିଥିବା ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ।

# ଜୟଆଲୁକ୍କାସ୍‌ର 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ'

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ବିଶ୍ୱସ୍ତରୀୟ ଜୁଏଲେରି ବ୍ରାଣ୍ଡ୍ ଜୟଆଲୁକ୍କାସ୍ ପକ୍ଷରୁ ଭୁବନେଶ୍ୱର ଜନପଥସ୍ଥିତ ଆଇକନିକ୍ ଶୋ'ରୁମ୍‌ରେ 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ'ର ଶୁକ୍ରବାର ଆରମ୍ଭ କରାଯାଇଛି। ଇଣ୍ଡଲଜର ପ୍ରତିଷ୍ଠାତା ସୁକୃତି ପଟ୍ଟନାୟକ, ଅଭିନେତ୍ରୀ ଦେବଯାନୀ ଦେଘୁରିଆ, କୁକିଜ୍ ସ୍ୱାଇଁ, ଜୟଆଲୁକ୍କାସ୍‌ର ରିଟେଲ୍ ହେଡ୍ ରାଜେଶ କ୍ରିଷ୍ଣନନ୍ ଓ ମାର୍କେଟିଂ ହେଡ୍ ଅନିଶ୍ ଭାର୍ଗବ୍ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ଅଳଙ୍କାରର କାରୁକାର୍ଯ୍ୟ, ସୌନ୍ଦର୍ଯ୍ୟ ଓ ନବୀନତାର ଏକ ଅବିସ୍ମରଣୀୟ ଉତ୍ସବ ହେବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ପ୍ରଦର୍ଶନୀରେ ବିବାହ ପାଇଁ ଭାରି ସେଟ୍‌ରୁ ଆରମ୍ଭକରି ନିତିଦିନିଆ ବ୍ୟବହାରଯୋଗ୍ୟ ଅଳଙ୍କାର ଉପଲବ୍ଧ ରହିଛି। ପ୍ରତ୍ୟେକ ଡିଜାଇନ ପାରମ୍ପରିକ ଐତିହ୍ୟକୁ ଆଧୁନିକ ସ୍ପର୍ଶ ଦେଇ ତିଆରି ହୋଇଛି। ଏହି ସମସ୍ତ ମାଷ୍ଟରପିସ୍ ଡିଜାଇନଗୁଡ଼ିକ କେବଳ ପ୍ରଦର୍ଶନୀ ସମୟରେ ହିଁ ଉପଲବ୍ଧ ରହିବ। ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡା. ଜୟ ଆଲୁକ୍କାସ୍ କହିଛନ୍ତି, ବ୍ରିଲିଆନ୍ସ ଡାଏମଣ୍ଡ ଭୁବନେଶ୍ୱର ଆମର ଯାତ୍ରାରେ ବିଶେଷ ସ୍ଥାନ ବହନ କରିଛି। ଉତ୍ସବ ଋତୁରେ ଆୟୋଜିତ ଏହି ପ୍ରଦର୍ଶନୀରେ ଗ୍ରାହକମାନଙ୍କୁ ସୌନ୍ଦର୍ଯ୍ୟ, ବ୍ୟକ୍ତିତ୍ୱ ଓ ଉତ୍କୃଷ୍ଟ କାରୁକାର୍ଯ୍ୟର ଅନନ୍ୟ ଡିଜାଇନ ଦେଖିବାକୁ ମିଳିବ। ଏହି ଅବସରକୁ ଆହୁରି ଚମକଦାର କରିବା ପାଇଁ ପ୍ରଦର୍ଶନୀ ଅବଧିରେ ୧ ଲକ୍ଷ ଟଙ୍କା ବା ତା'ଠାରୁ ଅଧିକ ମୂଲ୍ୟର ହୀରା ଅଳଙ୍କାର କିଣିଲେ ଗ୍ରାହକମାନଙ୍କୁ ମାଗଣାରେ ଏକ ସୁନା କଏନ ଉପହାର ମିଳିବ। ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ' କେବଳ ଭୁବନେଶ୍ୱରର ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ଡିସେମ୍ବର ୭ ପର୍ଯ୍ୟନ୍ତ ଚାଲିବ।




# ଓଡ଼ିଶାରେ ଗ୍ୟାଲାକ୍ସି ହେଲ୍‌ଥ ଇନ୍ସୁ୍ୟରାନ୍ସର ଆଞ୍ଚଳିକ କାର୍ଯ୍ୟାଳୟ

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ହେଲ୍‌ଥ ଇନ୍ସୁ୍ୟରାନ୍ସ କମ୍ପାନୀ ଗ୍ୟାଲାକ୍ସି ହେଲ୍‌ଥ ଇନ୍ସୁ୍ୟରାନ୍ସ ଭୁବନେଶ୍ୱରରେ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ଶୁଭାରମ୍ଭ କରିଛି। ଏନେଇ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆପୋଲୋ ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର୍ ତଥା ଡିଏମ୍ଏସ୍ ଡା. ଆଲୋକ ଶ୍ରୀବାସ୍ତବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବ ଭାରତରେ ନିଜ ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ସୁଲଭ ଏବଂ ସମାବେଶୀ ସ୍ୱାସ୍ଥ୍ୟ ବୀମା ସମାଧାନ କମ୍ପାନୀର ଉଦ୍ଦେଶ୍ୟ ଥିବା ଗ୍ୟାଲାକ୍ସି ହେଲ୍‌ଥ ଇନ୍ସୁ୍ୟରାନ୍ସର ଏମ୍‌ଡି ତଥା ସିଇଓ ଜି. ଶ୍ରୀନିବାସନ କହିଛନ୍ତି। ଚିଫ୍ ମାର୍କେଟିଂ ଅଫିସର ଏସ୍ ଗୁରୁପ୍ରକାଶ କହିଛନ୍ତି, ଗ୍ୟାଲାକ୍ସି ହେଲ୍‌ଥ ଇନ୍ସୁ୍ୟରାନ୍ସ ଅନୌପଚାରିକ କ୍ଷେତ୍ରର କର୍ମୀ, ନିମ୍ନମଧ୍ୟବିତ୍ତ ବର୍ଗର ପରିବାର ଏବଂ ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସୁରକ୍ଷା ସୁଲଭ କରାଇବାକୁ ଉଦ୍ୟମ କରୁଛି। ଓଡ଼ିଶାରେ ୧୦୦୦ରୁ ଅଧିକ ଏଜେଣ୍ଟ ଯୋଡ଼ିବାର ଯୋଜନା ରଖିଥିବା ଚିଫ୍ ଅଣ୍ଡର ରାଇଟିଂ ଅଫିସର୍ ଆର୍. ମାର୍ଗବନ୍ଧୁ କହିଛନ୍ତି। ଉପେକ୍ଷିତ ଅଞ୍ଚଳରେ ବୀମା ସଚେତନତା ବଢ଼ାଇବା ସହ ଡିଜିଟାଲ ପ୍ଲାଟ୍‌ଫର୍ମକୁ ବ୍ୟବହାର କରିବାରେ କମ୍ପାନୀ ଗୁରୁତ୍ୱ ଦେବ ବୋଲି ଷ୍ଟେଟ୍ ହେଡ୍ ପିସି ତ୍ରିପାଠୀ କହିଛନ୍ତି।



ଗ୍ୟାଲାକ୍ସି ହେଲ୍‌ଥ ଇନ୍ସୁ୍ୟରାନ୍ସର ଏମ୍‌ଡି ତଥା ସିଇଓ ଜି. ଶ୍ରୀନିବାସନ ଓ ଅନ୍ୟମାନେ ମୁଖ୍ୟ ଅତିଥି ଡା. ଆଲୋକ ଶ୍ରୀବାସ୍ତବଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଆମଷ୍ଟ୍ରାଡ୍‌ର ନୂତନ ଉନ୍ମୋଚିତ




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଆମଷ୍ଟ୍ରାଡ୍ କଞ୍ଜ୍ୟୁମର ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ବ୍ୟାପକ ରେଞ୍ଜର ଉତ୍ପାଦର ଉନ୍ମୋଚନ କରାଯାଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଉନ୍ମୋଚନ କାର୍ଯ୍ୟକ୍ରମରେ କମ୍ପାନୀର ମୁଖ୍ୟ ପରାମର୍ଶଦାତା ନିପୁଣ ସିଂଘଲ ଯୋଗଦେଇ ଉତ୍ପାଦଗୁଡ଼ିକ ସମ୍ପର୍କରେ ବିସ୍ତୃତ ସୂଚନା ଦେବାସହ ଓଡ଼ିଶାର ବ୍ୟବସାୟ ବିସ୍ତାର ନେଇ ରହିଥିବା ଯୋଜନା ସମ୍ପର୍କରେ କହିଥିଲେ। କମ୍ପାନୀ ସୁଲଭ ମୂଲ୍ୟରେ ଲଗ୍‌ଜରୀ ଉତ୍ପାଦ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ହିଁ କମ୍ପାନୀର ବିଶେଷତ୍ୱ ବୋଲି କହିଥିଲେ। ବର୍ତ୍ତମାନ ରାଜ୍ୟର ୩୦ ଜିଲାରେ ଶତାଧିକ ଡିଲର ରହିଥିବାବେଳେ ଆଗକୁ ଡିଲରସିପ୍ ବୃଦ୍ଧି କରାଯିବ ବୋଲି ସେ କହିଥିଲେ। ୬ବର୍ଷର ଯାତ୍ରା ମଧ୍ୟରେ ଓଡ଼ିଶାରେ ଆମଷ୍ଟ୍ରାଡ ଲୋକପ୍ରିୟତା ହାସଲ କରିଥିବା ଆମଷ୍ଟ୍ରାଡ୍ (ଅପରେଶନ) ମୁଖ୍ୟ ଧୀରଜ ସାରସ୍ୱତ କହିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସୁପର ହେଭି ଡ୍ୟୁଟି ଏୟାର କଣ୍ଡିଶନର, ଟେଲିଭିଜନ ଲାଇନ୍‌ଅପ୍ ମିନି କ୍ୟୁଏଲଇଡ୍, ଗେମିଂ ଟିଭି, କ୍ୟୁଏଲଇଡି ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାରୁ ଗୌତମ ନାୟକ, ବିଭୂତି ବେଜ୍ ଏବଂ ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଉଛି ଏଏମ୍ଏନ୍ଏସ୍ ଇଣ୍ଡିଆ

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍ଏନ୍ଏସ୍ ଇଣ୍ଡିଆ) କମ୍ପାନୀ କର୍ମଚାରୀମାନଙ୍କ ଦ୍ୱାରା ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦୦ରୁ ଅଧିକ ପିଲା ସାମିଲ ହୋଇ ଶିକ୍ଷଣ, ସୃଜନଶୀଳତା ଓ ସାଂସ୍କୃତିକ ବାର୍ତ୍ତା ଆଦାନ ପ୍ରଦାନ କରିଛନ୍ତି। ପାରାଦୀପରେ ନିମିଧିସ୍ଥିତ ଶ୍ରୀ ଲୋକନାଥ ଶିକ୍ଷାଶ୍ରମରେ ୫୪ ଜଣ ପିଲା ଓ କର୍ମଚାରୀଙ୍କ ସହ କେକ୍ କାଟି ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହାପରେ ପିଲା ଓ କର୍ମଚାରୀମାନେ ମିଶି ନୋଟବୁକ୍ ତିଆରି କାର୍ଯ୍ୟକ୍ରମରେ ଭାଗ ନେଇ ସୃଜନଶୀଳତା ଓ ଟିମ୍‌ୱର୍କର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଏମ୍ଏନ୍ଏସ୍ ଇଣ୍ଡିଆର ପାରାଦୀପ ପେଲେଟ ପ୍ଲାଣ୍ଟ ମୁଖ୍ୟ ଚନ୍ଦ୍ର ହରିପ୍ରସାଦ, ଓଡ଼ିଶା ଫାଇନାନ୍ସ ଓ ଆକାଉଣ୍ଟସ ମୁଖ୍ୟ ସଞ୍ଜୀବ ସିଂହ, ଏଏମ୍ଏନ୍ଏସ୍ ପୋର୍ଟସ ଫାଇନାନ୍ସ ମୁଖ୍ୟ ପ୍ରଶାନ୍ତ ବେହେରା ଏବଂ ଶ୍ରୀ ଲୋକନାଥ ଶିକ୍ଷାଶ୍ରମର ସଚିବ ପ୍ରଦୀପ୍ତ କୁମାର ଭୁୟାଁ ଉପସ୍ଥିତ ଥିଲେ। ଠାକୁରାଣୀ ଖଣିରେ ଛାତ୍ରୀଛାତ୍ରଙ୍କ ପାଇଁ ବିଜ୍ଞାନ ମଡେଲ କାର୍ଯ୍ୟକ୍ରମ କରାଯାଇଥିଲା। ମ୍ୟାଗ୍ନେଟିକ ଲେଭିଟେସନ, ପବନଚକି, ନିୟୁଟନଙ୍କ ରଙ୍ଗ ଡିସ୍କ, ଇଲେକ୍ଟ୍ରୋମ୍ୟାଗ୍ନେଟ ଆଦି ୮୨ଟି ବ୍ୟବହାରିକ ମଡେଲ ତିଆରି କରାଯାଇ ନିକଟସ୍ଥ ବିଦ୍ୟାଳୟମାନଙ୍କୁ ବଣ୍ଟନ କରାଯାଇଛି। ଏହା ଦ୍ୱାରା ପିଲାମାନେ ବିଜ୍ଞାନକୁ ବ୍ୟବହାରିକ ଭାବେ ବୁଝି ସମସ୍ୟା ସମାଧାନ ଓ ସମାଲୋଚନା କ୍ଷମତା ବଢ଼ାଇପାରିବେ। ଠାକୁରାଣୀ ଖଣି ମ୍ୟାନେଜର ଇନ୍ଦ୍ରକାନ୍ତ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ବ୍ୟତୀତ ପାରାଦୀପ ଓ ବଡ଼ବିଲ କାର୍ଯ୍ୟାଳୟରେ ଏଚଆର୍ ଟିମ ଦ୍ୱାରା ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ସହ ମଜାଦାର ଖେଳର ଆୟୋଜନ କରାଯାଇଥିଲା।




# ଟିଏସ୍‌ଡିପିଏଲ୍ କଳିଙ୍ଗନଗରକୁ ସୁରକ୍ଷା ଉତ୍କର୍ଷ ପୁରସ୍କାର




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଟାଟା ଷ୍ଟିଲ ଡାଉନ ଷ୍ଟ୍ରିମ ପ୍ରଡକ୍ଟସ୍ ଲିମିଟେଡ୍(ଟିଏସ୍‌ଡିପିଏଲ), କଳିଙ୍ଗନଗରକୁ ୨୦୨୪-୨୫ ବର୍ଷ ପାଇଁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାରର ପ୍ଲାଟିନମ୍ ବର୍ଗରେ ପୁରସ୍କୃତ କରାଯାଇଛି। ଏହି ସମ୍ମାନ ଓଡ଼ିଶା ସରକାରଙ୍କ କାରଖାନା ଓ ବଏଲର୍ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍ଏସ୍)ଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଏଥି ନିମନ୍ତେ ଭାରତର ୧୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଚଳିତ ମାସ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସମାରୋହରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏବଂ ଯାଜପୁର ଏମ୍‌ପି ଡ. ଆର.ଏନ୍. ବେହେରା ଏହି ସମ୍ମାନ ପ୍ରଦାନ କରିଥିଲେ। ଟିଏସ୍‌ଡିପିଏଲ୍, କଳିଙ୍ଗନଗର ପ୍ଲାଣ୍ଟର ମୁଖ୍ୟ ରାଜେଶ ଚୌଧୁରୀ, ଟିନ୍ ପ୍ଲେଟ୍ ଏବଂ ମେଟାଲିକ୍ସ ବିଭାଗର ମୁଖ୍ୟ ଅଗମ କୁମାର ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଚୌଧୁରୀ କହିଥିଲେ, ପ୍ଲାଣ୍ଟରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ଡିଜିଟାଲାଇଜେଶନ୍, ଅଟୋମେଶନ୍, କ୍ୟାମେରା ମାଧ୍ୟମରେ ଉନ୍ନତ ନିରୀକ୍ଷଣ, ସୁରକ୍ଷା ବାଡ଼, ପ୍ରତିକାରମୂଳକ ରକ୍ଷଣାବେକ୍ଷଣ ପ୍ରଣାଳୀ ଏବଂ ଆଚରଣଗତ ପରିବର୍ତ୍ତନ କାର୍ଯ୍ୟକ୍ରମ କରିଥାଏ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୋନାଲି


@ ସୁଶୀଲ


@ ପ୍ରଦୀପ୍ତ


@ ସିଦ୍ଧାର୍ଥ


@ ସୁରେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଧୁନିକ ଓଡ଼ିଶାର ଗୌରବମୟ କୀର୍ତ୍ତି ପଛରେ ମହତାବଙ୍କ ସ୍ପର୍ଶ ଲୁଚିଛି

## ଉତ୍କଳ କେଶରୀଙ୍କ ୧୨୬ତମ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୨୧।୧୧
(ସୌମ୍ୟରଞ୍ଜନ ରାଉତ)

ଜନନାୟକ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜୟନ୍ତୀ ଉତ୍ସବ ସହ ଡ. ମହତାବଙ୍କ ଜୀବନୀକୁ ନେଇ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ମହତାବ ଓଡ଼ିଶାବାସୀଙ୍କ ପାଇଁ କେବଳ ଏକ ନାମ ନୁହେଁ, ଏହା ବିକାଶ ପାଇଁ ଏକ ଚିନ୍ତାଧାରା ଓ ପ୍ରେରଣା। ଆଜି ଆମେ ଆଧୁନିକ ଓଡ଼ିଶାରେ ଯେତେବେଳେ ହୀରାକୁଦ ନଦୀବନ୍ଧ, ରାଜଧାନୀ ଭୁବନେଶ୍ୱର, ରାଉରକେଲା ଇସ୍ପାତ କାରଖାନା, ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ହାଇକୋର୍ଟ, ବିଦ୍ୟାଧରପୁର ଧାନ ଗବେଷଣା କେନ୍ଦ୍ର, କଟକ ରେଡିଓ ଷ୍ଟେଶନ ଇତ୍ୟାଦିକୁ ନେଇ ଗର୍ବ କରୁଛେ, ଏହିସବୁ ଗୌରବମୟ କୀର୍ତ୍ତି ପଛରେ ମହତାବଙ୍କ ସ୍ପର୍ଶ ଲୁଚି ରହିଛି। ମହତାବ କେବଳ ସ୍ୱପ୍ନ ଦେଖି ନ ଥିଲେ, ସେ ଜଣେ କର୍ତ୍ତା ଥିଲେ। ସ୍ୱାଧୀନତା ପରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ସ୍ୱପ୍ନ ଓ ଆଦର୍ଶକୁ କାର୍ଯ୍ୟରେ ପରିଣତ କରିଥିଲେ। ସେ ଜାଣିଥିଲେ କେବଳ ରାଜନୈତିକ ସ୍ୱାଧୀନତା ଯଥେଷ୍ଟ ନୁହେଁ, ପ୍ରକୃତ ସ୍ୱାଧୀନତାର ଅର୍ଥ ହେଉଛି କ୍ଷୁଧା, ଦାରିଦ୍ର୍ୟ, ରୋଗ ଏବଂ ଅଜ୍ଞତାରୁ ମୁକ୍ତି। ସେ ରାଜ୍ୟରେ ଯୋଜନାବଦ୍ଧ ବିକାଶର ମୂଳଦୁଆ ପକାଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ମତ ରଖିଥିଲେ।

ସମ୍ମାନିତ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ କହିଲେ, ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଢ଼ିବାକୁ ଆମ ସରକାର ଯେଉଁ ପ୍ରୟାସ କରିଛନ୍ତି, ତାହା ଡ. ମହତାବଙ୍କ ଅମର ସ୍ମୃତିକୁ ଆମର ବଡ଼ ଭେଟି ହୋଇପାରିବ। ଅନ୍ୟତମ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ କହିଲେ, ବିକଶିତ ଭାରତର ପ୍ରଥମ ସ୍ପର୍ଶ ଦେଇଥିବା ଏବଂ ଓଡ଼ିଆ ସାହିତ୍ୟକୁ ଯୁବବର୍ଗଙ୍କ ମଧ୍ୟରେ ଆଦୃତ କରାଇଥିବା ମଣିଷ ହେଉଛନ୍ତି ମହତାବ। ସାହିତ୍ୟିକ ଦାଶ ବେନହୁର କହିଲେ, ଭାରତ ବର୍ଷରେ ମହତାବଙ୍କ ଭଳି ବ୍ୟକ୍ତିବିଶେଷ କେହି ନାହାନ୍ତି, ଯିଏ ୫ଜଣ ମୁଖ୍ୟମନ୍ତ୍ରୀ ତିଆରି କରିଛନ୍ତି। କେବଳ ପ୍ରଜାତନ୍ତ୍ର କି ମିନାବଜାର ନୁହେଁ, ତାଙ୍କର ଅନେକ ଲେଖା ଆଜି ଓଡ଼ିଆ ସାହିତ୍ୟକୁ ଜୀବନ୍ତ କରି ରଖିଛି। ମହତାବ ରାଜନୀତି ଓ ସାହିତ୍ୟର ଏକ ଅପୂର୍ବ ଜ୍ଞାନ ଥିଲେ ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ମହତାବ ଓ ପ୍ରଜାତନ୍ତ୍ର ସମ୍ପାଦକୀୟ', 'ମହତାବ ଜୟନ୍ତୀ ସ୍ମାରକୀ', 'ହରେକୃଷ୍ଣ ମହତାବ','ମହତାବ ଜୟନ୍ତୀ ସ୍ମାରକୀ' ପୁସ୍ତକ ମଧ୍ୟ ଉନ୍ମୋଚନ କରିଥିଲେ। ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଦେଇଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ରାଜ୍ୟରେ ୧୩୦୦, ଖୋର୍ଦ୍ଧା ଜିଲାରେ ୨୮୫ ବେଆଇନ ବିଦ୍ୟାଳୟ

## ଓଏଚ୍‌ଆର୍‌ସିରେ ମାମଲା

ଭୁବନେଶ୍ୱର,୨୧।୧୧(ସୁଚିସ୍ମିତା ସାହୁ)

ରାଜ୍ୟରେ ୧୩୦୦ରୁ ଅଧିକ ବିଦ୍ୟାଳୟ ବେଆଇନ ଭାବେ ଚାଲୁଛି। କେବଳ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୮୫ ବିଦ୍ୟାଳୟ ବିନା ସ୍ୱୀକୃତିରେ ଚାଲୁଛି। ଏନେଇ ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ ପକ୍ଷରୁ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ହୋଇଥିବା ମାମଲାର ଶୁଣାଣିବେଳେ ଏଭଳି ତଥ୍ୟ ରଖିଛନ୍ତି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ। ଏହାକୁ ନେଇ ମହାସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ମହାସଂଘ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ କହିଛନ୍ତି, ଖୋଦ୍ ଶିକ୍ଷା ବିଭାଗର ଅଧିକାରୀଙ୍କ ଭିତିରି ପ୍ରୋତ୍ସାହନରେ ଏସବୁ ବେଆଇନ ସ୍କୁଲ ଗଢ଼ି ଉଠୁଛି। ଏଥିଯୋଗୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବାବେଳେ ଜିଲା ଶିକ୍ଷା ଅଧିକାରୀମାନେ ବିପୁଳ ଫାଇଦା ନେଉଛନ୍ତି। ଫଳରେ ଏସବୁ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଛି।

ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଚ୍ଛେଦ ୧୮ ଅନୁଯାୟୀ, କୌଣସି ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ବେସରକାରୀ ବିଦ୍ୟାଳୟ ଖୋଲିବାକୁ ହେଲେ ସରକାରଙ୍କ ତରଫରୁ ପ୍ରଥମେ ଅନୁମତି ଏବଂ ପରବର୍ତ୍ତୀ ଅବସ୍ଥାରେ ସ୍ୱୀକୃତି ନେବାକୁ ବାଧ୍ୟ। ଯଦି ଏହାକୁ ଅବମାନନା କରି କୌଣସି ବିଦ୍ୟାଳୟ ଚାଲୁଥିବା ସରକାରଙ୍କ ଦୃଷ୍ଟିଗୋଚର ହୁଏ, ତା'ହେଲେ ୧ ଲକ୍ଷ ଟଙ୍କା ଜରିମାନା ଏବଂ ପରବର୍ତ୍ତୀ ଅବସ୍ଥାରେ ଦୈନିକ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟର ପ୍ରାବଧାନ ରହିଛି। ଏନେଇ ଜିଲା ଶିକ୍ଷାଧିକାରୀମାନେ ରୁଲ୍-୧୪ ଅନୁଯାୟୀ ସ୍ୱୀକୃତି ପ୍ରତ୍ୟାହାର ପାଇଁ ପଦକ୍ଷେପ ନେଇପାରିବେ। ହେଲେ ୨୦୧୮ରୁ ପ୍ରତ୍ୟେକ ବର୍ଷ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଜିଲା ଶିକ୍ଷାଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରାଯାଉଥିଲେ ହେଁ ସେମାନେ ଚୁପ୍ ବସିଛନ୍ତି। ମାନବାଧିକାର ଆୟୋଗଙ୍କ ଶୁଣାଣି ସମୟରେ ଏ ସମ୍ପର୍କିତ ସମସ୍ତ ତଥ୍ୟ କମିଶନରଙ୍କୁ ପ୍ରଦାନ କରାଯାଇଛି। ଏହି ବେଆଇନ ବିଦ୍ୟାଳୟ ଏବଂ ଏହାକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷା ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରାଜସ୍ୱ ହାନି ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କଠାରୁ ଆଦାୟ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଥିବା ମହାସଂଘ ସଭାପତି ପଟ୍ଟନାୟକ କହିଛନ୍ତି।

# ଓଏମ୍‌ସି ପାଇଲା 'କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର'

ଭୁବନେଶ୍ୱର,୨୧।୧୧
(ଅନୁରାଧା ମହାରଣା)

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପାଞ୍ଚୋଟି ଖଣିକୁ 'କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର' ମିଳିଛି। ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ୱାଲିଟି ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍‌ଏସ୍) ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ୧୬ତମ ଜାତୀୟ ସୁରକ୍ଷା କନ୍‌କ୍ଲେଭରେ ୨୦୨୫ରେ ଓଏମ୍‌ସିକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଏବଂ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ କ୍ଷେତ୍ରରେ ପ୍ରତିବଦ୍ଧତା ପାଇଁ ଓଏମ୍‌ସିର ୫ଟି କାର୍ଯ୍ୟକ୍ଷମ ଖଣିକୁ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ନିଗମର ରୋଇଡା-ସି ଲୁହାପଥର ଓ ମାଙ୍ଗାନିଜ ଖଣି, କୋଡିଙ୍ଗାମାଳି ବକ୍ସାଇଟ ଖଣି ପ୍ଲାଟିନମ୍ ପୁରସ୍କାର ପାଇଥିବାବେଳେ ଗୁଆଳି ଲୁହାପଥର ଖଣି, ତିରିଙ୍ଗପାହାଡ଼ ଲୁହାପଥର ଖଣି ଏବଂ ଅମ୍ବାବାଲି ଚୂନପଥର ଖଣି ସମ୍ମାନଜନକ ସ୍ୱର୍ଣ୍ଣ ପୁରସ୍କାର ପାଇଛି।



ବାଚସ୍ପତି ସୁରମା ପାଢ଼ୀଙ୍କଠାରୁ ଓଏମ୍‌ସି ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।


କଟକ ମହତାବ ରୋଡ୍‌ସ୍ଥିତ ଗ୍ରାଣ୍ଡ୍ ଅଡିଟୋରିୟମଠାରେ ଶୁକ୍ରବାର ଉଦ୍‌ଘାଟିତ ଗୁଞ୍ଜନ ଡ୍ୟାନ୍ସ ଓ ମ୍ୟୁଜିକ ଫେଷ୍ଟିଭାଲରେ ଶିଳ୍ପୀଙ୍କ ନୃତ୍ୟ ପରିବେଷଣ।

# ଗୁଞ୍ଜନ ଡ୍ୟାନ୍ସ, ମ୍ୟୁଜିକ୍ ଫେଷ୍ଟିଭାଲ ଉଦ୍‌ଘାଟିତ

## ଓଡ଼ିଶୀ ନୃତ୍ୟରେ ବିମୋହିତ ଦର୍ଶକ

କଟକ,୨୧।୧୧(କାର୍ତ୍ତିକ ସାହୁ)

ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ନୃତ୍ୟାନୁଷ୍ଠାନ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ତିନିଦିନିଆ ୨୯ତମ ଗୁଞ୍ଜନ ଡ୍ୟାନ୍ସ ଓ ମ୍ୟୁଜିକ ଫେଷ୍ଟିଭାଲ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ମହତାବ ରୋଡ୍‌ସ୍ଥିତ ଗ୍ରାଣ୍ଡ ଅଡିଟୋରିୟମଠାରେ ଅନୁଷ୍ଠିତ ଫେଷ୍ଟିଭାଲ୍‌ର ଉଦ୍‌ଘାଟନୀ ସନ୍ଧ୍ୟାରେ ଗୁଞ୍ଜନ୍‌ର ନୃତ୍ୟଶିଳ୍ପୀମାନେ ନୃତ୍ୟର ଯାଦୁରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ଗୁରୁ ମୀରା ଦାସଙ୍କ ନିର୍ଦ୍ଦେଶନାରେ ଜଗନ୍ନାଥ ମଙ୍ଗଳମ୍‌ରୁ ଆରମ୍ଭ ହୋଇଥିଲା ପ୍ରାରମ୍ଭିକ ପରିବେଷଣ। ମଧୁର ସଙ୍ଗୀତର ମୂର୍ଚ୍ଛନାରେ ନୃତ୍ୟଶିଳ୍ପୀମାନଙ୍କ ଏକକ ଓ ଦଳଗତ ପରିବେଷଣ ଅତ୍ୟନ୍ତ ଚମତ୍କାର ହୋଇଥିଲା। ସୁଶ୍ରୀ ପ୍ରିୟଙ୍କା ଜେନାଙ୍କ ଏକକ ଓଡ଼ିଶୀ ନୃତ୍ୟ ପରେ ଯୁକ୍ତରାଷ୍ଟ୍ର ଆମେରିକାରୁ ଆସିଥିବା ବରିଷ୍ଠ ଓଡ଼ିଶୀ ନୃତ୍ୟାଙ୍ଗନା ଜ୍ୟୋତି ରାଉତଙ୍କ ନୃତ୍ୟାଭିନୟ ଅତ୍ୟନ୍ତ ରସଗ୍ରାହୀ ହୋଇଥିଲା। ଏଥିସହ ଶାସ୍ତ୍ରୀୟ ନୃତ୍ୟର ପ୍ରଥମ ପର୍ଯ୍ୟାୟରେ ପଲ୍ଲବୀ ସାବେରୀ ପରିବେଷଣ କରି ଗୁଞ୍ଜନର ଉଦୀୟମାନ ପ୍ରତିଭାମାନେ ପ୍ରେକ୍ଷାଳୟକୁ କରତାଳିରେ ଭରି ଦେଇଥିଲେ। ଅନ୍ତିମ ପର୍ଯ୍ୟାୟରେ ଗୁଞ୍ଜନର ନୂତନ କଳାକାରମାନେ ଭେଟି ଦେଇଥିଲେ ଶାନ୍ତି ମନ୍ତ୍ରର ନୃତ୍ୟାଭିନୟ।

ଉଦ୍‌ଘାଟନୀ ସନ୍ଧ୍ୟାର ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଓ ଶିଳ୍ପପତି ଦୀପକ ସାମନ୍ତରାୟ ଯୋଗଦେଇ ନୃତ୍ୟଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କ ସମେତ ଡ. ଜ୍ଞାନ ମହାନ୍ତି, ଇଂ. ଧୀରେନ୍ଦ୍ର ବିଶ୍ୱାଳ, ଡ. କଲ୍ୟାଣୀ ମହାନ୍ତି, ପ୍ରଫେସର ସୁବାସିନୀ ଲେଙ୍କା, ମଞ୍ଜୁଷା ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗୁରୁ ମୀରା ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


୨୯ତମ ଗୁଞ୍ଜନ ଡ୍ୟାନ୍ସ ଓ ମ୍ୟୁଜିକ ଫେଷ୍ଟିଭାଲର ଉଦ୍‌ଘାଟନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

DADLS - 63
iitf 2025


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୪୪ତମ
ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫
ଓଡ଼ିଶା ରାଜ୍ୟ ଦିବସ
୨୨ ନଭେମ୍ବର ୨୦୨୫ | ଅପରାହ୍ନ ୩:୦୦ - ୪:୩୦
ମୁକ୍ତାକାଶ ରଙ୍ଗମଞ୍ଚ-୧, ଭାରତ ମଣ୍ଡପମ୍ ପରିସର, ନୂଆଦିଲ୍ଲୀ
ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସାଂସ୍କୃତିକ କାର୍ଯ୍ୟକ୍ରମ
ଓଡ଼ିଶୀ ନୃତ୍ୟ ନାଟିକା | ପଶୁମୁଖା ନୃତ୍ୟ
ସମ୍ବଲପୁରୀ ନୃତ୍ୟ | ଘୁମୁରା ନୃତ୍ୟ
ଜନଜାତି ନୃତ୍ୟ



ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ
ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-

# ଖୁବ୍‌ଶୀଘ୍ର 'ଏକାମ୍ର ରେସିଡେନ୍ସି ଆବାସ ପ୍ରକଳ୍ପ' ଆବଣ୍ଟନ

## ବିଡିଏର ୧୫୧ତମ ବୈଠକ

ଭୁବନେଶ୍ୱର, ୨୧।୧୧ (ବନ୍ଦନା ସେଠୀ)


ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ଅଧିକାରୀମାନେ।

ବିଡିଏର ପ୍ରମୁଖ ଆବାସ ପ୍ରକଳ୍ପ ମଧ୍ୟରୁ 'ଏକାମ୍ର ରେସିଡେନ୍ସି'ରେ ଖୁବ୍‌ଶୀଘ୍ର ଘର ଆବଣ୍ଟନ ଆରମ୍ଭ ହେବାକୁ ଯାଉଛି। ଦ୍ରୁତ ବିକାଶଶୀଳ ସୁବୁଦ୍ଧିପୁର ଅଞ୍ଚଳରେ ଅବସ୍ଥିତ ଏକାମ୍ର ରେସିଡେନ୍ସିରେ ଲୋକଙ୍କୁ ଆଧୁନିକ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ବାସସ୍ଥାନ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୧ତମ ବୈଠକରେ ଏନେଇ ସୂଚନା ଦିଆଯାଇଛି। ବିଡିଏ ଅଧ୍ୟକ୍ଷ ତଥା ଗୃହ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ବୈଠକରେ ଅଧ୍ୟକ୍ଷତା କରି କହିଲେ, ପ୍ରକଳ୍ପରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ଘର ଆବଣ୍ଟନ ପ୍ରକ୍ରିୟା ଚୂଡ଼ାନ୍ତ ହେବ। ଏହି ପ୍ରକଳ୍ପ ରାଜଧାନୀରେ ନିଜସ୍ୱ ଘର କରିବା ପାଇଁ ଲୋକଙ୍କ ମହତ୍ତ୍ୱାକାଂକ୍ଷା ପୂରଣ କରିବ ବୋଲି ମନ୍ତ୍ରୀ କହିଛନ୍ତି। ୭.୩୬ ଏକର ଜାଗାରେ ତିଆରି ହେଉଥିବା ଏକାମ୍ର ରେସିଡେନ୍ସି ପ୍ରକଳ୍ପରେ ୩ଟି ଟାୱାରରେ ୪୧୬ଟି ଦୁଇ ଶୟନକକ୍ଷ (୨ ବିଏଚ୍‌କେ) ଓ ୨୮ଟି ତିନି ଶୟନକକ୍ଷ (୩ ବିଏଚ୍‌କେ) ବିଶିଷ୍ଟ ଫ୍ଲାଟ ରହିଛି। ପ୍ରକଳ୍ପରେ କମ୍ୟୁନିଟି ହଲ, ରୁଫ୍‌ଟପ୍ ସୁଇମିଂ ପୁଲ୍, ୱାକିଂ ଟ୍ରାକ୍, ବାଣିଜ୍ୟିକ ଅଞ୍ଚଳ, ଶିଶୁ ଖେଳପଡ଼ିଆ, ଫିଟ୍‌ନେସ୍ ସେଣ୍ଟର, ସୌର ପ୍ୟାନେଲ ଜୋନ୍, ଲ୍ୟାଣ୍ଡସ୍କେପ୍ ଖୋଲା ଜାଗା ଆଦିର ବ୍ୟବସ୍ଥା ରହିଛି। ସେହିଭଳି ୧୦୦ଫୁଟ ଚଉଡ଼ା ଆପ୍ରୋଚ୍ ରୋଡ୍ ଏବଂ ପର୍ଯ୍ୟାପ୍ତ ବେସ୍‌ମେଣ୍ଟ ପାର୍କିଂ ସୁବିଧା ଯୋଗୁ ଏହା ଅଧିକ ସୁବିଧାଜନକ ହୋଇଥିବା ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବୈଠକରେ ନୀଳାଦ୍ରି ବିହାରର ଶନି ମନ୍ଦିରରୁ ଶୈଳଶ୍ରୀ ବିହାରର ଡିଏଭି ସ୍କୁଲ ରୋଡ଼ ଯାଏ ସିଡିପି ରୋଡ଼ (ସମନ୍ୱିତ ଉନ୍ନୟନ ଯୋଜନା) ନିର୍ମାଣ, ଗୁରୁ କେଳୁଚରଣ ପାର୍କ ଛକରୁ ପଟିଆ ରେଳ ଷ୍ଟେଶନ ଯାଏ ୪୫ ମିଟର ଚଉଡ଼ା ସିଡିପି ରୋଡ୍, ନୂଆଗାଁ-କାଟେଣି ରୋଡ଼କୁ ଟିପି-୮ ଦେଇ ଯାଉଥିବା ରୋଡ଼ ସହିତ ସଂଯୋଗକାରୀ ସିଡିପି ରୋଡ଼ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ବୈଠକରେ ଆଲୋଚନା ହୋଇଥିଲା। ମେୟର ସୁଲଚନା ଦାସ, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ମହାନ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦକା ଜଙ୍ଗଲରେ ପଡ଼ିଛି ଅସୁସ୍ଥ ମାକେନା ହାତୀ



ବାରଙ୍ଗ, ୨୧।୧୧ (ଲିଙ୍ଗରାଜ ରାଉତ)

ଶୁକ୍ରବାର ସକାଳେ ଦାରୁଠେଙ୍ଗ ଭୁଆସୁଣୀ ମୌଜା ବରବାରି କାଜୁବାରି ଜଙ୍ଗଲ କଡ଼ରୁ ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ଏକ ମକେନା ହାତୀକୁ ଠାବ କରିଛି ଚନ୍ଦକା ବନବିଭାଗ। ଆଜି ସକାଳେ ସାଢ଼େ ୭ଟା ସୁଦ୍ଧା ହାତୀଟି ତଳେ ଅଚେତ ଅବସ୍ଥାରେ ପଡିରହିଥିବାର କାଜୁବାରି ସଫାକରିବାକୁ ଯାଇଥିବା ଲୋକ ଦେଖିବାକୁ ପାଇଥିଲେ। ଖବର ପାଇ ଚନ୍ଦକା ରେଞ୍ଜର ଉତ୍ତମ କୁମାର ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ହାତୀର ଚେତା ଫେରାଇବା ପାଇ ଚେଷ୍ଟା ଆରମ୍ଭ କରିଥିଲେ। ପରେ ନନ୍ଦନକାନନର ଏକ ଡାକ୍ତରୀ ଦଳ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ପର୍ଯ୍ୟାୟ ଚିକିତ୍ସା ଆରମ୍ଭ କରିଥିଲେ। ଡାକ୍ତରମାନେ ହାତୀଟିର ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବା ସହ ଆଣ୍ଟିବାଓଟିକ ଔଷଧ ଦେଇ ସାଲାଇନ ଲଗାଇଥିଲେ। ଅପରାହ୍ନ ୪ଟା ସୁଦ୍ଧା ହାତୀଟିର ଚେତା ଫେରିବା ସହ ତଳୁ ଉଠି ଅଳ୍ପ ବାଟ ପର୍ଯ୍ୟନ୍ତ ଯାଇଥିଲା। ହାତୀଟି ଉଠିବା ପରେ ତା'ର ଗତିବିଧି ଉପରେ ବନବିଭାଗ ଦୃଷ୍ଟି ରଖିଥିବାର ଜଣାପଡିଛି। ଅନ୍ୟପଟେ ଚନ୍ଦକା-ଡମପଡା ଡିଏଫଓ ବିନୋଦ ଆଚାର୍ଯ୍ୟ, ଏସିଏଫ୍ ସଂଗ୍ରାମ କେଶରୀ ମହାନ୍ତି ଓ ବିନ୍ଧୁ ପ୍ରସାଦ ପ୍ରଧାନ ପ୍ରମୁଖ ପହଞ୍ଚିଥିଲେ। ଗୁରୁତର ଆହତ ତଥା ଅଚେତ୍ ଅବସ୍ଥାରେ ପଡ଼ିଥିବା ୨୦ବର୍ଷ ବୟସ୍କ ମାକେନା ହାତୀଟି ତଳେ ପଡ଼ିଯାଇଥିବାର ଆଜି ସକାଳେ ଖବର ପାଇ ପହଞ୍ଚିଥିଲୁ। ତା' ଶରୀରରେ କୌଣସି କ୍ଷତ ଚିହ୍ନ ନାହିଁ। କାହିଁକି ହଠାତ୍ ଅସୁସ୍ଥ ହୋଇପଡ଼ିଲା ଡାକ୍ତରମାନଙ୍କ ଦ୍ୱାରା ସଂଗ୍ରହ କରାଯାଇଥିବା ରକ୍ତନମୁନା ପରୀକ୍ଷା ହୋଇ ଆସିବା ପରେ ଜଣାପଡ଼ିବ ବୋଲି ଚନ୍ଦକା ବନବିଭାଗ ରେଞ୍ଜର ଉତ୍ତମ ସାହୁ କହିଛନ୍ତି। ଅନ୍ୟପଟେ ଗତକାଲି ରାତିରେ ଆସିଥିବା ହାତୀ ପଲରେ ମାକେନା ରହିଥିବାର ସ୍ଥାନୀୟ ଲୋକେ କହିଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ବେଶ ମାରା

ପୁରୁଣା ଭୁବନେଶ୍ୱର, ୨୧।୧୧
(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବାରମାସରେ ତେରଯାତ ସହ ଅନ୍ୟାନ୍ୟ ଯାନିଯାତ୍ରା ସମ୍ପାଦନ ପାଇଁ ଛତିଶା ନିଯୋଗ ରହିଛି। ଏହି ସେବାୟତଙ୍କ ସେବା ପାଇଁ ଜମି ଖଞ୍ଜାପଡ଼ା ରହିଛି। ଏହାସତ୍ତ୍ୱେ କେତେଜଣ ସେବାୟତଙ୍କ ମନମୁଖି ସେବା ପାଇଁ ଠାକୁରଙ୍କ ନୀତିକାନ୍ତିରେ ବ୍ୟାହତ ସୃଷ୍ଟି ହେଉଥିବା ନଜିର ରହିଛି। ଏହି କ୍ରମରେ ଶୁକ୍ରବାର ଅପରାହ୍ନ ୧ଟାରେ ସକାଳଧୂପ ସରିବା ପରେ ଆଳତି ହେଉଥିବା ସମୟରେ ଜଣେ ମହାସୁଆର ସେବାୟତଙ୍କ ଶରୀର ବାଜି ଶାଗ, ମହୁର ଆଦି ଅବଢ଼ା ତଳେ ପଡ଼ି ଶ୍ରୀଜୀଉଙ୍କଠାରେ ଛିଟିକି ପଡ଼ିଥିଲା। ଫଳରେ ଠାକୁରଙ୍କ ବେଶ ମାରା ହୋଇଥିଲା। ତେଣୁ ପୁନଃ ମହାସ୍ନାନ କରାଯାଇ ନୀତିକାନ୍ତି

### ଛାମୁ ପରିଷ୍କାର ପରେ ସାମୟିକ ହେଲା ନୀତି

ଆରମ୍ଭ ହୋଇଥିଲା। ସେହିଭଳି ସନ୍ଧ୍ୟା ୬ଟା ୩୦ରେ ହେବାକୁ ଥିବା ସକାଳଧୂପ ନୀତି ସନ୍ଧ୍ୟା ୭ଟା ୧୫ରେ ଅର୍ଥାତ୍ ୪୫ ମିନିଟ୍ ବିଳମ୍ବରେ ହୋଇଥିଲା। ଜଣେ ସେବାୟତ ଚାବି ନେଇ ପଳାଇ ଯାଇଥିବାରୁ ଏଭଳି ସମସ୍ୟା ହୋଇଥିଲା ବୋଲି ବରିଷ୍ଠ ସେବାୟତ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି।

# ବିଧାନସଭା ପରିସରରେ ମହତାବ ଜୟନ୍ତୀ

## ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କଲେ ବାଚସ୍ପତି, ମୁଖ୍ୟମନ୍ତ୍ରୀ


ବିଧାନସଭା ପରିସରସ୍ଥିତ ଡ. ମହତାବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ଅବସରରେ ବାଚସ୍ପତି, ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୧।୧୧ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭା ଓ ଅବଦାନ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତାଙ୍କର ବଳିଷ୍ଠ ନେତୃତ୍ୱ ଓ ତ୍ୟାଗପୂତ ଜୀବନ ଓଡ଼ିଶାକୁ ବ୍ରିଟିଶ୍ ଶାସନରୁ ମୁକ୍ତ କରି ଜନମାନସରେ ଏକ ନୂତନ କ୍ରାନ୍ତି ଆଣି ଦେଇଥିଲା। ଓଡ଼ିଶାର ମାଟି, ପାଣି, ପବନ ସହ ଓତଃପ୍ରୋତଃ ଭାବେ ଜଡ଼ିତ ଥିବା ମହତାବ ସାରା ରାଜ୍ୟରେ ଏକ ସଚେତନ ବାତାବରଣ ସୃଷ୍ଟି କରିଥିଲେ। ସ୍ୱାଧୀନତା ସଂଗ୍ରାମ ବ୍ୟତୀତ ସାହିତ୍ୟ ଓ ସଂସ୍କୃତିରେ ଅଗ୍ରଗତି ପାଇଁ ତାଙ୍କର ଅବଦାନ ଅତୁଳନୀୟ। ସେ ସୁପ୍ତ ଓଡ଼ିଆ ଜାତିର ପ୍ରାଣରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲେ ବୋଲି ବିଧାନସଭା ପରିସରରେ ଶୁକ୍ରବାର ଡ. ମହତାବଙ୍କ ଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଉତ୍କଳ ସମ୍ମିଳନୀ କାର୍ଯ୍ୟକର୍ତ୍ତା ପ୍ରତାପ ଚନ୍ଦ୍ର ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଡ. ମହତାବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଧାନସଭା ଗବେଷଣା ଶାଖା ପକ୍ଷରୁ ଡ. ମହତାବଙ୍କ ଜୀବନୀ ଉପରେ ପ୍ରକାଶିତ ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ରାଜ୍ୟ ଗ୍ରନ୍ଥାଗାରରେ ଉତ୍କଳ କେଶରୀଙ୍କ ସ୍ମୃତି ଚାରଣ

ଭୁବନେଶ୍ୱର, ୨୧।୧୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଶୁକ୍ରବାର ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଗ୍ରନ୍ଥାଗାରର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ର ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମହତାବଙ୍କ ସ୍ମୃତି ଚାରଣ କରିଥିଲେ। ଗଡ଼ଜାତ ମିଶ୍ରଣ ଏବଂ ନବଉତ୍କଳ ନିର୍ମାଣରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଭୂମିକା ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ସେ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତା ନୁହନ୍ତି, ଜଣେ ସାହିତ୍ୟିକ, ଖବରଦାତା, ସମ୍ପାଦକ, ଦକ୍ଷ ସଂଗଠକ ଓ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ସର୍ବଭାରତୀୟ ସ୍ତରରେ ସୁପରିଚିତ। ସେହି ମହାପୁରୁଷଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ଉଚିତ ବୋଲି ଅନୁଜା ମତପ୍ରକାଶ କରିଥିଲେ। ଏହି ଅବସରରେ ଗ୍ରନ୍ଥାଗାରଠାରେ ଏକ ସାଧାରଣ ସଭା ଓ ମହାତାବଙ୍କ ଜୀବନୀକୁ ଆଧାର କରି ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମସ୍ତ ଅଧିକାରୀଙ୍କ ସମେତ ଗ୍ରନ୍ଥାଗାର କର୍ମଚାରୀମାନେ ଉପସ୍ଥିତ ଥିଲେ।



ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ସଂସ୍କୃତି ବିଭାଗର ଅଧିକାରୀଙ୍କ ସହ ଗ୍ରନ୍ଥାଗାର କର୍ମଚାରୀମାନେ।

# ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଏବିଭିପିର ଗଣ ଦୌଡ଼

ଭୁବନେଶ୍ୱର, ୨୧।୧୧ (ସୁଚିସ୍ମିତା ସାହୁ)

ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଏବିଭିପିର ଭୁବନେଶ୍ୱର ମହାନଗର ନିଗମ ଶାଖା ପକ୍ଷରୁ ଏକ ଗଣ ଦୌଡ଼ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼ ପ୍ରଦର୍ଶନୀ ପଡ଼ିଆଠାରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ମାଷ୍ଟରକ୍ୟାଣ୍ଟିନଠାରେ ଅନୁଷ୍ଠିତ ସାଧାରଣ ସଭାରେ ବିର୍ସା ମୁଣ୍ଡାଙ୍କ ଜୀବନୀ, ତାଙ୍କ ତ୍ୟାଗ, ବଳିଦାନ ଓ ବୀରତ୍ୱ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏବିଭିପିର ଅଖିଳ ଭାରତୀୟ ଜନଜାତି ପ୍ରମୁଖ ପ୍ରମୋଦ ରାଉତ, ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ, କ୍ଷେତ୍ରୀୟ ସହ ସଂଗଠନ ମନ୍ତ୍ରୀ ବୈଲୋଚନ ସାହୁ ଏବଂ ଓଡ଼ିଶା ଜନଜାତି ପ୍ରମୁଖ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିଲେ।

# ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ବାର୍ଷିକ ସଭା

## ପି. ସତ୍ୟନାରାୟଣ ସଭାପତି, ପ୍ରଶାନ୍ତ ମହାପାତ୍ର ସାଧାରଣ ସମ୍ପାଦକ



ବୈଠକରେ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ରାଜ୍ୟ ଓ ଜାତୀୟ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୨୧।୧୧ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ୫୨ତମ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଏକ ହୋଟେଲ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୫-୨୮ ମସିହା ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ପି. ସତ୍ୟନାରାୟଣ ଓ ସାଧାରଣ ସମ୍ପାଦକ ଭାବେ ପ୍ରଶାନ୍ତ ମହାପାତ୍ର ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ସର୍ବଭାରତୀୟ ସଂଘର ସଭାପତି ଜେଏନ୍ ସିନ୍ଧେ, ସାଧାରଣ ସମ୍ପାଦକ ରାଜୀବ ସିଂଘଲ, ଉପସଭାପତି ପୂର୍ବାଞ୍ଚଳ ପି.କେ ସିଂହ, ଯୁଗ୍ମ ସମ୍ପାଦଳ ପୂର୍ବାଞ୍ଚଳ ଭି. ଜଗନ୍ନାଥ ରାଓ ଏବଂ ଯୁଗ୍ମ ସମ୍ପାଦକ ପଶ୍ଚିମାଞ୍ଚଳ ବୈଦ୍ୟନାଥ ଜାଗୁଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ଜିଲାରୁ ନୂତନ ଭାବେ ମନୋନୀତ ବା ନିର୍ବାଚିତ ସଭାପତି ଓ ସମ୍ପାଦକଙ୍କ ସହିତ କାର୍ଯ୍ୟକାରିଣୀ ସଭ୍ୟମାନେ ଉପସ୍ଥିତ ଥିଲେ।

# ମହିଳା ରେଳଯାତ୍ରୀଙ୍କ ବେକରୁ ସୁନାଚେନ ଲୁଟ୍

ଭୁବନେଶ୍ୱର, ୨୧।୧୧ (ତ୍ରିନାଥ ମହାନ୍ତି)

ରେଳ ଷ୍ଟେଶନରେ ମାତିଛନ୍ତି ଲୁଟେରା। ମାସକରେ ୨୦ରୁ ଅଧିକ ଲୁଟ୍ ହୋଇଥିବାବେଳେ ଏବେ ଜଣେ ମହିଳା ଯାତ୍ରୀ ଲୁଟ୍‌ର ଶିକାର ହୋଇଛନ୍ତି। ଲୁଟେରାମାନେ ତାଙ୍କ ବେକରୁ ସୁନା ଚେନ୍ ଏବଂ ଲକେଟ୍ ଝାମ୍ପି ନେଇଛନ୍ତି। ଏହାର ମୂଲ୍ୟ ୧ଲକ୍ଷ ଟଙ୍କାରୁ ଅଧିକ ହେବ। ମହିଳାଙ୍କ ସ୍ୱାମୀ ଡେଭାଡି ଲରେନ୍ସ ଏନେଇ ଜିଆରପି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଗତ ୧୬ ତାରିଖରେ ଡେଭାଡ଼ି ସ୍ତ୍ରୀ ଓ ପିଲାଙ୍କ ସହ ଭୁବନେଶ୍ୱରରୁ ବିଡ଼ବିଲ ଯାଉଥିଲେ। ସେମାନେ ଭୁବନେଶ୍ୱର ରେଳ ଷ୍ଟେଶନର ଏକ ନମ୍ବର ପ୍ଲାଟ୍‌ଫର୍ମ ଭିତରକୁ ପଶିବା ସମୟରେ ଜଣେ ଲୁଟେରା ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ ଲୁଟିନେଇଥିଲେ। ଡେଭାଡୀ ଓଜନିଆ ଲଗେଜ ଧରିଥିବାରୁ ସେ ତାକୁ ଛାଡ଼ି ଲୁଟେରାଙ୍କ ପଛରେ ଦୌଡ଼ି ପାରି ନ ଥିଲେ।


ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଡ. ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ପାଇକ ଶୋଭାଯାତ୍ରା।

# ଏଆଇ ବ୍ୟକ୍ତିଗତ ଗୋପନୀୟତା ଉପରେ ପ୍ରଭାବ ପକାଉଛି

## ତିନିଦିନିଆ ମିଡିଆ ମହାକୁମ୍ଭ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧୧ (ସୁଚିସ୍ମିତା ସାହୁ)


କନ୍‌କ୍ଲେଭ୍‌ରେ ଅତିଥିଙ୍କ ସହ ଆଇଏମ୍‌ଏସ୍‌ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ।

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ (ଆଇଏମ୍‌ଏସ୍), କିଟ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ରର ସହଭାଗିତାରେ 'ନବମ ଜାତୀୟ ଗଣମାଧ୍ୟମ ସମ୍ମିଳନୀ-୨୦୨୫' ଶୁକ୍ରବାର କିମ୍‌ସ ଅଡିଟୋରିୟରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କର୍ନାଟକ କୋପାଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି. କେ. ରବି ଯୋଗଦେଇ କହିଲେ, ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟବହାର ଅନେକ ବଢ଼ି ଚାଲିଛି। ଏ.ଆଇ ସିଷ୍ଟମଗୁଡିକ ମାନବ ହସ୍ତକ୍ଷେପ ବିନା ବହୁତ ସମୟ କଣ୍ଟେଣ୍ଟକୁ ଅପ୍ଟିମାଇଜ କରିବା ସହ ବିତରଣ କରୁଛି, ଯାହା ବ୍ୟକ୍ତିଗତ ଗୋପନୀୟତା ଉପରେ ପ୍ରଭାବ ପକାଉଛି। ମୁଖ୍ୟବକ୍ତା ଭାବେ ଆଇଆଇଟି ଭୁବନେଶ୍ୱରର ଏ.ଆଇ ଓ ଏଚ.ପି.ସି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଅଶ୍ୱିନୀ କୁମାର ନନ୍ଦ ଏବଂ ଆସାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରୋ ଭାଇସ-ଚାନ୍ସେଲର୍ ଓ ଗଣଯୋଗାଯୋଗ ପ୍ରଫେସର ଡ. କେ.ଭି. ନାଗରାଜ ଯୋଗଦେଇଥିଲେ। ଏହି ଅବସରରେ ତ୍ରିପୁରା ସେଣ୍ଟ୍ରାଲ ୟୁନିଭର୍ସିଟିର ପୂର୍ବତନ କୁଳପତି ପ୍ରଫେସର ଭି.ଏଲ. ଧାରୁରକରଙ୍କୁ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜୀବନବ୍ୟାପି ସାଧନା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସମ୍ମିଳନୀ ପୁସ୍ତିକା ସମେତ ୫ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ମିଡିଆ ମହାକୁମ୍ଭରେ ଦେଶର ଶୀର୍ଷ ଗଣମାଧ୍ୟମ ବ୍ୟକ୍ତିବିଶେଷ, ଶିକ୍ଷାବିତ ଏବଂ ଯୋଗାଯୋଗ ବିଶେଷଜ୍ଞମାନେ ଆଲୋଚନା କରିବେ ବୋଲି ସମ୍ମିଳନୀର ଅଧ୍ୟକ୍ଷ ତଥା ଆଇଏମ୍‌ଏସ୍‌ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ କହିଛନ୍ତି।

# ସହରାଞ୍ଚଳ ବିକାଶ ପଦକ୍ଷେପ ଅନୁଧ୍ୟାନ କଲେ ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ

ଭୁବନେଶ୍ୱର, ୨୧।୧୧ (ସୁଚିସ୍ମିତା ସାହୁ)



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ଓଡ଼ିଶାର ପ୍ରମୁଖ ସହରାଞ୍ଚଳ ବିକାଶ ପଦକ୍ଷେପକୁ ବିଶ୍ୱବ୍ୟାଙ୍କର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଅନୁଧ୍ୟାନ କରିଛନ୍ତି। ଖାରବେଳ ଭାବନଠାରେ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଓଡ଼ିଶାର ସହରୀକରଣ ଓ ବିକାଶ ରୋଡମ୍ୟାପ ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। ଏଥିରେ ଜଳ ଯୋଗାଣ, ପରିମଳ, ସହରାଞ୍ଚଳ ଗତିଶୀଳତା, ସୁଲଭ ଆବାସ ଏବଂ ନାଗରିକ କେନ୍ଦ୍ରୀତ ଶାସନର ଅଗ୍ରଗତି ଉପରେ ଆଲୋକପାତ କରାଯାଇଥିଲା। ପ୍ରତିନିଧି ଦଳରେ ମିଷ୍ଟର୍ ଯୋହାନ୍ସ ଜୁଟ୍ (ଆଞ୍ଚଳିକ ଉପାଧ୍ୟକ୍ଷ), ମିଷ୍ଟର୍ ଇମାଦ ଫଖୁରେ (ନିର୍ଦ୍ଦେଶକ), ମିସ କାଇକୋ ଇନୋଏ (ଦକ୍ଷିଣ ଏସୀୟ ଅଭ୍ୟାସ ପରିଚାଳକ, ଶିକ୍ଷା), ମିସ୍ ଅପର୍ଣ୍ଣା ସୋମନାଥନ (ଦକ୍ଷିଣ ଏସୀୟ ଅଭ୍ୟାସ ପରିଚାଳକ, ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା), ମିସ୍ ସୌମିଆ କୌଶଲ (ବରିଷ୍ଠ ଅର୍ଥନୀତିଜ୍ଞ) ଏବଂ ମିସ୍ କୃତିକା ସିଂ (କଣ୍ଟ୍ରି ମ୍ୟାନେଜମେଣ୍ଟ ଟିମ) ସାମିଲ ଥିଲେ। ଅଧିକାରୀଙ୍କ ସହ ଆଲୋଚନା ପରେ ପ୍ରତିନିଧି ଦଳ ପଳାସୁଣୀ ପରିଦର୍ଶନ କରି ୧୫୦ ଟି ଟିପିଡି ସାମଗ୍ରୀ ପୁନରୁଦ୍ଧାର ସୁବିଧା, ନଡ଼ିଆ ବର୍ଜ୍ୟବସ୍ତୁ ପୁନଃଚକ୍ରଣ ସୁବିଧା, ଜଳ ଉପଚାର ପ୍ଲାଣ୍ଟ ଏବଂ ଗୋଷ୍ଠୀ ସହ ଜଡିତ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟ ସମେତ ସ୍ୱଚ୍ଛତାର ସର୍ବୋତ୍ତମ ଅଭ୍ୟାସ ଦେଖିଥିଲେ। ସେମାନେ ସ୍ୱଚ୍ଛ କର୍ମୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ କଥାବାର୍ତ୍ତା କରି ପରିବେଶ ପରିଚାଳନା ଓ ବିକେନ୍ଦ୍ରୀକରଣ ପରିମଳ ମଡେଲରେ ଗୋଷ୍ଠୀ ଅଂଶଗ୍ରହଣର ଭୂମିକାକୁ ପ୍ରଶଂସା କରିଥିଲେ। ବିଶ୍ୱବ୍ୟାଙ୍କ ଟିମ ୨୪x୭ ଟ୍ୟାପରୁ ପାନୀୟ ଜଳ ଯୋଗାଣ, କ୍ରୁଟ ମାଧ୍ୟମରେ ସାଧାରଣ ପରିବହନ ଏବଂ ଓଡ଼ିଶା ଯାତ୍ରୀ ଭଳି ଇ-ରାଇଡ୍ ମାଧ୍ୟମରେ ଶେଷ ମାଇଲ ସଂଯୋଗ, ସୁଯୋଗ ମାଧ୍ୟମରେ ଡିଜିଟାଲ ସହରାଞ୍ଚଳ ସେବା ବିତରଣ, ପରିମଳ କର୍ମଚାରୀଙ୍କ ସୁରକ୍ଷା ଏବଂ ସମ୍ମାନ ପାଇଁ ଗରିମା ଢାଞ୍ଚାରେ ଓଡ଼ିଶାର ଅଗ୍ରଗତିକୁ ସ୍ୱୀକୃତି ଦେଇଥିଲେ। ପ୍ରତିନିଧି ଦଳ ପରିମାଣ, ଅନ୍ତର୍ଭୁକ୍ତୀକରଣ ଏବଂ ମାପନୀୟ ସାମାଜିକ ପ୍ରଭାବ ଉପରେ ରାଜ୍ୟର ଗୁରୁତ୍ୱକୁ ପ୍ରଶଂସା କରିଥିଲେ।

# ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା

ବେଗୁନିଆ,୨୧।୧୧
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)


ବିଦ୍ୟାଳୟ ଫାଟକ ଆଗରେ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

## ଗଡ଼ମାଣତୀର ସରକାରୀ ଉଚ୍ଚ ବିଦ୍ୟାଳୟ
■ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଦାବି

ସରକାରୀ ବିଦ୍ୟାଳୟରେ ଶିକ୍ଷାଲାଭ ଏବଂ ଭିତ୍ତିଭୂମିର ବିକାଶ ବ୍ୟବସ୍ଥାକୁ ସଶକ୍ତ କରିବା ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ଶିକ୍ଷା ବିଭାଗ ଅଧୀନ ଗଡ଼ମାଣତୀର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ୟତିକ୍ରମ ଦେଖାଦେଇଛି। ବିଦ୍ୟାଳୟରେ ଶିକ୍ଷକ ଏବଂ କର୍ମଚାରୀ ଅଭାବକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଅଞ୍ଚଳର ଜନପ୍ରତିନିଧି, ଅଭିଭାବକ ଏବଂ ଛାତ୍ରୀଛାତ୍ର ମିଳିତ ଭାବେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଖାଲିଥିବା ଶିକ୍ଷକ ଓ କର୍ମଚାରୀ ପଦ ପୂରଣ ଦାବିରେ ପୂର୍ବାହ୍ନ ୧୦ଟାରୁ ଧାରଣାରେ ବସିଥିଲେ। ଖବରପାଇ ବେଗୁନିଆ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ଶିକ୍ଷକ ପଦ ପୂରଣ ପାଇଁ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଶିକ୍ଷକ ନିଯୁକ୍ତି ପାଇଁ ସରକାରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ଏପରିକି ଅଭାବ ଥିବା ବିଭିନ୍ନ ବିଭାଗୀୟ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟରୁ ଡେପୁଟେଶନରେ ନିଯୁକ୍ତି ଦେଇ ଜରୁରୀ ଆବଶ୍ୟକତା ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣା ଯୋଗୁ ଦୁଇଘଣ୍ଟା ଧରି ଶିକ୍ଷାଦାନ ବ୍ୟାହତ ହୋଇଥିଲା।

ସୂଚନାଥାଉ କି, ୧୯୬୫ ମସିହାରୁ ସ୍ଥାପିତ ଉକ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତବର୍ଷ ୩୧୬ ଛାତ୍ରୀଛାତ୍ର ପଢୁଛନ୍ତି। ବିଦ୍ୟାଳୟରେ ପ୍ରାଥମିକ ସ୍ତରରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୨୩ ଜଣ, ଉଚ୍ଚ ପ୍ରାଥମିକ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ୧୧୭ ଏବଂ ମାଧ୍ୟମିକ ନବମରୁ ଦଶମ ପର୍ଯ୍ୟନ୍ତ ୭୬ ଜଣ ଛାତ୍ରୀଛାତ୍ରଙ୍କୁ ମୋଟ୍ ୧୬ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ ଦେଉଥିଲେ। ତେବେ ଗତ କିଛିମାସ ହେବ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ୪ଜଣ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ଯଥା ଖେଳ ଓ ସଂସ୍କୃତ ଶିକ୍ଷକ ପଦବୀ ଖାଲିପଡ଼ିଛି। ବିଜ୍ଞାନ ଶିକ୍ଷକ ସପ୍ତାହକୁ ୩ ଦିନ ଆସୁଥିବା ବେଳେ ହିନ୍ଦୀ ଶିକ୍ଷକ ଡେପୁଟେଶନରେ ଯାଇଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯଦି ଜରୁରିକାଳୀନ ଛୁଟିରେ ରହୁଛନ୍ତି ତେବେ ସେହିଦିନ ପାଠପଢ଼ା ଏକପ୍ରକାର ଠପ୍ ହୋଇଯାଉଛି। ସେହିପରି ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ପଡ଼ିଛି। ଏଭଳି ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ମନ୍ତ୍ରୀ, ଜିଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଫଳରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ବାଧା ଉପୁଜୁଛି।

# ରାଜପଥରେ ଜଳିଗଲା କାର୍



ବାଲୁଗାଁ,୨୧।୧୧(ସଂଗ୍ରାମ ପାଇକରାୟ)

୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତା ଧୂଆଁଳ ଓଭରବ୍ରିଜ୍ ନିକଟରେ ଶୁକ୍ରବାର ସକାଳେ ଏକ କାର୍ ହଠାତ୍ ଜଳିଯାଇଥିଲା। ତେବେ ଏଥିରେ ଥିବା ଚାଳକ ବର୍ତ୍ତିଯାଇଛନ୍ତି। ସୂଚନା ମୁତାବକ, ବ୍ରହ୍ମପୁରରୁ ଡାକ୍ତର ବିରେନ ସ୍ୱାଇଁ ନିଜ କାର୍ (ଡିଏଲ୍ ୨ସି ବିବି ୮୧୨୦)ରେ ଶୁକ୍ରବାର ସକାଳେ କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଉଥିଲେ। ବାଲୁଗାଁ ବାଇପାସ୍ ରାସ୍ତା ଧୂଆଁଳ ଛକ ନିକଟରେ ହଠାତ୍ କାର୍ ଇଞ୍ଜିନରୁ ଧୂଆଁ ବାହାରୁଥିବା ଦେଖି ଡା. ସ୍ୱାଇଁ ଗାଡ଼ି ରଖି ଓହ୍ଲାଇଥିଲେ। ନିମିଷେକ ମଧ୍ୟରେ କାର୍‌ଟି ହୁତୁ ହୁତୁ ହୋଇ ଜଳିବା ଆରମ୍ଭ କରିଥିଲା। ଖବରପାଇ ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କିନ୍ତୁ ସେତେବେଳକୁ କାର୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥାଇପାରେ ବୋଲି ଅନୁମାନ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ୧୨୭ ଜଣଙ୍କୁ ୧୦,୮୪,୬୬୧ ଟଙ୍କା ଜରିମାନା

ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)

## ଶୂନ୍ୟ ଅଘଟଣ, ଶୃଙ୍ଖଳିତ ଗାଡ଼ିଚାଳନା ଲକ୍ଷ୍ୟ

ଖୋର୍ଦ୍ଧା ଜିଲା ପୋଲିସ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ) ଖୋର୍ଦ୍ଧା ପକ୍ଷରୁ ଯୁଗ୍‌ଭାବେ ରାତ୍ରିକାଳୀନ ଚେକିଂ, ବ୍ଲକିଂକୁ କଡ଼ାକଡ଼ି କରାଯାଇଛି। ଶୂନ୍ୟ ଅଘଟଣ, ସୁରକ୍ଷିତ ଯାତ୍ରା ଏବଂ ଶୃଙ୍ଖଳିତ ଗାଡ଼ିଚାଳନା ଦୃଷ୍ଟିରୁ ଏହି ଅଭିଯାନ ଚାଲିଛି। ବିଭିନ୍ନ ଥାନା ଅଞ୍ଚଳର ଜାତୀୟ ରାଜପଥରେ ଚେକିଂକୁ ଯୋରଦାର କରାଯାଇଛି। ଦୁଇଦିନରେ ବାଘମାରୀ ଏବଂ ସଦର ଥାନା ଅଞ୍ଚଳରେ ୧୨୭ଜଣଙ୍କୁ ୧୦ଲକ୍ଷ ୮୪ହଜାର ୬୬୧ ଟଙ୍କା ଜରିମାନା କରାଯାଇଛି।

ଗତ ଗୁରୁବାର ବାଘମାରୀ ଥାନା ଅଞ୍ଚଳରେ ପୋଲିସ ଏବଂ ଆରଟିଓ କର୍ମଚାରୀଙ୍କ ପକ୍ଷରୁ ୫୭ନଂ. ଜାତୀୟ ରାଜପଥରେ ଚେକିଂ କରାଯାଇଥିଲା। ୫୬ଜଣଙ୍କ ଚାଲାଣ କଟାଯାଇ ୩ଲକ୍ଷ ୧୦ହଜାର ୨୫ଟଙ୍କା ଜରିମାନା କରାଯାଇଛି। ସେଥିରୁ ୩ଜଣ ମଦ୍ୟପ ଗାଡ଼ି ଚାଳକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ୧୫ଜଣ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ପରିବହନ ବିଭାଗକୁ ସୁପାରିଶ କରାଯାଇଥିବା ଖୋର୍ଦ୍ଧା ପୋଲିସ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ସେହିଭଳି ଗତ ୧୮ତାରିଖରେ ସଦର ଥାନା ଅଞ୍ଚଳରେ ପୋଲିସ ଏବଂ ଆରଟିଓ କାର୍ଯ୍ୟାଳୟ କର୍ମଚାରୀଙ୍କ ପକ୍ଷରୁ ଏହି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥରେ ଯାଞ୍ଚ କରାଯାଇଥିଲା। ୭୧ଜଣଙ୍କୁ ୭ଲକ୍ଷ ୭୪ ହଜାର ୬୩୬ ଟଙ୍କା ଜରିମାନା କରାଯାଇଛି। ତେବେ ଏ ସମ୍ପର୍କରେ ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି ଯେ, ମୋଟରଯାନ ଉଲ୍ଲଘଂନ ରୋକିବା, ଯାତାୟାତ ନିୟମ ପାଳନ ନିଶ୍ଚିତ କରିବା ତଥା ସୁରକ୍ଷିତ ଯାତ୍ରା ପାଇଁ ଏହି ଅଭିଯାନ ଜାରି ରହିଛି। ଆଗକୁ ଏହାକୁ ଆହୁରି କଡ଼ାକଡ଼ି କରାଯିବ।

# ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ଯୋଗାଇଦେବାକୁ ଦାବି



ଓଡ଼ିଶା କୃଷକ ସଭା କୁହୁଡି ଶାଖା ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

ଟାଙ୍ଗୀ,୨୧।୧୧(ରଘୁନାଥ ସାହୁ)

ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ଯୋଗାଇଦେବା ଦାବିରେ ଶୁକ୍ରବାର ଓଡ଼ିଶା କୃଷକ ସଭା କୁହୁଡ଼ି ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ବାହାରି କୁହୁଡ଼ି ବଜାର ପରିକ୍ରମା କରି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଲକ୍ଷ୍ମଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିପିଆଇ(ଏମ୍) ଟାଙ୍ଗୀ ବ୍ଲକ ସମ୍ପାଦକ ବିଧୁଭୂଷଣ ମହାରଣା, ସିପିଆଇଏମ୍ ଜିଲା ସମ୍ପାଦକ ଗିରିଶ୍ ଚନ୍ଦ୍ର ମହାରଣା, ବରିଷ୍ଠ କୃଷକନେତା ଅନନ୍ତ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏକ ପ୍ରତିନିଧିମଣ୍ଡଳୀ ସର୍ବେଶ୍ୱର ଜେନା, ନାରାୟଣ ପାଣି, ଯୁଧିଷ୍ଠିର ବେହେରା, ସର୍ବେଶ୍ୱର ଶତ୍ରୁଶଲ୍ୟ, ଭୂତି କଳସ, ବିନି ପଣ୍ଡିତ, ମିନତି ପାତ୍ର, ଧନୀ ସାହୁ ପ୍ରମୁଖ ଦାବି ସମ୍ପର୍କରେ ଅତିରିକ୍ତ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଅତିରିକ୍ତ ତହସିଲ୍‌ଦାର ସଭାରେ ତୁରନ୍ତ ଭୂମିହୀନଙ୍କୁ ଚିହ୍ନଟ କରାଯାଇ ଘରଡ଼ିହ ପଟ୍ଟା ପ୍ରଦାନ ଏବଂ ଘର ଭାଙ୍ଗିବା ପାଇଁ ଆସନ୍ତା ୨୪, ୨୬ ଓ ୨୮ତାରିଖରେ ହୋଇଥିବା ନୋଟିସକୁ ପ୍ରତ୍ୟାହାର ନିମନ୍ତେ ଘୋଷଣା କରିଥିଲେ।

# ନାମଫଳକରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

ଯାଁଳା,୨୧।୧୧(ବୁଲା ବାରିକ)

ଏୟାରଫିଲ୍ଡ ଥାନା ଅଧୀନ ପଞ୍ଚୁପଲ୍ଲି-ଜାମୁକୋଳି ରାସ୍ତାର ଏକ ନାମଫଳକରେ ବାଇକ୍ ପିଟିହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଣ୍ଡଗିରି ଥାନା ଅଧୀନ ବାହାଦଲପୁରର ପ୍ରକାଶ ଦାସ(୨୪)।

ସୂଚନା ମୁତାବକ, ପ୍ରକାଶ ତାଙ୍କର ଜଣେ ସାଙ୍ଗଙ୍କ ସହ ପଞ୍ଚୁପଲ୍ଲି ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ବାଇକ୍‌ରେ ଯାଇଥିଲେ। ପଞ୍ଚୁପଲ୍ଲି ଜାମୁକୋଳି ରାସ୍ତାରେ ଫେରିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ନାମଫଳକରେ ବାଇକ୍‌ଟି ପିଟି ହୋଇଯାଇଥିଲା। ଫଳରେ ପ୍ରକାଶ ଏବଂ ତାଙ୍କ ସାଙ୍ଗ ଗାଡ଼ିରୁ ଛିଟିକି ପଡ଼ିଥିଲେ। ପ୍ରକାଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ନିକଟରେ କାମ କରୁଥିବା ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ପ୍ରକାଶଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ଏୟାରଫିଲ୍ଡ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

# ବାଂଲାଦେଶୀ ଚିହ୍ନଟ ପାଇଁ ଚଢ଼ାଉ

ଜଟଣୀ,୨୧।୧୧(ରବୀନ୍ଦ୍ରନାଥ ମହାକୁଡ଼)

ସାରା ରାଜ୍ୟରେ ବାଂଲାଦେଶୀ ଯାଞ୍ଚ ପ୍ରକ୍ରିୟା ଜୋରଦାର ଚାଲିଛି। ଏହିକ୍ରମରେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରାଜାବଜାର, କୁସୁମାଟି, କଲେଜ ରୋଡ୍‌ସ୍ଥିତ ଏକ ବ୍ୟାଙ୍କ ନିକଟରେ ନିର୍ମାଣାଧୀନ ଆପାର୍ଟମେଣ୍ଟ ସ୍ଥଳରେ ଶୁକ୍ରବାର ପୋଲିସର ଏକ ଟିମ୍ ଚଢ଼ାଉ କରି ୩ଜଣ ସନ୍ଦିଗ୍ଧଙ୍କୁ ଧରି ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୂର୍ବରୁ ମଧ୍ୟ ଜଣଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ଏନେଇ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି ଯେ, ଅଟକ ଶ୍ରମିକମାନଙ୍କ ଭୋଟ ପରିଚୟପତ୍ର, ଆଧାରକାର୍ଡ ସହିତ ମୋବାଇଲ ଫୋନ ଯାଞ୍ଚ କରାଯାଉଛି। ତଦନ୍ତ ପରେ ସତ୍ୟତା ଜଣାପଡ଼ିବ।

# ୧୨ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

ଖୋର୍ଦ୍ଧା, ୨୧।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅବକାରୀ ଜିଲା ମୋବାଇଲ ସ୍କ୍ୱାଡ୍ ଗୁରୁଜଙ୍ଗରେ ଚଢ଼ାଉକରି ୧୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣେ ବେପାରୀଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ନନ୍ଦସାହିର କେଶବ ସିଂ(୨୫)। ଏଥିସହ ତାଙ୍କଠାରୁ ଏକ ମୋବାଇଲ ଫୋନ୍ ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ। ଏନେଇ ଅବକାରୀ ପୋଲିସ ଏକ ମାମଲା(ନଂ.୩୨୨/୨୫) ରୁଜୁକରି କେଶବଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, କେଶବ ବ୍ରାଉନ୍‌ସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ନେଇ ଅବକାରୀ ଜିଲା ମୋବାଇଲ ସ୍କ୍ୱାଡ୍‌କୁ ସୂଚନା ମିଳିଥିଲା। ଅବକାରୀ ଜିଲା ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉବେଳେ କେଶବ ଖସିବାକୁ ଉଦ୍ୟମ କରିଥିଲେ ମଧ୍ୟ ଟିମ୍ ତାଙ୍କୁ କାବୁ କରିବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲା। ଏତେ ପରିମାଣର ବ୍ରାଉନ୍‌ସୁଗାର ସେ କାହାଠାରୁ ଆଣିଥିଲେ, ସେନେଇ ତଦନ୍ତ ଚାଲିଛି। ଏହି ଚଢ଼ାଉରେ ମୋବାଇଲ ଟିମ୍ ଏସ୍‌ଆଇ ସୁଜିତ୍ ନାଗ, ଏଏସ୍‌ଆଇ ସଞ୍ଜୟ କୁମାର ରାଉତ, କନ୍‌ଷ୍ଟେବଲ ସତ୍ୟବନ୍ତ ମାଝି, ସ୍ୱପ୍ନାରାଣୀ ବେହେରା, ଟିଟୁ ସାହୁ, ପ୍ରଣବ ବେହେରା ପ୍ରମୁଖ ସାମିଲ ଥିଲେ।

# ଡିଏଚ୍‌ଏଚ୍‌କୁ ରକ୍ତଭଣ୍ଡାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ

ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍) ପରିସରରେ ନୂତନ ଭାବେ ନିର୍ମିତ ରକ୍ତଭଣ୍ଡାର କୋଠାକୁ ସ୍ଥାନାନ୍ତର ହେବ ପୁରୁଣା ରକ୍ତଭଣ୍ଡାର କେନ୍ଦ୍ର। ଏଥିଲାଗି କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍‌ସିଓ) ପୂର୍ବାଞ୍ଚଳ କୋଲ୍‌କାତା ପକ୍ଷରୁ ଗ୍ରୀନ୍ ସିଗ୍‌ନାଲ ଦିଆଯାଇଛି। ନିକଟରେ ସିଡିଏସ୍‌ସିଓର ଏକ ପ୍ରତିନିଧି ଦଳ ଡିଏଚ୍‌ଏଚ୍‌ରେ ନୂତନ ଭାବେ ନିର୍ମିତ ରକ୍ତଭଣ୍ଡାର କୋଠା ପରିଦର୍ଶନ କରିଥିଲେ। ରକ୍ତଭଣ୍ଡାର ପାଇଁ ସମସ୍ତ ସୁବିଧା ଉପଲବ୍ଧ ରହିଥିବା ଦେଖିବା ପରେ ଖୁସିବ୍ୟକ୍ତ କରିବା ସହ ସ୍ଥାନାନ୍ତର ପାଇଁ ସ୍ୱୀକୃତି ଦେଇଥିବା ଜଣାପଡ଼ିଛି। ସିଡିଏସ୍‌ସିଓ ଟିମ୍ ଗସ୍ତ ସମୟରେ ରକ୍ତଭଣ୍ଡାର ଦାୟିତ୍ୱରେ ଥିବା ଡାକ୍ତର ଜୟନାରାୟଣ ପାଢ଼ୀ, ସିଡିଏମ୍‌ଓ ଡା. ସଞ୍ଜୟ ରାୟ ଏବଂ ଡିଏଚ୍‌ଏଚ୍‌ର ଏକ ଟିମ୍ ଉପସ୍ଥିତ ଥିଲେ। ରକ୍ତଭଣ୍ଡାର ପକ୍ଷରୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ନଭେମ୍ବର ଶେଷ ସୁଦ୍ଧା ନୂତନ କୋଠାକୁ ସମସ୍ତ ସାମଗ୍ରୀ ସ୍ଥାନାନ୍ତର କରାଯାଇ ଡିସେମ୍ବର ପହିଲାରୁ ଡିଏଚ୍‌ଏଚ୍ ପରିସରରେ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ସମ୍ଭାବନା ରହିଥିବା କୁହାଯାଇଛି। ଏନେଇ ବିଭିନ୍ନ ମହଲରେ ଖୁସିର ଲହରି ଖେଳିଯାଇଛି।

ପ୍ରକାଶ ଯେ, ପୁରୁଣା ମେଡିକାଲ ରୋଡ୍ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ପରିସରରେ ଦୀର୍ଘବର୍ଷ ହେବ ରକ୍ତଭଣ୍ଡାର କେନ୍ଦ୍ର ଚାଲୁଛି। ରକ୍ତ ସଂଗ୍ରହ ପାଇଁ ରୋଗୀଙ୍କୁ ଡିଏଚ୍‌ଏଚ୍‌ରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସର ରକ୍ତଭଣ୍ଡାରକୁ ଦୌଡ଼ିବାକୁ ପଡୁଛି। ଟ୍ରାଫିକ୍ ସମସ୍ୟା ଲାଗି ଯାତାୟାତରେ ଅଧିକ ସମୟ ଅତିବାହିତ ହେଉଥିବାରୁ ରୋଗୀ ଏବଂ ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ରକ୍ତଭଣ୍ଡାର କେନ୍ଦ୍ରକୁ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ପରିସର ଡିଏଚ୍‌ଏଚ୍ ପରିସରକୁ ସ୍ଥାନାନ୍ତର ପାଇଁ ବିଭିନ୍ନ ସ୍ତରରେ ଅଭିଯୋଗ ହୋଇଆସୁଥିଲା। ବହୁ ବାଦବିବାଦ ପରେ ପୂର୍ବ ସରକାର ଅମଳରେ ଡିଏଚ୍‌ଏଚ୍ ପରିସରରେ ରକ୍ତଭଣ୍ଡାର ପାଇଁ ନୂତନ କୋଠା ନିର୍ମାଣ କରାଯାଇଥିଲା। ତେବେ କୌଣସି କାରଣରୁ ଏହା କାର୍ଯ୍ୟକ୍ଷମ ନ ହୋଇ ବନ୍ଦ ହୋଇ ରହିଥିଲା। ଏଠାରେ ରକ୍ତଭଣ୍ଡାର ଆରମ୍ଭ ହେଲେ ରୋଗୀ କିମ୍ବା ସମ୍ପର୍କୀୟଙ୍କୁ ଆଉ ରକ୍ତ ଆଣିବା ପାଇଁ ସିଡିଏମ୍‌ଓ କାର୍ଯ୍ୟାଳୟ ଯିବାକୁ ପଡ଼ିବ ନାହିଁ। ହାତପାଆନ୍ତାରେ ଲୋକେ ଏହି ସୁବିଧା ପାଇପାରିବେ।

# ଋଣ ଟଙ୍କା ଆଦାୟ ପାଇଁ ଯାଇଥିବା ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ

ବେଗୁନିଆ,୨୧।୧୧(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କର୍ମଚାରୀ ଋଣ ଟଙ୍କା ଆଦାୟ ପାଇଁ ଯାଇଥିବା ବେଳେ ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ନାଛିପୁର ଗ୍ରାମର ମନୋଜ କୁମାର ପ୍ରଧାନ। ସୂଚନା ମୁତାବକ, ରାଜସୁନାଖଳାସ୍ଥିତ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ଭାବେ ମନୋଜ କାର୍ଯ୍ୟ କରୁଥିଲେ। ଗତ ଗୁରୁବାର ଅପରାହ୍ନରେ ସେ ବେଗୁନିଆ ଥାନା ଅନ୍ତର୍ଗତ ଗୋଡ଼ିପାଟଣା ଗ୍ରାମକୁ ଋଣ ଟଙ୍କା ଆଦାୟ ପାଇଁ ଯାଇଥିଲେ। ସେଠାରେ ମନୋଜ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆ ପୋଲିସ ଖବରପାଇ ମୃତକଙ୍କ ପରିବାରକୁ ଜଣାଇଥିଲା। ଶୁକ୍ରବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବେଗୁନିଆ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୫)ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ଯୁବ ଉତ୍ସବ ପାଇଁ ୨୧ ମନୋନୀତ



କୃଷ୍ଣପ୍ରସାଦ,୨୧।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ନୂଆପଡ଼ାସ୍ଥିତ ରୁକ୍ମିଣୀ ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଯୁବ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଧର୍ମାନନ୍ଦ ପଲେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ ଅମିୟ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା, ବରିଷ୍ଠ ଅଧ୍ୟାପକ ପ୍ରଦୀପ୍ତ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ପ୍ରଭାତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ବେଗା ହାଁସଦା, ଯୋଗାଣ ଅଧିକାରୀ ସଞ୍ଜୀ ଦର୍ଶନ ଦାସ, ସୌଭାଗ୍ୟ ବଳିୟାରସିଂହ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ସମାଜ ମଙ୍ଗଳ ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ଆଲୋକ କୁମାର ଖୁଣ୍ଟିଆ, ଅଧ୍ୟାପକ ପ୍ରସନ୍ନ ସାହୁ, ଅଧ୍ୟାପକ ଦିଲୀପ ଜେନା, ଅଧ୍ୟାପିକା ବାସନ୍ତୀ ସେଠୀ, ଅଧ୍ୟାପକ ଯୁବରାଜ ଖୁଣ୍ଟିଆ, ଲକ୍ଷ୍ମୀଧର ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ସଂସ୍କୃତ ଅଧ୍ୟାପକ ଗୋପାଳ କୃଷ୍ଣ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ କଲେଜର ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାରମ୍ପରିକ ଲୋକନୃତ୍ୟ, ଲୋକଗୀତ, ବକ୍ତୃତା, ଚିତ୍ରାଙ୍କନ, କବିତା ଲିଖନ, ଗଳ୍ପ ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ବ୍ଲକ୍ କଳା ସାହିତ୍ୟ ସଂସ୍କୃତି ସଂଘର ଉପସଭାପତି ବିଜୟ କୁମାର ପଣ୍ଡା, ରୁକ୍ମିଣୀ ଦେବୀ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର, ବରିଷ୍ଠ କଳାକାର ମୋହନ ଜେନା ପ୍ରମୁଖ ଯୋଗଦେଇଥିଲେ। ୨୧ଜଣ ଜିଲାସ୍ତରୀୟ ଯୁବ ଉତ୍ସବରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ପଳାଶପୁର, ଗଙ୍ଗପଡ଼ା ବିଜୟୀ

## କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କଠାରୁ ଦୁଇ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥଦେବ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦୁଇଟି ମ୍ୟାଚ୍‌ରେ ପଳାଶପୁର ଏବଂ ଗଙ୍ଗପଡ଼ା ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ପଳାଶପୁର ଏବଂ ଅରିସଲ ଟିମ୍ ମଧ୍ୟରେ ହୋଇଥିଲା। ପଳାଶପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୧୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବସନ୍ତ ସାହୁ ୨୧ରନ ସଂଗ୍ରହ କରିଥିଲେ। ଜବାବରେ ଅରିସଲ ଟିମ୍ ୧୫ଓଭରରେ ୧୦୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବସନ୍ତ ସାହୁ ୫ଟି ଉଇକେଟ ନେବା ସହ ଶ୍ରେଷ୍ଠ ଖେଳାଳିଭାବେ ସାମାଜିକକର୍ମୀ ରାକେଶ ବରାଳଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବାଙ୍କୀ ଏବଂ ଗଙ୍ଗପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ବାଙ୍କୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୫ରନ ସଂଗ୍ରହ କରିଥିଲା। ଜବାବରେ ଗଙ୍ଗପଡ଼ା ଟିମ୍ ୧୩ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳିଭାବେ ଅନୀଲ ମହାପାତ୍ରଙ୍କୁ ସାମାଜିକକର୍ମୀ କଲ୍ୟାଣ କୁମାର ବାରିକ ପୁରସ୍କୃତ କରିଥିଲେ। ସାନୁଜ ବିଶ୍ୱାଳ, ଶିବଦତ୍ତ ବଡ଼ଜେନା, ତୁଷାରକାନ୍ତ ସୁନ୍ଦରାୟ ଏବଂ ରାକେଶ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ସାହୁ ଏବଂ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଗୁଆ ଓ ଅମୀୟ ପ୍ରଧାନ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। କାଜଲ ବଳିୟାରସିଂ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଥିଲେ। ଶନିବାର ପ୍ରଥମ ମ୍ୟାଚ୍ ସୁଆଙ୍ଗ ଏବଂ କାଇପଦର, ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ ଏବଂ ଭାଲିଆବାଡ଼ି ଟିମ୍ ମଧ୍ୟରେ ହେବ ବୋଲି ଦୁର୍ଯ୍ୟୋଧନ ପରିଡ଼ା ସୂଚନା ଦେଇଛନ୍ତି।

### ଏକଲବ୍ୟ ଶିକ୍ଷାକେନ୍ଦ୍ର ପକ୍ଷରୁ ମାତୃ ସମ୍ମିଳନୀ

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ସ୍ଥିତ ପିଙ୍ଗାଲାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେଶନ(ପିପିଡବ୍ଲୁଓ) ଦ୍ୱାରା ପରିଚାଳିତ ଏକଲବ୍ୟ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ଏକ ମାତୃ ସମ୍ମିଳନୀ ଛାତ୍ରୀଛାତ୍ରଙ୍କ ମାଆମାନଙ୍କୁ ନେଇ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ପିପିଡବ୍ଲୁଓର ସାଧାରଣ ସମ୍ପାଦକ ଗଗନ ବିହାରୀ ଦାସ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ପବିତ୍ର ମୋହନ ମହାପାତ୍ର, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି, ଅଧ୍ୟକ୍ଷ ଲିଙ୍ଗରାଜ ପ୍ରଧାନ, ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ଏହି ମାତୃ ସମ୍ମିଳନୀର ଲକ୍ଷ୍ୟ, ମହତ୍ ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ମାଆମାନଙ୍କର ଗୁଣାତ୍ମକ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# କୋଣାର୍କ ଉତ୍ସବକୁ ଆକର୍ଷଣୀୟ, ସର୍ବୋତ୍ତମ କରାଯିବ

କୋଣାର୍କ,୨୧।୧୧(ଜ୍ୟୋତିରାଜ ମହାନ୍ତି)

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ୩୬ତମ କୋଣାର୍କ ଉତ୍ସବ ଓ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ବେଳାଭୂମି କୂଳରେ ୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଆୟୋଜନ ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି। ଶୁକ୍ରବାର ଅପରାହ୍ନରେ କୋଣାର୍କ ଯାତ୍ରୀ ନିବାସ ଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଚଳିତ ବର୍ଷ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବକୁ ଅଧିକରୁ ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ସମାଗମ ପାଇଁ କୋଣାର୍କ ଉତ୍ସବର ଶ୍ରୀବର୍ଦ୍ଧନ କରାଯିବା ସହ ଉଚ୍ଚକୋଟୀର ଶାସ୍ତ୍ରୀୟ ନୃତ୍ୟ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଉନ୍ନତମାନର ସାଜସଜା ସହ ଉତ୍ସବକୁ ଆକର୍ଷଣୀୟ ଓ ସର୍ବୋତ୍ତମ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଥମ ଥର ପାଇଁ ଚନ୍ଦ୍ରଭାଗା ଠାରେ ସୁଭଦ୍ରା ଶକ୍ତି ମେଳାର ଆୟୋଜନ ହୋଇଛି। ଏହି ମେଳାରେ ୧୫୦ଟି ଷ୍ଟଲ ପ୍ରଦର୍ଶିତ ହେବା ସହ ମହିଳା ଓ ଶିଶୁମାନଙ୍କ ପାଇଁ ଖେଳକୁଦ ଓ ପ୍ରତିଯୋଗିତାମାନ ଆୟୋଜନ କରାଯାଇ ଜିଲା ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ପରିପ୍ରେକ୍ଷୀରେ ମୁକ୍ତାକାଶ ରଙ୍ଗମଞ୍ଚ, ମୀନାବଜାର ସ୍ଥାନ, ବାଲୁକା କଳା ଆୟୋଜିତ ହେଉଥିବା ଚନ୍ଦ୍ରଭାଗା ବଜାର, ହେଲିପ୍ୟାଡ୍ ଓ ସୁଭଦ୍ରା ଶକ୍ତି ମେଳା ଠାରେ ପର୍ଯ୍ୟଟକ ଓ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥା ଓ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ସିସିଟିଭି କ୍ୟାମେରା ଲଗାଇବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଣାର୍କ ଉତ୍ସବ ଓ ବାଲୁକା କଳା ମହୋତ୍ସବ ଅବସରରେ ୱାଟ୍କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚନ୍ଦ୍ରଭାଗା ଓ କୋଣାର୍କର ବିଭିନ୍ନ ସ୍ଥାନରେ ପାନୀୟ ଜଳଯୋଗାଣ ନିମନ୍ତେ ୬ଟି ଟ୍ୟାଙ୍କର, ୩୦ରୁ ଊର୍ଦ୍ଧ୍ୱ ନଳକୂପ ବସାଇବା ପାଇଁ ନିଷ୍ପତ୍ତି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଣାର୍କ ଉତ୍ସବ ଅବସରରେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ୫ଦିନ ବ୍ୟାପୀ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବା, ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ୪ଟି ଆମ୍ବୁଲାନ୍ସ ମହଜୁଦ ରଖାଯିବା ସହିତ ଆବଶ୍ୟକୀୟ ଔଷଧ ଓ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ଅସ୍ଥାୟୀ ଚିକିତ୍ସା ଶିବିର କରିବା ପାଇଁ ନିଷ୍ପତ୍ତି ଗ୍ରହଣ ହୋଇଛି। କୋଣାର୍କ ଏନ୍ଏସି ପକ୍ଷରୁ ହେଲିପ୍ୟାଡ୍ ଠାରେ ମୀନା ବଜାର ଆୟୋଜନ କରିବା ସହ ପ୍ରତ୍ୟେକ ଷ୍ଟଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପୁରୀ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପାର୍କିଂ ସ୍ଥାନ ନିରୂପଣ, ଟ୍ରାଫିକ ନିୟନ୍ତ୍ରଣ, ଅପରାଧିକ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ, ୨୪ ଘଣ୍ଟିଆ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ସମେତ ୧୨ ପ୍ଲାଟୁନ ପୋଲିସ ଫୋର୍ସ ଓ ଅଧିକାରୀଙ୍କୁ ନିୟୋଜିତ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ପୁରୀ ଏସ୍‌ପି ପ୍ରତୀକ ସିଂ ପ୍ରକାଶ କରିଛନ୍ତି। କୋଣାର୍କ ଉତ୍ସବ ସମୟରେ ରାସ୍ତା ଘାଟ, ମୀନା ବଜାର, ସୁଭଦ୍ରା ଶକ୍ତି ମେଳାର ସ୍ଥାନ, ଚନ୍ଦ୍ରଭାଗା ବଜାର ସମେତ ବିଭିନ୍ନ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବା ନେଇ ପୁରୀ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଚନ୍ଦ୍ରଭାଗା ଠାରେ ବାଲୁକା କଳା ମହୋତ୍ସବ ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି। କୋଣାର୍କ ଉତ୍ସବ ପାଇଁ କୋଣାର୍କ ଯାତ୍ରୀ ନିବାସ ଓ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପ୍ରସ୍ତୁତି ବୈଠକରେ ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂହ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂହ ଓ ପର୍ଯ୍ୟଟନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ, ସହନିର୍ଦ୍ଦେଶକ ସରୋଜ କାନ୍ତ ସାମଲ, ଗୋପ ବିଡିଓ ଛବିରାଣୀ ସାହୁ, ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ସିଡିଏମ୍ଓ ଅକ୍ଷୟ କୁମାର ଶତପଥୀ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ବୋଧନ ଦେଉଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୧୧।୨୦୨୫

| | |
|---|---|
| ୪,୫୪,୭୮୭ ଟଙ୍କା | |
| ସୁନା | ୨୦ ଗ୍ରାମ୍ |
| ରୁପା | ୩୧ ଗ୍ରାମ୍ |

## ସଂକ୍ଷେପରେ

### ପୀର ଜାହାନିଆ ସମୁଦ୍ରରେ କୁମ୍ଭୀର ଆତଙ୍କ

ଅସ୍ତରଙ୍ଗ,୨୧।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦେବୀ ନଦୀ ନିକଟ ପୀର ଜାହାନିଆ ସମୁଦ୍ରରେ ଶୁକ୍ରବାର କୁମ୍ଭୀର ଆତଙ୍କ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅଞ୍ଚଳ ଯୁବକ ଏସ ଏସ ଜଗନ୍ନାଥଙ୍କ ସମେତ କେତେଜଣ ଯୁବକ ପୀର ଜାହାନିଆ ସମୁଦ୍ର କୂଳରେ ବୁଲୁଥିବା ବେଳେ ସମୁଦ୍ରରେ କୁମ୍ଭୀର ଦେଖିଥିଲେ। ଏହାକୁ ନେଇ ଆତଙ୍କିତ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା। ସ୍ଥାନୀୟ ଅଞ୍ଚଳରେ କୁମ୍ଭୀର ବାରମ୍ବାର ଦେଖା ଯାଉଥିବା ବେଳେ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନଦୀକୂଳିଆ ଅଞ୍ଚଳବାସୀ ସେମାନଙ୍କ ନିତ୍ୟକାର୍ଯ୍ୟ ପାଇଁ ନଦୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଯଥାଶୀଘ୍ର ବନବିଭାଗ ପକ୍ଷରୁ କୁମ୍ଭୀରକୁ ଧରିବା ପାଇଁ ଲୋକମାନେ ଦାବି କରିଛନ୍ତି।

### ଶେଷ ହେଲା ଦେବ ଦୀପାବଳି

ପୁରୀ,୨୧।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଦେବଦୀପାବଳି ନୀତି ଶୁକ୍ରବାର ସମାପ୍ତ ହୋଇଛି। ଏହି ତିନିଦିନ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ଦେଇଥିଲେ। ଦେବଦୀପାବଳିର ଶେଷଦିନରେ ଦେବକୀ, ବାସୁଦେବ, ନନ୍ଦ, ଯଶୋଦା, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ରାଣୀଙ୍କୁ ମହାପ୍ରଭୁ ଦୀପଦାନ ସହ ଶ୍ରାଦ୍ଧ ତର୍ପଣ କରିଛନ୍ତି। ଏହି ଅବସରରେ ଶ୍ରୀବିଗ୍ରହମାନେ ଶ୍ରାଦ୍ଧ ବେଶ ଧାରଣ କରିଥିଲେ। ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳିତ ହୋଇଥିଲା।

### ନୟାହାଟ କଲେଜରୁ ଛାତ୍ରୀ ନିଖୋଜ

ଯୋଗେଶ୍ୱରପୁର,୨୧।୧୧(ରଶ୍ମିରଞ୍ଜନ ସାହୁ)

ନୟାହାଟ କଲେଜରୁ ଜଣେ ଛାତ୍ରୀ ନିଖୋଜ ହେବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ କଲେଜ କ୍ୟାମ୍ପସରେ ସାଇକେଲ ଥିବାବେଳେ ଝିଅ ଘରକୁ ନ ଫେରିବାରୁ ମା' ଖୋଜାଖୋଜି କରି ନ ପାଇବାରୁ ଶେଷରେ ଗୋପ ଥାନାର ଦ୍ୱାରସ୍ଥ ହୋଇଥିଲେ। ଗୋପ ଥାନା କେଶ ନମ୍ବର ୩୮୯/୨୫ରେ ଏକ ମାମଲା ରୁଜୁ କରି ନୟାହାଟ କଲେଜକୁ ଆସି ତଦନ୍ତ ଆରମ୍ଭ କରିଥିଲେ। ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କହିଛନ୍ତି ଯେ, ଦେସ୍ଥଳୀର ଏକ ଯୁବକଙ୍କ ସହ ନାବାଳିକା ଜଣଙ୍କ ହାଇଦ୍ରାବାଦ ପଳାଇଥିବା ଜଣାପଡ଼ିଛି। ସେଠାରୁ ନାବାଳିକାଙ୍କୁ ଉଦ୍ଧାର ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

### ଦୋକାନ ଆଜ୍‌ବେଷ୍ଟସ ଭାଙ୍ଗି ଚୋରି

ଯୋଗେଶ୍ୱରପୁର,୨୧।୧୧(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡିରେ ପାଟ୍ରୋଲିଂ ଭ୍ୟାନ୍ ନ ଥିବାରୁ ନୟାହାଟ ଅଞ୍ଚଳରେ ଚୋରିଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହାକୁ ନେଇ ପୋଲିସର ମୁଣ୍ଡବ୍ୟଥାର କାରଣ ହୋଇଛି। ପ୍ରକାଶ ଯେ, ଗୁରୁବାର ରାତିରେ ନୟାହାଟ ଅଞ୍ଚଳର ଏକ ଦୋକାନ ଆଜ୍‌ବେଷ୍ଟସ ଭାଙ୍ଗିପ୍ରାୟ ଦେଢ଼ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହେବା ସମ୍ପର୍କରେ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ନୟାହାଟ କଲେଜ ଛକ ନିକଟରେ ସ୍ଲୋପ୍ଲାଲିସ୍ମା ମହାନ୍ତିଙ୍କ ଏକ ଜନସେବା କେନ୍ଦ୍ର ରହିଛି। ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ ଘର ଆଜବେଷ୍ଟସ କାଟି ଗୋଟେ କମ୍ପ୍ୟୁଟର, ଲାପ୍‌ଟପ, ପ୍ରିଣ୍ଟର ମେସିନ ୨ଟା, ଫିଙ୍ଗର ପ୍ରିଣ୍ଟ ମେସିନ ଦୁଇଟା, ଗୋଟିଏ ସିପିୟୁ ମୋଟ ୧.୫୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହେବା ଘଟଣାରେ ପୋଲିସ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ଗୋପ ଥାନାରେ କେସ ନମ୍ବର ୩୯୭/୨୫ରେ ଏକ ମାମଲା ରୁଜୁ କରାଯାଇଥିଲା ବେଳେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି।

# କଣାସ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା



କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମହିଳା ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

କଣାସ,୨୧।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଶୁକ୍ରବାର ଗଡ଼ସାହି ପଞ୍ଚାୟତର ଜଙ୍କିଆ ମେଳଣ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ଜିଲାପରିଷଦ ସଭ୍ୟା ଲତାମଣୀ ଜଗଦେବ, ଆମ୍ବ ଅଧକ୍ଷା ବିଶ୍ୱଭଷଣ ମଙ୍ଗରାଜ, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ, ପୁରୀ ଜିଲା ମତ୍ସ୍ୟ ପ୍ରାଣୀ ସମ୍ପଦର ସହ ଅଧିକାରିଣୀ ସୋନାଲି ପଣ୍ଡା, ପୁରୀ ଜିଲା ପଶୁ ଚିକିତ୍ସା ବିଭାଗ ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଦାସ ଏବଂ ଡାକ୍ତର ରାଜେଶ ପାଣିଗ୍ରାହୀ, ଡାକ୍ତର ବନଜକାନ୍ତ ଦାସ, କଣାସ ବ୍ଲକ ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ଅନୁଗତ ଜେନା ଏବଂ ଅତିରିକ୍ତ ଡାକ୍ତର ସୌମ୍ୟ ଶାଶ୍ୱତି ଦାସ, କଣାସ ବ୍ଲକ ଶିଶୁ ବିକାଶ ଅଧିକାରୀଣି ସ୍ମିତା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର କୃଷକ ଓ ମହିଳାଙ୍କର ଆର୍ଥିକ ମାନଦଣ୍ଡର ବୃଦ୍ଧି ପାଇଁ ମାଛ ଚାଷ, ଗାଈ, ମେଣ୍ଢା, ଛେଳି, ବତକ, କୁକୁଡ଼ା ପାଳନ ପାଇଁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଚାଷୀ ଓ ମହିଳା ସରକାର ଯୋଗାଉଥିବା ଅର୍ଥକୁ ସଠିକ ଭାବେ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ମେଳାରେ ୧୫ ଊର୍ଦ୍ଧ୍ୱ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ତିଆରି କରୁଥିବା ବିଭିନ୍ନ ଜିନିଷର ଷ୍ଟଲ ଖୋଲିଥିବାବେଳେ କୃଷି ବିଭାଗ ପକ୍ଷରୁ କୃଷି ଯନ୍ତ୍ରପାତି, ମତ୍ସ୍ୟ ବିଭାଗ ପକ୍ଷରୁ ମାଛ ଜାଆଁଳ, ମାଛର ବିଭିନ୍ନ ଖାଦ୍ୟ ଔଷଧ ଷ୍ଟଲ ଖୋଲିଥିବା ବେଳେ ପ୍ରାଣୀ ବିଭାଗ ପକ୍ଷରୁ କୁକୁଡ଼ା ଛୁଆ, କୁକୁଡ଼ା ଖାଦ୍ୟ ଓ ଔଷଧ ଷ୍ଟଲ୍‌ମାନ ଖୋଲା ଯାଇଥିଲା।

# ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ପୁରୀ,୨୧।୧୧(ଅଜିତ୍ କୁମାର ମହାନ୍ତି)

ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଊନବିଂଶତିତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଗଙ୍ଗାଧର ବିଦ୍ୟାପୀଠ ଶାରୀରିକ ବିଭାଗରେ ଶିକ୍ଷକ ଲଲାଟେନ୍ଦୁ ସାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ହନୁମାନ ମନ୍ଦିରରୁ ଅଗ୍ନି ସଂଯୋଗ କରାଯାଇ ମଶାଲ ଗ୍ରହଣ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ ପରେ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ଅରୁଣ କୁମାର ମିଶ୍ର ଓ ଶିକ୍ଷା ବିକାଶ ସମିତିଙ୍କ ଜିଲା ସହପ୍ରମୁଖ ଦୀନବନ୍ଧୁ ତ୍ରିପାଠୀ ଉପସ୍ଥିତ ଥିଲେ। କିଶୋର ବିଭାଗ, ବାଲ ବିଭାଗ ଓ ଶିଶୁ ବିଭାଗର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

# ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ ପକ୍ଷରୁ ଶିଶୁ ସୁରକ୍ଷା କର୍ମଶାଳା

ପୁରୀ,୨୧।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ବିଭାଗର କିଶୋର ପୁଲିସ ୟୁନିଟ୍ କର୍ମଚାରୀଙ୍କ ପାଇଁ ଏକ କର୍ମଶାଳା ଗୁରୁବାର ଜିଲା ରିଜର୍ଭ ପୋଲିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲାର ସମସ୍ତ ୩୦ ଥାନାର ମହିଳା ଓ ଶିଶୁ ଡେସ୍କ ଅଧିକାରୀ, ଥାନାଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସ୍‌ଡିପିଓ, ହେଡ୍ କ୍ୱାର୍ଟର ଡିଏସ୍‌ପି, ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ଅଧିକ୍ଷକ ଏବଂ ସବୁ ଶିଶୁ ଯତ୍ନ ଅନୁଷ୍ଠାନର ଅଧିକ୍ଷକ, ଚାଇଲ୍ଡ ହେଲ୍ପ ଲାଇନ ସଂଯୋଜକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଏସ୍‌ପି ପ୍ରତୀକ ସିଂ ଯୋଗଦେଇ ଶିଶୁ ସୁରକ୍ଷା ଆଇନ ଏବଂ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ ଶିଶୁଙ୍କୁ ସୁରକ୍ଷା, ନ୍ୟାୟ ସହ ସେବା ଯୋଗାଇବା ପାଇଁ କହିଥିଲେ। ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, କିଶୋର ନ୍ୟାୟ ବୋର୍ଡ ସଭ୍ୟ ମହାବୀର ରୁଦ୍ରନାରାୟଣ ସାହୁ, ଅତିରିକ୍ତ ଏସ୍‌ପି ସଚିନ ପଟେଲ ଏବଂ ଏଚ୍‌ଆର୍‌ପିସି ଡିଏସ୍‌ପି ସସ୍ମିତା ବେହେରା ଉପସ୍ଥିତ ଥିଲେ। ଶିଶୁ ନିର୍ଯାତନା, ବାଲ୍ୟବିବାହ, ଶିଶୁଶ୍ରମିକ ରୋକିବାରେ ପୋଲିସର ଭୂମିକା ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ ପାଇଥିଲା। ବିଷୟ ବିଶାରଦ ଭାବେ ବିଜୁ ପଟ୍ଟନାୟକ ପୋଲିସ ତାଲିମ କେନ୍ଦ୍ରର ତାଲିମଦାତା ଅତିରିକ୍ତ ଏସ୍‌ପି ଗୁରୁପ୍ରସାଦ ଶିବଶଙ୍କର ନନ୍ଦ ଏବଂ ୟୁନିସେଫ ପରାମର୍ଶଦାତା ଘାସିରାମ ପଣ୍ଡା ଉପସ୍ଥିତ ଥିଲେ। ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସର ସଭ୍ୟ ବିଜୟ କୁମାର ପରିଡ଼ା ଓ ରୋଜାଲିନ ପାତ୍ର ଉପସ୍ଥିତ ଥିଲେ। ସାମାଜିକ କର୍ମୀ କମଳା ମହାରଣା ଧନ୍ୟବାଦ ଦେଇଥିଲେ।

# ପୁରୀ ସ୍ୱଚ୍ଛ ମାଛ ବଜାର ଉଦ୍‌ଘାଟିତ

ପୁରୀ,୨୧।୧୧(ଅଜିତ୍ କୁମାର ମହାନ୍ତି)

ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ଶୁକ୍ରବାର ପୁରୀ ତାଳବଣିଆଠାରେ ଜିଲା ସ୍ୱଚ୍ଛ ମାଛ ବଜାର ଉଦ୍‌ଘାଟିତ ହୋଇଯାଇଛି। ଏହିସ୍ୱଚ୍ଛ ମାଛ ବଜାରକୁ ଭର୍ଚୁଆଲ ମାଧମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ପୁରୀ ସହରବାସୀ ଓ ପର୍ଯ୍ୟଟକଙ୍କୁ ଏକ ସୁନ୍ଦର ସ୍ୱଚ୍ଛ ପରିବେଶରେ ମଧୁର ମାଛ, ଲୁଣି ମାଛ ସହିତ ଚିଲିକା ମାଛ ଏଠାରେ ଉପଲବ୍ଧ ହେବ। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ପୁରୀ ମ୍ୟୁନିସିପାଲିଟି ଏନଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ, ସାମୁଦ୍ରିକ ମତ୍ସ୍ୟ ଗବେଷଣା କେନ୍ଦ୍ର ପୁରୀର ବରିଷ୍ଠ ବୈଜ୍ଞାନିକ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ, ଜିଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, ଜିଲା ମତ୍ସ୍ୟଜୀବୀ ୟୁନିୟନର ସଭାପତି ବାବୁଲା ପ୍ରସାଦ, ଜିଲା ଡିପିଏମ୍ୟୁ ପରାମର୍ଶଦାତା ସିଦ୍ଧାର୍ଥ ରାୟ ଯୋଗଦେଇଥିଲେ। ଏହି ସ୍ୱଚ୍ଛ ମାଛ ବଜାର କିଭଳି ସୁନ୍ଦର ଭାବେ ପରିଚାଳିତ ହେବ, ସେଥିପାଇଁ ଅତିଥିମାନେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ମତ୍ସ୍ୟ ସମବାୟ ୟୁନିୟନ୍‌ର କର୍ମକର୍ତ୍ତାଙ୍କୁ ଜିଲା ମତ୍ସ୍ୟ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସହକାରୀ ମତ୍ସ୍ୟଜୀବୀ ଅଧିକାରୀ ସଂଘମିତ୍ରା ପାଣି ପରିଚାଳନା କରିଥିଲେ।

# ସାକ୍ଷୀଗୋପାଳ ମନ୍ଦିରରେ ଦେବ ଦୀପାବଳି

ସାକ୍ଷୀଗୋପାଳ,୨୧।୧୧ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପରମ୍ପରାକ୍ରମେ ସାକ୍ଷୀଗୋପାଳ ମନ୍ଦିରରେ ଶୁକ୍ରବାର ଦେବ ଦୀପାବଳି ଉପଲକ୍ଷେ ଦୀପଦାନ କରାଯାଇଛି। ସନ୍ଧ୍ୟା ଆରତି ପରେ ପରେ ମନ୍ଦିର ଚୂଡ଼ାକୁ ମହାଦେବ ଉଠିଥିଲା। ସେହିପରି ଗର୍ଭଗୃହ, ମହାଲକ୍ଷ୍ମୀ, ଗରୁଡ଼ ଓ ଅରୁଣ ସ୍ତମ୍ଭ, ମଦନମୋହନ ମନ୍ଦିର, ବରାହ, ନୃସିଂହ, ବାମନ, ଅଁଳା, ତମାଳ ବୃକ୍ଷ, ମହାଦେବ, ପାଦପଦ୍ମ, ତୁଳସୀ ଚଉରା, ସ୍ନାନବେଦୀ, ଜଗମୋହନ, ଗଣେଶ, ନବଗ୍ରହ, ଗୁମୁଟ ଗଣେଶ, ମହାବୀର, ବୃନ୍ଦାବତୀ, ସୂର୍ଯ୍ୟ ନାରାୟଣ, ସିଂହଦ୍ୱାର, ଶ୍ରୀରାମ ମନ୍ଦିର, ଅଲଗା ମହାବୀର, ତ୍ରିନାଥ ମଣ୍ଡପ, ସେବାୟତ ସଂଘ କାର୍ଯ୍ୟାଳୟ, ମହାବୀର ଜାଗା, ମାଳେଶ୍ୱରୀ, ଘୁମେଇ, ହରଚଣ୍ଡୀ, ଜାଗେଶ୍ୱରୀ, ଅନନ୍ତେଶ୍ୱର, ରତ୍ନେଶ୍ୱର, ମଉଁନେଇ, ସିଦ୍ଧ ମହାବୀର, ସିଦ୍ଧ ବକୁଳ ଦେବ ଆଦି ଦେବାଦେବୀଙ୍କ ନିକଟରେ ଦୀପଦାନ କରାଯାଇଥିଲା। ସାକ୍ଷୀଗୋପାଳ ମନ୍ଦିର ମାଳି ସେବାୟତ ମନ୍ଦିର ପରିସରରେ ଦୀପ ପ୍ରସ୍ତୁତ କରି ପ୍ରଜ୍ୱଳନ କରିଥିଲେ। ଦେବ ଦୀପାବଳିର ଅନ୍ତିମ ସନ୍ଧ୍ୟାରେ ନନ୍ଦ, ଯଶୋଦା ଓ ବସୁଦେବ, ଦେବକୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାର୍ପଣ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଏ ବୋଲି ମନ୍ଦିର ସେବାୟତ ବିଶ୍ୱନାଥ ମହାପାତ୍ର କହିଛନ୍ତି।

# '''ମହାପ୍ରଭୁଙ୍କ ଆଶୀର୍ବାଦରୁ ସଫଳତା ମିଳିଛି'''


ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୀପ ପ୍ରଜ୍ୱଳନ କରୁଛନ୍ତି।

ପୁରୀ,୨୧।୧୧(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ପୁରୀ ଆଁସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପ୍ରଧାନଙ୍କୁ ସେବାୟତ ଓ ଦଳୀୟ ନେତା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ଦର୍ଶନ ସାରି ଫେରିବା ପରେ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି, ଦେବଦୀପାବଳିର ଶେଷଦିନରେ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କଲି। ଭାରତବର୍ଷରେ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ବିହାରବାସୀ ଅଭୁତପୂର୍ବ ଜନାଦେଶ ଦେଇଛନ୍ତି। ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଲା। ବିହାରର ଯୁବକ ଓ ମହିଳାମାନେ ଆଶୀର୍ବାଦ କରିବାରୁ ଲଗାତର ୨୦ବର୍ଷ ଧରି ଏନ୍‌ଡିଏକୁ ସେବା କରିବାକୁ ସୁଯୋଗ ମିଳିଲା। ଲୋକେ ବିକାଶ ଚାହୁଁଛନ୍ତି। ଏହା ମହାପ୍ରଭୁଙ୍କ ଲୀଳା। ଏଥିପାଇଁ ମହାପ୍ରଭୁଙ୍କୁ କୃତଜ୍ଞତା ଜଣାଉଛି। ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଦେଶରେ ଉତ୍ତେଜନା ସୃଷ୍ଟି ସହ ସମ୍ବିଧାନକୁ ଖଣ୍ଡ ଖଣ୍ଡ କରିବା ପାଇଁ ସେ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରଧାନଙ୍କ ସହ ଯାଇଥିବା କେତେଜଣ ବ୍ୟକ୍ତି ମୋବାଇଲ ବ୍ୟବହାର କରିଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି।

# ୩ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୨୧।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର, ରେଞ୍ଚ, ବିଅଁଳ ପ୍ରଭୃତି ଅଞ୍ଚଳରେ ଚଢ଼ାଉ କରାଯାଇ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ବିଅଁଳ ଗ୍ରାମର ଶ୍ରୀଚନ୍ଦନ ପଣ୍ଡା (୩୭)। ପୋଲିସ ତାଙ୍କଠାରୁ ୨୯ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ୩ଲକ୍ଷ ଟଙ୍କା ହେବ। ଏ ସମ୍ପର୍କରେ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ଏକ କେସ୍ (ନଂ.୧୫୦/୨୫-୨୬) ରୁଜୁ କରାଯାଇଛି। ଜିଲା ଅବକାରୀ ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ କଡ଼ା ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ୍ ଇନ୍ସପେକ୍ଟର ପ୍ରଭାକର ସେଠୀଙ୍କ ତତ୍ତ୍ୱାବଧାନରେ ନିମାପଡ଼ା ଅବକାରୀ ଥାନା ଇନ୍ସପେକ୍ଟର ନିରାକାର ଦେଉରୀ, ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ତପନ ପ୍ରଧାନ, ଫିରୋଜ ମହାନନ୍ଦିଆ, ସ୍ୱାଗତିକା ଘଡ଼େଇ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

# ପିପିଲିରେ ଧର୍ମେନ୍ଦ୍ରଙ୍କୁ ସ୍ୱାଗତ

ପିପିଲି,୨୧।୧୧(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ବିହାର ନିର୍ବାଚନ ସରିବା ପରେ ଓଡ଼ିଶାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚିଛନ୍ତି। ଶୁକ୍ରବାର ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ଭୁବନେଶ୍ୱରରୁ ବାହାରି ପୁରୀ ଅଭିମୁଖେ ଯାତ୍ରା କରିଥିବା ବେଳେ ପିପିଲି ସମେତ ବିଭିନ୍ନ ଛକରେ ଭାଜପା ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ପିପିଲି ଓଭରବ୍ରିଜ୍‌ଠାରେ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମୀ ଓ ନେତାମାନେ ପୁଷ୍ପ ବର୍ଷା କରି କେନ୍ଦ୍ର ମନ୍ତ୍ରୀ ପ୍ରଧାନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ନିଜ ଗୁରୁଦାୟିତ୍ୱର ସଫଳତା ହୋଇଥିବା ନେଇ ସେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓଡ଼ିଶା ଆସିଥିବାବେଳେ ସମସ୍ତ ଭାଜପା କର୍ମୀ ତାଙ୍କୁ ସ୍ୱାଗତ କରିଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୨୧।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସାଧାରଣ ଓ ବରିଷ୍ଠ ନାଗରିକଙ୍କ ସମସ୍ୟାର ସମାଧାନ ନିମନ୍ତେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ଦାଶ ଓ କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା ଗୁରୁବାର ଜିଲାପାଳଙ୍କୁ ଭେଟି ଏହି ଦାବିପତ୍ର ଦେଇଥିଲେ। ସ୍ଥାୟୀ ସଭାକକ୍ଷ ଉଦ୍ଦେଶ୍ୟରେ ଏକ ଜାଗା ପ୍ରଦାନ କରାଯିବା, ବରିଷ୍ଠ ନାଗରିକଙ୍କୁ ସୁରୁଖୁରୁରେ ଶ୍ରୀମନ୍ଦିର ପ୍ରବେଶ ପାଇଁ ବ୍ୟବସ୍ଥା, ପୁରୀ ସହରର ନଳା ନର୍ଦ୍ଦମା ପାଣି ଠିକ୍ ଭାବେ ନିଷ୍କାସନ ବ୍ୟବସ୍ଥା, କଣାସ ଅଞ୍ଚଳରେ ବନ୍ୟା ଓ ହଇଜାର ପ୍ରତିକାର ବ୍ୟବସ୍ଥା, କଣାସ ଏବଂ ଅସ୍ତରଙ୍ଗକୁ ଆମ ବସ ଚଳାଚଳ, ଜିଲା ମୁଖ୍ୟ ଚିକିତ୍ସାଳୟରେ ହୃଦରୋଗ ଓ ସ୍ନାୟୁରୋଗ ପରୀକ୍ଷାନୀରିକ୍ଷା ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଡାକ୍ତର ଉପଲବ୍ଧ କରିବାକୁ ଏହି ପତ୍ରରେ ଅନୁରୋଧ କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ ସଭାକକ୍ଷରେ ଜିଲା ଚିକିତ୍ସାଧିକାରୀ ଅଧିକାରୀ ଉପସ୍ଥିତ ଥିବାରୁ ଜିଲାପାଳ ସମସ୍ୟା ସମ୍ପର୍କରେ ଆଲୋଚନା କରି ସପ୍ତାହକୁ ୨ଦିନ ବାହାର ଡାକ୍ତର ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅନ୍ୟ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ମିଳିଥିବା ମଞ୍ଚ ପକ୍ଷରୁ କୁହାଯାଇଛି।

# ରଇତିସାହି ଖେଳ ପଡ଼ିଆରୁ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

## ପୋଲିସ, ସାଇଣ୍ଟିଫିକ ଟିମର ଛାନ୍‌ଭିନ୍ ଆରମ୍ଭ

କୋଣାର୍କ,୨୧।୧୧(ଜ୍ୟୋତିରାଜ ମହାନ୍ତି)

କୁରୁଜଙ୍ଗ ପଞ୍ଚାୟତର ରଇତିସାହି ଗ୍ରାମର ଗୋଠପଡ଼ିଆରୁ କୋଣାର୍କ ଥାନା ପୋଲିସ ଏକ ଅଜଣା ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିବା ସହ ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଛାନଭିନ ଆରମ୍ଭ କରିଛି।

ପ୍ରକାଶ ଯେ, କୋଣାର୍କ ଥାନା ଅଧୀନସ୍ଥ ରଇତିସାହି ଗ୍ରାମର ଖେଳ ପଡ଼ିଆରେ ଜଣେ ଅଜଣା ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଘଟଣା ସମ୍ପର୍କରେ କୋଣାର୍କ ପୋଲିସକୁ ଖବର ଦେଇଥିଲେ। ଖବରପାଇ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଥାନାର ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣା ସମ୍ପର୍କରେ ନିମାପଡ଼ା ଏସ୍‌ଡିପିଓ ପାଢ଼ୀ ପୁରୀସ୍ଥିତ ସାଇଣ୍ଟିଫିକ ଟିମ୍‌କୁ ଖବର ଦେବା ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଏହି ଟିମ୍ ରଇତିସାହି ଖେଳ ପଡ଼ିଆରେ ପଡ଼ିଥିବା ଅର୍ଦ୍ଧଦଗ୍ଧ ଅଜଣା ଯୁବକଙ୍କ ମୃତଦେହର ଛାନ୍‌ଭିନ କରିବା ସହ ମୃତଦେହ ନିକଟରେ ପଡ଼ିଥିବା ରକ୍ତଛିଟା, ଚପଲ, ପୋଡ଼ି ଯାଇଥିବା ପ୍ୟାଣ୍ଟ ଓ ସାର୍ଟରେ ପ୍ରମାଣିକ ଫଟୋ ଚିତ୍ର ଉଠାଇଥିଲେ। କିଏ କେଉଁ ପରିସ୍ଥିତିରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଛି ଓ କେଉଁ କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଛି କୋଣାର୍କ ପୋଲିସ ଏହାର ଛାନଭିନ ଆରମ୍ଭ କରିଛି। ଏହା ଏକ ବର୍ବରତା ପୂର୍ଣ୍ଣ ହତ୍ୟାକାଣ୍ଡ ବୋଲି ସାଧାରଣରେ ଆଲୋଚନା ହେଉଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ବିଭିନ୍ନ ପ୍ରମାଣିକ ତଥ୍ୟ ସଂଗ୍ରହ କରିଥିବା ବେଳେ ଏହି ତଥ୍ୟ ଆଧାରରେ ପରୀକ୍ଷା ନିରୀକ୍ଷା କରିବା ପାଇଁ ଫୋରେନ୍‌ସିକ ଲାବୋରେଟୋରୀକୁ ପଠାଇଛି। କୋଣାର୍କ ପୋଲିସ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ଯୁବକଙ୍କୁ ମାରି ରଇତିସାହି ଖେଳପଡ଼ିଆରେ ପୋଡ଼ି ମାରିଥିବା ସାଧାରଣରେ ଆଲୋଚନା ହେଉଛି। ଯୁବକଙ୍କ ଶରୀରର ୮୦ ଭାଗ ପୋଡ଼ି ଯାଇଥିବା ବେଳେ ମୁହଁକୁ ଦୁର୍ବୃତ୍ତମାନେ ବିବର୍ଣ୍ଣ କରି ପୋଡ଼ି ଦେଇଥିବାରୁ ଯୁବକଙ୍କୁ ଚିହ୍ନଟ କରିବାରେ ସହଜସାଧ୍ୟ ହେଉନି। ଏ ନେଇ କୋଣାର୍କ ଥାନା ପୋଲିସ ପକ୍ଷରୁ ୨୪୨/୨୫ରେ ଏକ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କୁ ପଚାରିବାରେ ସେ କୁହନ୍ତି, ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସଂଗୃହିତ ପ୍ରାମାଣିକ ତଥ୍ୟ ସଂଗ୍ରହ କରାଯାଇ ପରୀକ୍ଷାନିରୀକ୍ଷା ପାଇଁ ଫରେନସିକ ଲାବୋରଟୋରୀକୁ ପଠା ଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଫରେନସିକ ରିପୋର୍ଟ ଆସିଲେ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ମୃତ

ଚୌଦ୍ୱାର,୨୧।୧୧(ଆଶୁତୋଷ ଦାସ)

ଚୌଦ୍ୱାର ସହର ମଧ୍ୟଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ଇମ୍ଫା ଗେଟ ସମ୍ମୁଖ ଅଣ୍ଡର ପାସ୍ (ଗଳା ପୋଲ)ରେ ଶୁକ୍ରବାର ଅପରାହ୍ନ ସାଢ଼େ ୪ଟାରେ ଟ୍ରକ୍ ଧକ୍କାରେ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଟକ ନିବାସୀ ଭାଗ୍ୟକିଶୋର କର (୬୫)। ମିଳିଥିବା ସୂଚନା ଅନୁଯାୟୀ ଭାଗ୍ୟକିଶୋର ପ୍ରତିଦିନ ଭଳି ଚୌଦ୍ୱାର କଲେଜରେ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିବା ତାଙ୍କ ସ୍ତ୍ରୀ ହରପ୍ରିୟା ମହାପାତ୍ରଙ୍କୁ ଘରକୁ ନେବା ପାଇଁ ଆସୁଥିଲେ। ସେ ଅଣ୍ଡର ପାସ୍ ଭିତରେ ପଶୁଥିବାବେଳେ ସମ୍ମୁଖ ପଟରୁ ଆସୁଥିବା ଏକ ଟ୍ରକ୍ ଦେହରେ ତାଙ୍କ ବାଇକ୍ ଘସି ହୋଇଯାଇଥିଲା। ଟ୍ରକ୍ ବାଇକ୍ ସହିତ ତାଙ୍କୁ ଘୋଷାରି ନେଇ ଯିବାରୁ ପିଚିହୋଇ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ କଲେଜ ଅଧ୍ୟକ୍ଷା ଓ କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି କଟକର ଏକ ଘରୋଇ ମେଡ଼ିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭାଗ୍ୟକିଶୋରଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ରକ୍ତଦାନ ଶିବିର: ୩୧୯ ୟୁନିଟ ରକ୍ତ ସଂଗ୍ରହ

ମଙ୍ଗୁଳି–ଜଗତପୁର,୨୧।୧୧ (ମାନସ ସାମଲ)

ବଂଶୀଧର ପଣ୍ଡାଙ୍କ ଜନ୍ମ ଦିବସ ତଥା ଇମ୍ଫା ଶିଳ୍ପଗୋଷ୍ଠୀର ୬୪ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୬ରେ ପାଳନ ହେବ। ଏହି ଉପଲକ୍ଷେ ଇମ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା ବିଆଇପିଏଫ୍ ପରିଚାଳନାରେ ଚୌଦାରସ୍ଥିତ ଇମ୍ଫା ଷ୍ଟାଫ କ୍ଲବ ପରିସରରେ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରେଡ୍‌କ୍ରସର ସହାୟତାରେ ଅନୁଷ୍ଠିତ ଶିବିରରୁ ୩୧୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଉପଲକ୍ଷେ ଇମ୍ଫା ପକ୍ଷରୁ ରକ୍ତଦାତାମାନଙ୍କୁ ବିଭିନ୍ନ ପ୍ରଜାତିର ଚାରା ପ୍ରଦାନ କରାଯାଇଥିଲା। ୟୁଏମ୍‌ଏସ୍‌ଏଲ୍ ଜେନେରାଲ ମ୍ୟାନେଜର ଭାଗବତ ସାହୁଙ୍କ ପ୍ରଚେଷ୍ଟାରେ ଆୟୋଜିତ ଶିବିରକୁ ଇମ୍ଫା ଚୌଦ୍ୱାର ଉପସଭାପତି ବିନୟ ଅଗ୍ରୱାଲା, ଇମ୍ଫା ମହିଳା କ୍ଲବ ସଭାପତି ନମିତା ଅଗ୍ରୱାଲା ଉଦ୍‌ଘାଟନ କରିଥଲେ। ଇମ୍ଫା ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବସନ୍ତିଆ ସଂଯୋଜନା କରିଥିବା ବେଳେ ବରିଷ୍ଠ ପ୍ରବନ୍ଧକ ଲଲାଟ କିଶୋର ମହାପାତ୍ର, ସୁଜିତ୍ ମିଶ୍ର, ମାନସ ପ୍ରଧାନ, ଅଭିଷେକ ଘୋଷ, ବିଶ୍ୱଜିତ୍ ମିଶ୍ର, ସରୋଜ ସାମଲ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### 'ଗଣମାଧ୍ୟମ ପ୍ରଥମ ସ୍ତମ୍ଭ ହେବା ଉଚିତ'

ଫୁଲନଖରା,୨୧।୧୧(ସତ୍ୟରଞ୍ଜନ ଦାସ ମହାପାତ୍ର)

ରାଜ୍ୟ ସାମ୍ବାଦିକ ସଂଘର ଜିଲା ଶାଖାର ତୃତୀୟ ବାର୍ଷିକ ଉତ୍ସବ ପ୍ରତାପନଗରୀ ଧାକୁଲେଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରମେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଯୋଗଦେଇ ଗଣମାଧ୍ୟମ ପ୍ରଥମ ସ୍ତମ୍ଭ ହେବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ରାଜ୍ୟ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନବିହାରୀ ସାହୁ, ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ଜାତୀୟ ସଂଗଠନ ସମ୍ପାଦକ ଚିନ୍ତାମଣି ପାଢ଼ୀ, ସନ୍ତୋଷ ସ୍ୱାଇଁ, ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତି, ଅତିରିକ୍ତ ଡିସିପି ରଣଜିତ ପୃଷ୍ଟି ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କୁ ସରକାର ବୃତ୍ତିଗତ ସୁରକ୍ଷା ଯୋଗାଇ ଦେବା ଉଚିତ ବୋଲି କହିଥିଲେ। ଜିଲା ସମ୍ପାଦକ ଶିଶିର ଦାଶ ବିବରଣୀ ପାଠ ଓ ସଂଗଠନ ସମ୍ପାଦକ ଶୁଭେନ୍ଦୁ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମ୍ବାଦିକ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ରାଜ୍ୟ କୋଷାଧ୍ୟକ୍ଷ ଟୁନା ଜେନା ଧନ୍ୟବାଦ ଦେଇଥିଲେ।

# ହୋହଲ୍ଲାରେ ସରିଲା ପଞ୍ଚାୟତ ସମିତି ବୈଠକ

- ଜନପ୍ରତିନିଧିଙ୍କୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ
- ପବ୍ଲିକ ସ୍ୱାସ୍ଥ୍ୟ ଅଧିକାରୀ-ଜନପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି
- ବୈଠକ ଛାଡି ଚାଲିଗଲେ ପବ୍ଲିକ ସ୍ୱାସ୍ଥ୍ୟ ଅଧିକାରୀ

ମଙ୍ଗୁଳି–ଜଗତପୁର,୨୧।୧୧(ମାନସ ସାମଲ)


ପଞ୍ଚାୟତ ସମିତି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଉପରେ ଆଲୋଚନା କରାଯାଉଛି।

ଟାଙ୍ଗୀ–ଚୌଦ୍ୱାର ବ୍ଲକର ୧୩ତମ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ହୋହଲ୍ଲା ମଧ୍ୟରେ ଶେଷ ହୋଇଛି। ବୈଠକ ଆରମ୍ଭ ହେବାର ପ୍ରାୟ ୧୦ ମିନିଟ ପରେ ପ୍ରଶାସନ ୨୪ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଗୁରୁତ୍ୱ ଦେଉନି ବୋଲି କହି ସରପଞ୍ଚ ଓ ସମିତି ସଭ୍ୟ ହୋହଲ୍ଲା କରିଥିଲେ। ସମସ୍ତ ପଞ୍ଚାୟତରେ ରାସ୍ତାଘାଟ, ଷ୍ଟ୍ରିଟ୍ ଲାଇଟ, ଶିକ୍ଷା, ପାନୀୟଜଳ, ବର୍ଦ୍ଧିତ ଭତ୍ତା ଟଙ୍କା, ରାଶନ କାର୍ଡରେ ଅନିୟମିତତା ଭଳି ସମସ୍ୟାର ସମାଧାନ ଠିକ ଭାବେ ହେଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ବିଶେଷ କରି ଘରକୁ ଘର ପାନୀୟ ଜଳ ଯୋଗାଣ ଅହେତୁକ ବିଳମ୍ବ ହେବା ସହ ଠିକାସଂସ୍ଥା ମନମୁଖି ରାସ୍ତା ଖୋଳି ଅଧାପନ୍ତରିଆ କାମ କରି ଛାଡି ଚାଲିଯାଉଛି। ଫଳରେ ଦୀର୍ଘଦିନ ହେବ ଯାତାୟାତରେ ସମସ୍ୟା ଦେଖାଦେଉଛି ବୋଲି ସରପଞ୍ଚ ଦୀପ୍ତିମୟୀ ବେହେରା ଅଭିଯୋଗ କରିଥିଲେ। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବାବେଳେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସ୍ମିତା ନାୟକ ଅନୁପସ୍ଥିତ ରହିଥିଲେ। ତାଙ୍କ ପ୍ରତିନିଧି ଭାବେ ଆସିଥିବା ପବ୍ଲିକ ହେଲଥ ଅଫିସର ହରପ୍ରିୟା ସେନାପତି ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଆଲୋଚନାରେ ସହଯୋଗ କରି ନ ଥିଲେ। ଦୀର୍ଘ ସମୟ ଉଭୟଙ୍କ ମଧ୍ୟରେ କଥା କଟାକାଟି ହୋଇଥିଲା। ପବ୍ଲିକ ହେଲଥ ଅଫିସର ବୈଠକରୁ ବିଦା ହେଲେ ବୈଠକ ହେବ ବୋଲି ସମସ୍ତ ପ୍ରତିନିଧି ଜିଦ ଧରି ବସିଥିଲେ। ବାଧ୍ୟହୋଇ ସେ ବୈଠକ ଛାଡି ଚାଲିଯାଇଥିଲେ। ଧରିତ୍ରୀ ପ୍ରତିନିଧି କାହିଁକି ବୈଠକ ଅଧାରୁ ଚାଲିଯାଉଛନ୍ତି ବୋଲି ପବ୍ଲିକ ହେଲଥ ଅଫିସର ସେନାପତିଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ରଖି ବ୍ଲକ ପରିସର ଛାଡି ଚାଲିଯାଇଥିଲେ। ଆଗାମୀ ବୈଠକ ପୂର୍ବରୁ ଜନପ୍ରତିନିଧିଙ୍କ ସମସ୍ୟା ସମାଧାନ କରାଯିବ ବୋଲି ଅତିରିକ୍ତ ବିଡିଓ ଶ୍ୱାସତ ଜେନା ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବିଡିଓ ଏନ୍‌ଏନ୍ ରାଜଲକ୍ଷ୍ମୀ ଓଝା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ଆଠଗଡ ବିଧାୟକଙ୍କ ପ୍ରତିନିଧି ସେକ ଶାହାଜାନ, ଅତିରିକ୍ତ ବିଡିଓ ଜେନା ପ୍ରମୁଖଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକମାନେ ଯୁବପିଢିଙ୍କ ମାର୍ଗଦର୍ଶକ

ଚୌଦ୍ୱାର,୨୧।୧୧(ଆଶୁତୋଷ ଦାସ)

**ବରିଷ୍ଠ ନାଗରିକ ସଂଘର ୨ୟ ବାର୍ଷିକୋତ୍ସବ**

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହିସ୍ଥିତ ବରିଷ୍ଠ ନାଗରିକ ସଂଘର ୨ୟ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲଗ୍ନ ମଣ୍ଡପରେ ସଂଘ ସଭାପତି ଆଦିକନ୍ଦ ବିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ବରିଷ୍ଠ ନାଗରିକ ଆଗାମୀ ଯୁବପିଢିମାନଙ୍କ ପାଇଁ ମାର୍ଗଦର୍ଶକ ବୋଲି କହିଥିଲେ। କଟକ ଜିଲା ବରିଷ୍ଠ ନାଗରିକ ମହାସଂଘ ସାଧାରଣ ସମ୍ପାଦକ ବିଷ୍ଣୁ ମୋହନ ଦାସ ସାମନ୍ତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, କାଉନସିଲର ଆଶୁତୋଷ ଦାସ, ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ, ଇମ୍ଫା ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଉପଦେଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କ୍ଲବ ଉପସଭାପତି ରଘୁନାଥ ସ୍ୱାଇଁ, ବୈକୁଣ୍ଠ ନାଥ ତାରେଣିଆ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୁରେନ୍ଦ୍ର ନାଥ ବାରିକ, ସୁବାସ ଖୁଣ୍ଟିଆ, ଶିବ ପ୍ରସାଦ ପତି, ଅଲେଖ ବେହେରାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘ ସମ୍ପାଦକ ବିଭୁଦାସ ବର୍ଦ୍ଧନ ଓ କୋଷାଧ୍ୟକ୍ଷ ନିକୁଞ୍ଜ ବିହାରୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଚୌଦ୍ୱାର ରୋଟାରୀ କ୍ଲବ, ଅବସରପ୍ରାପ୍ତ ଶିକ୍ଷକ ସଂଘ, ଚୌଦ୍ୱାର ବରିଷ୍ଠ ନାଗରିକ କ୍ଲବର ସଦସ୍ୟ ଓ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ସ୍ଥାନୀୟ ସ୍ୱାଗତୀକା ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କୁ କଟକରେ ଭବ୍ୟ ସ୍ୱାଗତ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଟକରେ ସ୍ୱାଗତ କରାଯାଉଛି।

କଟକ,୨୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ମେଣ୍ଟର ବିଜୟ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଟକରେ ଶୁକ୍ରବାର ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ମନ୍ତ୍ରୀ ପ୍ରଧାନ ପ୍ରଥମେ ମା' କଟକ ଚଣ୍ଡୀଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ପରେ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାରେ ସହରର ପ୍ରମୁଖ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ଏଥିରେ ଭାଜପା ନେତା ଅରିନ୍ଦମ ରାଏ, ଯୁବ ନେତା ତଥା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, କୃଷ୍ଣ ମଲ୍ଲିକ, ସେକ ଆରିଫ ବକ୍ସ, ସୁଲୋକନାଥ ଦାସ, ଗୌରବ ଶର୍ମା, ସନି ପଟ୍ଟନାୟକ, ପ୍ରୀତମ ମହାରଣା, ଅଜୟ ଓଝା, ରତନାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀଙ୍କୁ ମାଛୁଆବଜାରସ୍ଥିତ ସର୍କିଟ ହାଉସରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ବରିଷ୍ଠ ନେତା ଭେଟି ଶୁଭେଚ୍ଛା ଜଣାଇଛନ୍ତି।

# ଜନସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାକୁ ଏକତ୍ର ପ୍ରୟାସ ଆବଶ୍ୟକ


ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରସ୍ଥ ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କଟକ,୨୧।୧୧(କାର୍ତ୍ତିକ ସାହୁ)

ନ୍ୟାଶନାଲ ଏକାଡେମୀ ଅଫ୍ ଭେକ୍ଟର ବର୍ଣ୍ଣ ଡିଜିଜ୍ (ଏନଏଭିବିଡି), ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପରିବେଶ ଏବଂ ଜନସ୍ୱାସ୍ଥ୍ୟ ଉତ୍କର୍ଷ କେନ୍ଦ୍ର ଓ ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ୧୬ତମ ଅନ୍ତର୍ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟ ପରିସରସ୍ଥ ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ, ରାଜ୍ୟରେ ଜନସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବାକୁ ବିଜ୍ଞାନ, ଗବେଷଣାର ଏକତ୍ର ପ୍ରୟାସ ଆବଶ୍ୟକ। ମ୍ୟାଲେରିଆ, ଡେଙ୍ଗୁ, ଚିକୁନଗୁନିଆ, ଲିମ୍ଫାଟିକ ଫାଇଲେରିଆସିସ ଭଳି ଭେକ୍ଟରଜନିତ ରୋଗ ବିଶ୍ୱ ସ୍ୱାସ୍ଥ୍ୟ ପାଇଁ ଏକ ଆହ୍ୱାନ ହୋଇଛି। ସମ୍ମାନିତ ଅତିଥି ଆଇସିଏମ୍ଆର୍ ପୂର୍ବତନ ମହାନିର୍ଦ୍ଦେଶକ ପଦ୍ମଭୂଷଣ ଡ. ନିର୍ମଳ କୁମାର ଗାଙ୍ଗୁଲି ଓ ଭାରତୀୟ ଜନସ୍ୱାସ୍ଥ୍ୟ ଫାଉଣ୍ଡେଶନର ପ୍ରତିଷ୍ଠାତା ସଭାପତି ପଦ୍ମଭୂଷଣ କେ. ଶ୍ରୀନାଥ ରେଡ୍ଡୀ, ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇଥିଲେ। ଏନ୍‌ଏଭିବିଡି ସଭାପତି ପଦ୍ମଶ୍ରୀ ଡ. ଆଦିତ୍ୟ ପ୍ରସାଦ ଦାସ, ଉପସଭାପତି ଡ. ନୀନା ଭଲେଚା, ଆଇସିଏମ୍ଆର୍ ପୂର୍ବତନ ବୈଜ୍ଞାନିକ ମନୋରଞ୍ଜନ ରଞ୍ଜିତ ପ୍ରମୁଖ ଉପସ୍ଥିତ ଥିଲେ। ରେଭେନ୍‌ଶା କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଲୁନା ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କେତେକ ବୈଜ୍ଞାନିକ ଏବଂ ପ୍ରଫେସରଙ୍କୁ ସମ୍ମାନିତ କରାଯାଇଥିଲା।

### ବିଶ୍ୱନାଥ ପଣ୍ଡିତ ପାଠାଗାର ନିର୍ମାଣ କାର୍ଯ୍ୟର ସମୀକ୍ଷା

କଟକ,୨୧।୧୧(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ମେୟର ସୁବାସ ସିଂହଙ୍କ ନେତୃତ୍ୱରେ ଚୌଦ୍ୱାର–କଟକ ବିଧାୟକ ସୌଭିକ ବିଶ୍ୱାଳ ଏବଂ ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ଶୁକ୍ରବାର ବାଦାମବାଡ଼ି ପାଲାମଣ୍ଡପ ନିକଟସ୍ଥ ନବନିର୍ମିତ ବିଶ୍ୱନାଥ ପାଠାଗାର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସିଏମ୍‌ସି ପକ୍ଷରୁ ପ୍ରାୟ ୫୦ କୋଟି ଟଙ୍କା ବିନିମୟରେ ଏହି ଅତ୍ୟାଧୁନିକ ତଥା ବିଶ୍ୱସ୍ତରୀୟ ପାଠାଗାର ନିର୍ମାଣ କରାଯାଉଛି। ନେତାଜୀ ବସ୍ ଟର୍ମିନାଲ ନିର୍ମାଣ ନିମନ୍ତେ ବିଶ୍ୱନାଥ ପାଠାଗାରକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। କଟକ ସହର ତଥା ଏହାର ଆଖପାଖ ଅଞ୍ଚଳର ବହୁସଂଖ୍ୟକ ଛାତ୍ରୀଛାତ୍ର, ଯୁବ ବର୍ଗ ପଢ଼ିବା ପାଇଁ ଏହି ପାଠାଗାର ଉପରେ ନିର୍ଭର କରନ୍ତି। ଏହାକୁ ଦୃଷ୍ଟିରେ ରଖି ଏକସଙ୍ଗେ ପ୍ରାୟ ୧୫୦୦ଜଣ ପାଠାଗାରରେ ପଢ଼ିବାର ବ୍ୟବସ୍ଥା କରାଯାଉଛି। ଏଠାରେ ଦ୍ରୁତଗାମୀ ଇଣ୍ଟରନେଟ ବ୍ୟବସ୍ଥା, ପୁରୁଷ ଏବଂ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, ଅପେକ୍ଷା କକ୍ଷ ସହିତ ସବୁ କ୍ଷେତ୍ର, ସବୁ ବିଭାଗର ପୁସ୍ତକ ଉପଲବ୍ଧ କରାଯିବାକୁ ବ୍ୟବସ୍ଥା ହୋଇଛି। ସିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, କର୍ପୋରେଟର ସନ୍ତୋଷ ଭୋଳ, ଇତିଶ୍ରୀ ଦାସ, ଯତୀନ କୁମାର ବେହେରା, ଆଇନଜୀବୀ ସ୍ୱଦେଶ ଦାସଙ୍କ ସମେତ ଯନ୍ତ୍ରୀ, ଅଧିକାରୀମାନେ ଉପସ୍ଥିତ ଥିଲେ।

### ୧୬୦ ଲିଟର ଦେଶୀମଦ ଜବତ, ୩ ଗିରଫ

ମଙ୍ଗୁଳି–ଜଗତପୁର,୨୧।୧୧ (ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ବେଆଇନ ଭାବେ ଦେଶୀ ମଦ ବ୍ୟବସାୟ କରିବା ଅଭିଯୋଗରେ ୩ଜଣ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତପୁର ଥାନା ଅଧୀନ ପଦ୍ମପୁର ଗ୍ରାମର ବାବୁ ସାମଲ, ରାକେଶ ଭୋଇ, ଲକ୍ଷ୍ମଣପୁର ଗ୍ରାମର ଏରିଆ ରାଓ। ସେମାନଙ୍କଠାରୁ ଅବକାରୀ ବିଭାଗ ୧୬୦ ଲିଟର ହାତରନ୍ଧା ମହୁଲି ଦେଶୀମଦ ଜବତ କରିଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ଚୌଦ୍ୱାର ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଯାଞ୍ଚ ପରେ ଜଗତପୁର ନୂଆସାହି, ତଳବଜାର ଓ ବିରୂପା ଅଞ୍ଚଳରୁ ଦେଶୀମଦ ମିଳିଥିଲା। ଅବକାରୀ ବିଭାଗ ୩ଟି ପୃଥକ ମାମଲା (ନଂ. ୧୭୦,୧୭୧,୧୭୩/୨୫) ରୁଜୁ କରିଛି। ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ସୁନୀଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ଥିଲେ।

### ଗାଡ଼ି ବନ୍ଧକ ରଖି ସୁଧ କାରବାର ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

କଟକ ସଦର,୨୧।୧୧(ସୁଶାନ୍ତ କୁମାର ଜେନା)

ଗାଡ଼ି ବନ୍ଧକ ରଖି ସୁଧ କାରବାର କରିବା ଘଟଣାରେ ସମ୍ପୃକ୍ତ ଥିବା କନ୍ଦରପୁର ନିକଟସ୍ଥ ଶଙ୍ଖପୁର ପଞ୍ଚାୟତ ଅନ୍ତର୍ଗତ ସରସୁଦା ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାଜେନ୍ଦ୍ର ଭୋଳ (୫୫)ଙ୍କୁ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ତାଙ୍କ ଘରୁ ୩୮ଟି ବାଇକ୍, ୪ଟି ୪ ଚକିଆ ଗାଡ଼ି, ୩ଲକ୍ଷ ଟଙ୍କାର ସୁନାଗହଣା ଜବତ କରାଯାଇଛି ବୋଲି ବିରିଡି ଥାନା ଅଧିକାରୀ ସୁଜାତା ବେହେରା ସୂଚନା ଦେଇଛନ୍ତି। ରାଜେନ୍ଦ୍ର ବାଇକ୍ ଓ କାର୍ ବନ୍ଧକ ରଖି ଚଢ଼ା ଦରରେ ସୁଧ ନେଇ ଅର୍ଥ କାରବାର କରି ଆସୁଥିଲେ। ରାଜନୈତିକ ପ୍ରଭାବ ବିସ୍ତାର କରି କେତେଜଣ ଲୋକ ତାଙ୍କୁ ସୁରକ୍ଷା ଦେଇ ଆସୁଥିଲେ। ନୂଆ ଥାନା ଅଧିକାରୀ ବେହେରା କାର୍ଯ୍ୟରେ ଯୋଗଦେବା ପରେ ତାଙ୍କ ନିକଟରେ ଏହି କାରବାର ସମ୍ପର୍କରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ପୋଲିସ ୧୬ ତାରିଖ ରାତିରେ ଭୋଳଙ୍କ ଘର ଉପରେ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨୯୫/୨୫) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀ ରାଜଶ୍ରୀଙ୍କ ନାମରେ ମାମଲା ରୁଜୁ କରିଛି।

### ବାରବାଟୀ ନିର୍ବାଚନମଣ୍ଡଳୀର ଉନ୍ନୟନ ବୈଠକ

କଟକ,୨୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଆହ୍ୱାନକ୍ରମେ ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପରିଚାଳନାରେ ବାରବାଟୀ–କଟକ ନିର୍ବାଚନ ମଣ୍ଡଳୀର ଉନ୍ନୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରବାଟୀ–କଟକ ନିର୍ବାଚନ ମଣ୍ଡଳୀର ସମସ୍ତ ଉନ୍ନୟନ କାର୍ଯ୍ୟ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ସିଏମ୍‌ସି ପକ୍ଷରୁ କଟକ ସହରର ବିଭିନ୍ନ ରୋଡ୍ କାର୍ଯ୍ୟକୁ ତ୍ୱରାନିତ କରିବା, ଆରଆଣ୍ଡବି ରୋଡ କାର୍ଯ୍ୟ ଶେଷ କରିବା, ଜାଇକା ସଂଯୋଗ କାର୍ଯ୍ୟ ଆରମ୍ଭ କରିବା, ବିଭିନ୍ନ ବିଦ୍ୟାଳୟଗୁଡିକର ମରାମତି କାର୍ଯ୍ୟ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାୟକ, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ଉପନିର୍ଦ୍ଦେଶକ ପ୍ଲାନିଂ ବିଶ୍ୱରଞ୍ଜନ ଦାସଙ୍କ ସମେତ କଟକ ଜିଲା ପରିଷଦ ଅଧିକାରୀ, ସିଏମ୍‌ସି ଅଧିକାରୀ, ସିଡିଏ ଅଧିକାରୀ, ଆରଆଣ୍ଡବି ଡିଭିଜନ ୧, ୨, ତହସିଲ କଟକ ସଦର ଓ ବାରଙ୍ଗ ଅଧିକାରୀ, ଜିଲା ଶିକ୍ଷା ମଣ୍ଡଳ ଅଧିକାରୀ, ପଞ୍ଚାୟତ ସମିତି କଟକ ସଦର, ଜିଲା ସଂସ୍କୃତି ବିଭାଗ, ଜିଲା ପର୍ଯ୍ୟଟନ ବିଭାଗ, ୱାଟକୋ ସ୍ୱରେଜ ଅଧିକାରୀ, ପ୍ଲାନିଂ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବାରବାଟୀ ନିର୍ବାଚନ ମଣ୍ଡଳୀର ଉନ୍ନୟନ ବୈଠକରେ ଆଲୋଚନା କରାଯାଉଛି।

# ଉତ୍କଳକେଶରୀଙ୍କ ଆଚରଣ, ଉଚ୍ଚାରଣରେ ଥିଲା ସତ୍ୟନିଷ୍ଠତା

କଟକ,୨୧।୧୧(କାର୍ତ୍ତିକ ସାହୁ)

**ଜିଲାସ୍ତରୀୟ ୧୨୬ତମ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଜୟନ୍ତୀ**


ପ୍ରେସ୍‌ଛକସ୍ଥିତ ମହତାବଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସମାଜରେ ସମାନତା ଆଣିବା ପାଇଁ ଡ. ହରେକୃଷ୍ଣ ମହତାବ ୯୦ ବର୍ଷ ତଳେ ଉଦ୍ୟମ ଆରମ୍ଭ କରିଥିଲେ। ୧୯୪୮ରେ ଅହିଂସାତ୍ମକ ଭାବେ ଅସବର୍ଣ୍ଣମାନଙ୍କୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରବେଶ କରାଇବାର ଉଦ୍ୟମ କରି ସଫଳ ହୋଇଥିଲେ। ସେ କହୁଥିଲେ, କ୍ଷମତା ଜରିଆରେ ଯାହା କରାଯାଏ ତାହା ଚିରସ୍ଥାୟୀ ନୁହେଁ। ଲୋକଙ୍କ ମନକୁ ପରିବର୍ତ୍ତନ କରି କରାଯାଉଥିବା କାର୍ଯ୍ୟ ଚିରସ୍ଥାୟୀ ହୋଇ ରହେ। ଉତ୍କଳକେଶରୀଙ୍କ ଆଚରଣ, ଉଚ୍ଚାରଣରେ ସତ୍ୟନିଷ୍ଠତା ଥିଲା। ପ୍ରେସଛକସ୍ଥିତ ମହତାବଙ୍କ ପ୍ରତିମୂର୍ତ୍ତି ନିକଟରେ ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ ୧୨୬ତମ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଜୟନ୍ତୀରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏହା କହିଛନ୍ତି। ଏମ୍‌ପି ମହତାବ ଆହୁରି କହିଲେ ଯେ, ରାଜ୍ୟର ସୀମାକୁ ବଢ଼େଇଥିବା, ଦକ୍ଷିଣରୁ ସୁନା ଆଣି ଜଗନ୍ନାଥଙ୍କର ସୁନାବେଶ କରିଥିବା ତଥା ଓଡ଼ିଆ ଭାବରେ ଗର୍ବ କରୁଥିବା ଉତ୍କଳର ଗଜପତି କପିଳେନ୍ଦ୍ର ଦେବଙ୍କର ଅବଦାନ ଅତୁଳନୀୟ। ସେହି କପିଳେନ୍ଦ୍ରଦେବଙ୍କ ବିଶାଳ ପ୍ରତିମୂର୍ତ୍ତି ଉପର ବାଲିଯାତ୍ରା ପଡ଼ିଆରେ ସ୍ଥାପନ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ମହତାବ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଟକ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ, ସାମାଜିକ କର୍ମୀ ନୟନ କିଶୋର ମହାନ୍ତି, କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ଡ. ହରେକୃଷ୍ଣ ମହତାବ ଜୟନ୍ତୀ କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଭାତ କୁମାର ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇ ଡ. ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡିସିପି ଖିଲାରୀ ଋଷିକେଷ ଦ୍ୟାନଦେଓ, ସିଏମ୍‌ସି କମିଶନର କିରନଦୀପ କୌର ସହୋତା, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ହରେକୃଷ୍ଣ ମହତାବ ଜୟନ୍ତୀ କମିଟି ଉପସଭାପତି ପ୍ରଫୁଲ୍ଲ କୁମାର ସିଂହ ଧନ୍ୟବାଦ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

# 'ଭାରତୀୟ ଦର୍ଶନ ଦ୍ୱାରା ବିଜ୍ଞାନ ପରିପୁଷ୍ଟ ହୋଇଛି'

ବାଲୁଗାଁ,୨୧।୧୧(ସଂଗ୍ରାମ ପାଇକରାୟ)



ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବିଶ୍ୱ ଦର୍ଶନ ଦିବସ ଅବସରରେ ଶୁକ୍ରବାର ବାଲୁଗାଁ ମହାବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ବିଜ୍ଞାନରେ ଦର୍ଶନର ପ୍ରାସଙ୍ଗିକତା ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଏବଂ ଦର୍ଶନର ଜନକ ଦାର୍ଶନିକ ସକ୍ରେଟିସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗ ମୁଖ୍ୟ କୈଳାସ ଚନ୍ଦ୍ର ମହାରଣା ବିଶ୍ୱଦର୍ଶନ ଓ ଜାତୀୟ ଆଲୋଚନାଚକ୍ରର ଭିତ୍ତି ପ୍ରବନ୍ଧ ତଥା ପ୍ରସଙ୍ଗ ଉପସ୍ଥାପିତ କରିଥିଲେ। ଏଥିସହ ଦର୍ଶନ ପରିବାରର ବାର୍ଷିକ ପତ୍ରିକା ଦାର୍ଶନିକ ଧାରଣାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖ୍ୟ ଆଲୋଚକଭାବେ ଭୁବନେଶ୍ୱର ଆଇଆଇଟିର ସହାୟକ ପ୍ରଫେସର ଆର୍.ଭେଙ୍କଟ ରାଘବନ ଯୋଗଦେଇ ଆଧୁନିକ ବିଜ୍ଞାନରେ ଦର୍ଶନର ପ୍ରାସଙ୍ଗିକତା ଶୀର୍ଷକରେ କହିଥିଲେ ଯେ, ଦର୍ଶନ ସମସ୍ତ ଚିନ୍ତନର ମାଧ୍ୟମ, ଏହା ସବୁ ବିଦ୍ୟାର ଉତ୍ସ ଓ ସମସ୍ତ ଜ୍ଞାନ ବିଜ୍ଞାନର ପୁନଃ ମୂଲ୍ୟାୟନ କରିଥାଏ। ମୁଖ୍ୟ ଅତିଥିଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଭିଜିଟିଂ ପ୍ରଫେସର ଅନୁପ ରାୟ ଯୋଗଦେଇ ଆଧୁନିକ ବିଜ୍ଞାନରେ ଭାରତୀୟ ଦର୍ଶନର ପ୍ରଭାବ ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ, ଭାରତୀୟ ଦର୍ଶନର ଅନେକ ତତ୍ତ୍ୱ ବିଜ୍ଞାନ ଗ୍ରହଣ କରିଛି ଏବଂ ବିଜ୍ଞାନ ଏହା ଦ୍ୱାରା ପରିପୁଷ୍ଟ ହୋଇଛି। ବିଜ୍ଞାନର ପରମ ସିଦ୍ଧାନ୍ତରେ ଦାର୍ଶନିକ ହିଁ ସହାୟକ ହୋଇପାରେ। ସମ୍ମାନିତ ଅତିଥିଭାବେ ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ବିଜ୍ଞାନ ଓ ଦର୍ଶନ ପରିପୂରକ ବୋଲି କହିଥିଲେ। ଛାତ୍ରୀ ସୋନାଲି ବିଶ୍ୱାସ, ଲୋପା ସେନ, କେ.ପୂଜା ରାଓ, କାଇଁଚ ଶବର ଦର୍ଶନ ଓ ବିଜ୍ଞାନ ସମ୍ପର୍କିତ ପ୍ରବନ୍ଧ ପାଠ କରିଥିଲେ। ବିଶ୍ୱ ଦର୍ଶନ ଦିବସ ଉପଲକ୍ଷେ ଅନୁଷ୍ଠିତ ଦର୍ଶନ କୁଇଜ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସନ୍ଧ୍ୟାରାଣୀ ପାଇକରାୟ, ସରସ୍ୱତୀ ଘଟୁଆଳି, ଲୋପା ସେନ୍‌ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସନ୍ଧ୍ୟାରାଣୀ ପାଇକରାୟ ମଞ୍ଚ ସଞ୍ଚାଳନ କରିଥିଲେ। ସରସ୍ୱତୀ ଘଟୁଆଳି ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ଜିଲା ପରିଷଦ ସଭ୍ୟ ରଘୁନାଥଙ୍କ ପରଲୋକ

ଟାଙ୍ଗୀ,୨୧।୧୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ୧୦ନମ୍ବର ଜିଲାପରିଷଦ ପୂର୍ବତନ ସଭ୍ୟ ତଥା କୁହୁଡ଼ି ପ୍ରାଥମିକ ସେବା ସମବାୟ ସମିତି ସଭାପତି ରଘୁନାଥ ବେହେରାଙ୍କ ଶୁକ୍ରବାର କୁହୁଡ଼ିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ପବିତ୍ର ହରିଚନ୍ଦନ, ଭାଜପା ମଣ୍ଡଳ ସଭାପତି ଜୟରାମ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ବେହେରା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ପବିତ୍ର ଭୁଜବଳ, ସୁଶାନ୍ତ ରାଉତରାୟ, ଭାଗୀରଥି ସାମନ୍ତରାୟ, ବିପିନ ଉଦୟ ସିଂ, ସର୍ବେଶ୍ୱର ରାଉତରାୟ, କୃଷ୍ଣ ସୁବୁଧିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ଜଣେ ମହିଳାଙ୍କ ସମେତ ୨ ଗିରଫ

ଖୋର୍ଦ୍ଧା/ନିରାକାରପୁର,୨୧।୧୧
(ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗୁରୁବାର ମଧ୍ୟାହ୍ନରେ ଗୁରୁଜଙ୍ଗ ମେଲଣ ପଡ଼ିଆରେ ଚଢ଼ାଉ କରି ୪କେଜି ଗଞ୍ଜେଇ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଟାଙ୍ଗୀସାହିର ଅପି ଓରଫ ଜିତେନ୍ଦ୍ର ସୁନ୍ଦରାୟ(୪୬)। ଏଥିସହ ତାଙ୍କଠାରୁ ୨୦୧୦ଟଙ୍କା ଏବଂ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ,୪୯୮/୨୫) ରୁଜୁ ହୋଇଛି। ସୂଚନା ମୁତାବକ, ଗୁରୁଜଙ୍ଗ ମେଲଣ ପଡ଼ିଆରେ ଜଣେ ବେପାରୀ ଗଞ୍ଜେଇ ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ଖବରପାଇ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସଦର ଡିଏସ୍‌ପି ନିହାର ପ୍ରଧାନ ଏବଂ ଥାନାଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ସ୍ୱାଗତିକା ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତ ଖସିଯିବାକୁ ଉଦ୍ୟମ ବେଳେ ପୋଲିସ ଚାରିପଟୁ ଘେରିଯାଇ ତାଙ୍କୁ ଧରିବା ସହ ଗଞ୍ଜେଇ ଜବତ କରିଥିଲା। ଏହି ଗଞ୍ଜେଇ ସେ କେଉଁଠାରୁ ଆଣିଥିଲେ, ଏହାର ପଛରେ ଅନ୍ୟ କେଉଁମାନେ ରହିଛନ୍ତି ସେନେଇ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ନାୟକ କହିଛନ୍ତି।

### ୬ କେଜି ଗଞ୍ଜେଇ ଜବତ

ସେହିପରି ୧୬ନମ୍ବର ଜାତୀୟ ରାଜପଥର ବଡ଼ପୋଖରୀଆ ବସ୍‌ଷ୍ଟାଣ୍ଡରୁ ନିରାକାରପୁର ଥାନା ପୋଲିସ ଜଣେ ମହିଳା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ବୋଡ଼ଙ୍ଗରା ଗ୍ରାମର ବାସନ୍ତୀ ଭଞ୍ଜ(୪୨)। ତାଙ୍କ ନିକଟରୁ ୬କେଜି ଗଞ୍ଜେଇ ଜବତ ହୋଇଛି। ପୋଲିସ ସୂଚନା ମୁତାବକ, ବାସନ୍ତୀ ଏବଂ ତାଙ୍କ ସ୍ୱାମୀ ପେଶାରେ ଗଞ୍ଜେଇ ବେପାରୀ। ଉଭୟ ଦୀର୍ଘଦିନ ହେବ ଏହି ବେପାର କରୁଛନ୍ତି। ଏମାନଙ୍କୁ ଜଙ୍କିଆ ଥାନା ଅଞ୍ଚଳର ଜଣେ ବେପାରୀ ଚୋରାରେ ଏହି ଗଞ୍ଜେଇ ଯୋଗାଇଥାନ୍ତି। ଏହି ଗଞ୍ଜେଇକୁ ନେଇ ସେମାନେ ଖୋର୍ଦ୍ଧା ଅଞ୍ଚଳରେ ବିକ୍ରି କରିଥାନ୍ତେ ବୋଲି ପୋଲିସ ପ୍ରାଥମିକ ତଦନ୍ତରେ ଜାଣିବାକୁ ପାଇଛି। କୌଣସି ସୂତ୍ରରୁ ଖବରପାଇ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏସ୍‌ଆଇ ଦୀପାଳିଶା ନାୟକ, ହାବିଲଦାର ରତ୍ନାକର ବେହେରା ପ୍ରମୁଖ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ତେବେ ବାସନ୍ତୀଙ୍କ ସ୍ୱାମୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୩୦୧/୨୫) ରୁଜୁ ହୋଇଛି। ଖୁବ୍‌ଶୀଘ୍ର ବାସନ୍ତୀଙ୍କ ସ୍ୱାମୀଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରାଉତରାୟ କହିଛନ୍ତି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୨୦୧ **ବିଜ୍ଞାପନ** ତା.୦୧.୧୧.୨୫

**No.CAD-2402**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଛେଣ୍ଡ କଲୋନୀ, ତୃତୀୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ.ଏମ୍.ଆଇ.ଜି.-୨-୨୦୨, (MIG-II-202) କୁ ମିସ୍ ବାସନ୍ତୀ ମଞ୍ଜରୀ ନନ୍ଦ, ପି-ବାଞ୍ଛାନିଧି ନନ୍ଦ, ଗ୍ରା/ପୋ-ସାହାଜବାହାଲ, ଥା-ବାରଗାଁ, ଜି-ସୁନ୍ଦରଗଡଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ମିସ୍ ବାସନ୍ତୀ ମଞ୍ଜରୀ ନନ୍ଦ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ସରୋଜ ରଂଜନ ନନ୍ଦ, ପି-ବାଞ୍ଛାନିଧି ନନ୍ଦ, ଗ୍ରା/ପୋ-ସାହାଜବାହାଲ, ଥା-ବାରଗାଁ, ଜି-ସୁନ୍ଦରଗଡଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୨୪୧ **ବିଜ୍ଞାପନ** ତା.୬.୧୧.୨୫

**No.CAD-2407**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭୁବନେଶ୍ୱର ବରମୁଣ୍ଡା ହାଉସିଂ ପ୍ରକଳ୍ପରେ ଗୃହ ନଂ ଏଚ.ଆଇ.ଜି-ଡି-ସି-୬୨ (HIG-D-C-62) ଟିକୁ ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ସ୍ୱାମୀ ଶିବ ପ୍ରସାଦ ମିଶ୍ର, ସା-ଦମକଟା, ପୋ-ନିମସାହି, ଥାନା-ନରସିଂହପୁର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଡଲି ବିଶ୍ୱାଳ, ସ୍ୱାମୀ-ବ୍ରହ୍ମାନନ୍ଦ ବିଶ୍ୱାଳ, ସା-ପ୍ଲଟ ନଂ-୯୨, ଏ, ଲେନ-୩, ରୋଡ-୧, ଜଗନ୍ନାଥ ବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-

## OFFICE OF THE MUNICIPAL COUNCIL, DEOGARH

Phone No.06641-295020, E-mail: eo-deogarhmncp@gov.in
No.2670/ DMC Dt.19.11.2025

**"e" Procurement Notice**
**Bid Identification No.EO/DM/02/2025-26**

**No.C-1540:** Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. www.tendersodisha.gov.in

1. Nature of Work : Civil Work
2. No. of Works : 19 No.
3. Estimated Cost : As per NIT
4. Period of Completion : As per NIT
5. Date and Time of availability of the Documents in the Portal : From 11 hours of 21.11.2025 to 17 hours of 2.12.2025
6. Last date/time for receipt of Bids in the portal : Dt.02.12.2025 at 17 hours.
7. Original Document Submit : Dt.03.12.2025 at 17 hours
8. Bids received online shall be opened on : Dt.04.12.2025, at 17 hours
9. Name and address of the Officer Inviting Bid : Executive Officer Deogarh Municipality

Further the details can be seen from the procurement Portal **www.tendersodisha.gov.in.**

OIPR-

**Sd./- Executive Officer**
**Deogarh Municipality**

## obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ No.CAD-2414

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

No. 9876 Date:20.11.2025
File: SMT-2087 **NOTICE INVITING TENDER**

| | | |
|---|---|---|
